R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୩
ତିଥି: ଷଷ୍ଠୀ
୧୮ ଅଗଷ୍ଟ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 313
18 August 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବନ୍ୟାରେ ୬ ଜିଲ୍ଲାର ୭.୮୫ ଲକ୍ଷ ପ୍ରଭାବିତ

ଭୁବନେଶ୍ୱର, ୧୭।୮ (ସବ୍ୟୁ): ଓଡ଼ିଶାରେ ବନ୍ୟା ପିଛା ଛାଡୁନି । ଗୋଟିଏ ପରେ ଗୋଟିଏ ବନ୍ୟା, ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ଗତ ୧୫ ଦିନ ହେବ ବନ୍ୟା ପାଣିରେ ଯନ୍ତ୍ରଣା ଭୋଗୁଛନ୍ତି ୬ ଜିଲ୍ଲାର ଅଞ୍ଚଳବାସୀ। ବନ୍ୟାରେ ପୁଣି ୪୪୮ ପଞ୍ଚାୟତର ୭ ଲକ୍ଷ ୮୫ ହଜାର ୧୯ ୯ ଲୋକ ପ୍ରଭାବିତ ହୋଇଛନ୍ତି ।



- ୩୯ ଓଡ୍ରାଫ, ୭ ଏନ୍‌ଡିଆର୍‌ଏଫ୍, ୫୩ ଅଗ୍ନିଶମ ଟିମ
- ୨ ଲକ୍ଷ ୭୭ ହଜାରଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର
- ୬୬ ବ୍ଲକର ୪୪୮ ପଞ୍ଚାୟତ, ୧୦ ପୌରାଞ୍ଚଳ କ୍ଷତିଗ୍ରସ୍ତ

ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ ତଥ୍ୟ ଅନୁଯାୟୀ, ଦ୍ୱିତୀୟ (୯ ପୃଷ୍ଠାରେ)

## ବୈତରଣୀରେ ପୁଣି ଆସୁଛି ବଡ଼ ବନ୍ୟା

ଭଦ୍ରକ/ଧାମନଗର/ଦୋବଲ, ୧୭।୮ (ଜିପ୍ର/ସବ୍ୟୁ) : ବୈତରଣୀ ନଦୀର ଉପରମୁଣ୍ଡରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହେତୁ ବୈତରଣୀ ନଦୀରେ ପୁଣି ଏକ ବଡ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବିଗତ ଏକ ମାସ ମଧ୍ୟରେ ବୈତରଣୀ ନଦୀରେ ତିନୋଟି ବନ୍ୟା ଆସି ଧାମନଗର ଅଂଚଳରେ ନାହିଁ ନଥିବା କ୍ଷୟକ୍ଷତି ଘଟାଇଥିବାବେଳେ ବନ୍ୟାଞ୍ଚଳ ଲୋକେ ଚରମ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ବୈତରଣୀରେ ଆସୁଥିବା ଚତୁର୍ଥ ବନ୍ୟା ଲୋକଙ୍କୁ ଆତଙ୍କିତ କରିଛି । ଗେଙ୍ଗୁଟି ନଦୀର ବନ୍ୟା ସ୍ରୋତରେ ଭାସିଯାଇ ଧାମନଗର ବ୍ଲକ ଅନ୍ତର୍ଗତ ପାହାଡପୁର ଗ୍ରାମର ନିଖୋଜ ଗଣେଶ ଯେନାଙ୍କ ମୃତଦେହ ଚାରିଦିନ ପରେ ଘଟଣାସ୍ଥଳର ପ୍ରାୟ ଦେଢ କିଲୋମିଟର ଦୂର ଗାଇଛନ୍ଦା ଚଟାଣ ନିକଟରୁ ଉଦ୍ଧାର କରାଯାଇଛି ।

ବିଗତ ୨୪ଘଣ୍ଟା ମଧ୍ୟରେ ବୈତରଣୀ ନଦୀର ଉପରମୁଣ୍ଡ କେନ୍ଦୁଝର ଠାରେ ୨୦.୪ (୯ ପୃଷ୍ଠାରେ)

# ବନ୍ୟାଞ୍ଚଳରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୭।୮,(ସବ୍ୟୁ): ଲଗାଣ ବର୍ଷା ଯୋଗୁଁ ଯାଜପୁର ଓ ବାଲେଶ୍ୱର ଜିଲ୍ଲାରେ ଯୋଗୁଁ ଯାଜପୁର ଓ ବାଲେଶ୍ୱର ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳକୁ ପ୍ରତ୍ୟକ୍ଷ ଭାବେ ଯାଇ ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି । ବୋର୍ଡରେ ବନ୍ୟାଞ୍ଚଳକୁ ଯାଇ ଭେଟିବା ସହ ସେମାନଙ୍କ ସହିତ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଅଛନ୍ତି ।

ମୁଖ୍ୟମନ୍ତ୍ରୀ ପ୍ରଥମେ (୯ ପୃଷ୍ଠାରେ)

# ଛାତ୍ରଙ୍କ ଦାବି ମାନିଲେ ଝାଡ଼ଖଣ୍ଡ ସରକାର

ନୂଆଦିଲ୍ଲୀ,୧୭।୮: ଝାଡଖଣ୍ଡ ସରକାର ଆନ୍ଦୋଳନରତ ଛାତ୍ରଙ୍କ ଦାବିକୁ ମାନି ନେଇଛନ୍ତି । ଜେଏସ୍‌ଏସ୍‌ସି-ସିଜିଏଲ୍ ପରୀକ୍ଷାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବାତିଲ କରିଛନ୍ତି । ଏହାଛଡ଼ା ୨୦୧୪ରୁ ଡିଡିପିଏଲ୍ ଦ୍ୱାରା ହୋଇଥିବା ସମସ୍ତ ପରୀକ୍ଷାର ସିଆଇଡି ତଦନ୍ତ ହେବ ବୋଲି ଘୋଷଣା କରିଛନ୍ତି । ଏହି ତଦନ୍ତ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା କରାଯିବ । ଟିଡିପିଏଲ୍ ଦ୍ୱାରା ଯେଉଁ ଫଳ ପ୍ରକାଶ ପାଇଛି ତାହାକୁ ବାତିଲ କରାଯାଇଛି । ସରକାର ଓ ପ୍ରତିବାଦକାରୀ ଛାତ୍ରଙ୍କ ମଧ୍ୟରେ ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ହେମନ୍ତ

### ହେମନ୍ତଙ୍କୁ ରାହୁଲଙ୍କ ଚିଠି

ସୋରେନ୍ ଏହି ନିଷ୍ପତ୍ତି ନେଇଛନ୍ତି ।

ସୂଚନାଯୋଗ୍ୟ ଝାଡଖଣ୍ଡର ଆନ୍ଦୋଳନରତ ଛାତ୍ରଙ୍କ ସହ ଆଲୋଚନା କରିବା ପାଇଁ (୯ ପୃଷ୍ଠାରେ)

# ସାର ସଙ୍କଟ : ରାତି ଅଧରୁ ଚାଷୀଙ୍କ ଲମ୍ବା ଧାଡ଼ି

ସୁନ୍ଦରଗଡ଼, ୧୭।୮ (ସବ୍ୟୁ) : ପଶ୍ଚିମ ଓଡ଼ିଶାରେ ସାରର କୃତ୍ରିମ ଅଭାବ ସୃଷ୍ଟି ହୋଇଛି। ଘରୋଇ ସାର ଦୋକାନରେ ସାର ମିଳୁନଥିବା ବେଳେ କଳାବଜାରୀ ଜୋର ଧରିଛି । ଏପରିକି ସରକାରୀ ବା ସମବାୟ ମାଧ୍ୟମରେ ମିଳୁଥିବା ସାର ପାଇଁ ଚାଷୀଙ୍କ ନିଦ ହଜିଯାଉଛି । ଫଳରେ ସାର ପାଇଁ ରାତି ଅନିଦ୍ରା ହେଉଛନ୍ତି ଚାଷୀ । ଧାଡ଼ିରେ ପଥର, ଆଧାର ରଖି ସମବାୟ ସଂସ୍ଥା ଉପରେ ଆଶା ବାନ୍ଧି ବସିଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ଆରସିଏମ୍‌ଏସ୍ କେନ୍ଦ୍ରରୁ ଏଭଳି ସ୍ଥିତି ସାମ୍ନାକୁ ଆସିଛି । ଏହି ଦୃଶ୍ୟ ସତରେ ଚାଷୀଙ୍କ ଚିନ୍ତା ବଢ଼ାଇଛି ।

ଚଳିତ ଚାଷ ଋତୁ ଆରମ୍ଭରୁ ୟୁରିଆ ଏବଂ ଡିଏପି ସାରର ଭୟାବହ ସଙ୍କଟ ଦେଖାଯାଇଛି । ଖୋଲାବଜାରରେ ସାର ମିଳୁନଥିବାରୁ ଚାଷୀମାନେ ସମବାୟ ସଂସ୍ଥା (ପ୍ୟାକ୍ସ) ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପଡ଼ିଛନ୍ତି । ସୋମବାର ସୁନ୍ଦରଗଡ଼ ଆରସିଏମଏସ କେନ୍ଦ୍ରରେ ପଞ୍ଜିକୃତ ଚାଷୀଙ୍କୁ ସାର ବଣ୍ଟନ କରାଯିବାର ବ୍ୟବସ୍ଥା ଥିଲା । ମାତ୍ର ସାର ପାଇବା ଆଶାରେ ଚାଷୀମାନେ ରାତି ୨ଟା ଓ ୩ଟାରୁ ଆସି କେନ୍ଦ୍ର ଆଗରେ ପଥର, କାଗଜ ଏବଂ ଜରି ବ୍ୟାଗ ରଖି ଲାଇନରେ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି । ସକାଳ ୧୦ଟାରେ କେନ୍ଦ୍ର ଖୋଲିବାକୁ ଥିବାବେଳେ ରାତି ଅନିଦ୍ରା ହୋଇ ଚାଷୀମାନେ (୯ ପୃଷ୍ଠାରେ)

# ଇଡି, ସିବିଆଇକୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୭।୮: ସୁପ୍ରିମକୋର୍ଟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି ମିଳିଛି । ଏହାଛାଡ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି ମୋହନାକୁ ନେଇ ଗଠିତ ଖଣ୍ଡପୀଠ ନୋଟିସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସିବିଆଇ ଓ ଇଡିକୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହ ଯଦି ଏତେ ଗୁରୁତର ଥିଲା ଚୁପ କାହିଁକି ରହିଥିଲା । ଏହାଛଡା ଆହ୍ଲାବାଦ ହାଇକୋର୍ଟ ଆଦେଶ ଅନୁସାରେ ସିବିଆଇ ଇଡି କିମ୍ବା ଅନ୍ୟ କୌଣସି ସଂସ୍ଥା କୌଣସି ରିପୋର୍ଟ ଦାଖଲ କରିପାରିବେ ନାହିଁ । ଖଣ୍ଡପୀଠ ମଧ୍ୟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି (୯ ପୃଷ୍ଠାରେ)



## ରଶ୍ମିକା ପୁଣି ଆହତ



ସାଉଥ୍ ଓ ବଲିଉଡ୍‌ର ଚର୍ଚ୍ଚିତ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିକଟରେ ଫିଲ୍ମ 'ମାୟସା'ର ଏକ ଡ୍ୟାନ୍ସ ସିକ୍ୱେନ୍ସ ସୁଟିଂ ସମୟରେ ଆହତ ହୋଇଛନ୍ତି । ତାଙ୍କ ଡାହାଣ ଅଣ୍ଟାରେ ଗମ୍ଭୀର ଭାବେ ଆଘାତ ଲାଗିଥିବା ଜଣା ପଡିଛି । ଯାହାଫଳରେ ସେ ଏବେ ଘରେ ବିଶ୍ରାମ ନେଇ ସୁସ୍ଥ ହେଉଥିବା ସୂଚନା ଦେଇଛନ୍ତି । କ୍ରମାଗତ ତୃତୀୟ ଥର ପାଇଁ ଶରୀରରେ ଆଘାତ ଲାଗିଥିବାରୁ ସେ ନିଜ ନିୟମିତ ୱର୍କଆଉଟ୍ ଓ ଦୌଡ଼ାଦୌଡ଼ିରୁ ଦୂରେଇ ରହି ପରିବାର ସହ ସମୟ ବିତାଉଛନ୍ତି । ଏହି ମାଧ୍ୟମରେ ସେ ନିଜ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ଭଲ ଥିବା ସୋସିଆଲ ମିଡିଆରେ ଜଣାଇ ସମସ୍ତ ପ୍ରଶଂସକଙ୍କୁ ଧନ୍ୟବାଦ ଦେଇଛନ୍ତି । ରଶ୍ମିକାଙ୍କ ଏହି ଆଘାତ କାରଣରୁ ନିର୍ମାଣାଧୀନ ବଡ଼ ବଡ଼ ସିନେମାର ସୁଟିଂ ଓ ମୁକ୍ତିଲାଭ ତାରିଖ ପ୍ରଭାବିତ ହୋଇଛି । ବିଜୟ ଦେବରକୋଣ୍ଡାଙ୍କ ସହ ତାଙ୍କର ବହୁପ୍ରତୀକ୍ଷିତ ଫିଲ୍ମ 'ରଣାବାଲୀ'ର ମୁକ୍ତିଲାଭ ସେପ୍ଟେମ୍ବର ୨୦୨୬ରୁ ଅକ୍ଟୋବରକୁ ଘୁଞ୍ଚିବା ପୂର୍ବାନୁମାନ କରାଯାଉଛି । ସେହିଭଳି ଅଲ୍ଲୁ ଅର୍ଜୁନ ଓ ନିର୍ଦ୍ଦେଶକ ଅଟଲିଙ୍କ ଆଗାମୀ ଫିଲ୍ମ 'ରାକା'ର ସୁଟିଂ ପ୍ରାୟ ୪୫ ଦିନ ବିଳମ୍ବିତ ହୋଇଛି, କାରଣ ନିର୍ଦ୍ଦେଶକ ତାଙ୍କର ସମ୍ପୂର୍ଣ୍ଣ ଆରୋଗ୍ୟକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନେଇଛନ୍ତି ।

## ୧୦ଟି ନାକ ଥିବା ମହିଳା



ବ୍ରିଟେନ୍‌ର ଜେନ୍ ହାର୍ଡ଼ମ୍ୟାନ୍ ନାମ୍ନୀ ଜଣେ ମହିଳା ଏକ ଦୁର୍ଲଭ ଅଟୋଇମ୍ୟୁନ୍ ରୋଗ କାରଣରୁ ନିଜର ପ୍ରାକୃତିକ ନାକ ହରାଇଥିଲେ । ଯାହାପରେ ଏବେ ଚୁମ୍ବକ ସାହାଯ୍ୟରେ ସେ ୧୦ରୁ ଅଧିକ ପ୍ରକାରର କୃତ୍ରିମ ନାକ ଲଗାଉଛନ୍ତି । ରୋଗ ଯୋଗୁଁ ନାକର ଆକୃତି ନଷ୍ଟ ହୋଇଯିବାରୁ ସେ ପ୍ରାୟ ୧୮ ମାସ ଧରି ଘରୁ ବାହାରି ନଥିଲେ । ଡାକ୍ତରମାନେ ପ୍ରଥମେ ଲଗାଉଥିବା ଗ୍ଲୁ-ଆଧାରିତ ନାକ ମଧ୍ୟ ଚେହେରାର ବଦଳୁଥିବା ଗଠନ ଯୋଗୁଁ କାମ ଦେଇ ନଥିଲା । ପରବର୍ତ୍ତୀ ସମୟରେ ଡାକ୍ତରମାନେ ତାଙ୍କ ମୁହଁର ହାଡ଼ରେ ଛୋଟ ଛୋଟ ମ୍ୟାଗ୍ନେଟିକ୍ ଇମ୍ପ୍ଲାଣ୍ଟ ବସାଇବା ପରେ ସେ ନିଜେ ସହଜରେ ବିଭିନ୍ନ ସ୍କିନ୍ ଟୋନ୍ ଓ ଅବସର ଅନୁସାରେ ଏହି ନାକଗୁଡ଼ିକୁ ବଦଳାଇ ପାରୁଛନ୍ତି । ବର୍ତ୍ତମାନ ଜେନ୍ ସୋସିଆଲ ମିଡିଆରେ ଭିଡିଓ ସେୟାର କରି ନିଜ ଅନୁଭୂତି ଜଣାଇବା ସହ ଅନ୍ୟ ପ୍ରୋସ୍ଥେଟିକ୍ ବ୍ୟବହାରକାରୀଙ୍କୁ ସଚେତନ ଓ ଉତ୍ସାହିତ କରୁଛନ୍ତି ।

## ସୁନାରେ ସଜାଯାଇଥିବା ମିଠା

ଜୟପୁରର 'ତ୍ୟୋହାର ସ୍ୱିଟ୍ସ' ପକ୍ଷରୁ ତିଜ୍ ପର୍ବ ନିମନ୍ତେ ପ୍ରସ୍ତୁତ 'ସ୍ୱର୍ଣ୍ଣ ଶୃଙ୍ଗାର' ନାମକ ଏକ ସ୍ୱତନ୍ତ୍ର ଘେବର ବର୍ତ୍ତମାନ ତାହାର ଆକର୍ଷଣୀୟ ମୂଲ୍ୟ ଓ ଉପାଦାନ ପାଇଁ ଚର୍ଚ୍ଚାରେ ରହିଛି । ଏହାକୁ ୨୪ କ୍ୟାରେଟ୍ ଖାଇବା ଉପଯୋଗୀ ସୁନା, ଇରାନୀ କେଶର, ଗୋଲ୍ଡେନ୍ ୱର୍କ ଏବଂ ପିସ୍ତା, କାଜୁ, ବାଦାମ ଭଳି ପ୍ରିମିୟମ୍ ଡ୍ରାଇ ଫ୍ରୁଟ୍ସରେ ସଜାଯାଇଥିଲା । ଏହି



ଘେବରର ଗୋଟିଏ ପିସ୍‌ର ଓଜନ ପ୍ରାୟ ୩୮୦ ରୁ ୪୦୦ ଗ୍ରାମ୍ ହୋଇଥିବା ବେଳେ ଏହାର ମୂଲ୍ୟ ୨୧ ହଜାର ଟଙ୍କା (କିଲୋପ୍ରତି ୫୧ ହଜାର ଟଙ୍କା) ରଖାଯାଇଛି । ଦୋକାନର ମାଲିକାଣୀ ଅଞ୍ଜଳି ଜୈନଙ୍କ ଅନୁସାରେ, ଲଞ୍ଚ୍ ହେବାର ମାତ୍ର ଗୋଟିଏ ଦିନ ମଧ୍ୟରେ ଏହାର ଦୁଇଟି ପିସ୍ ବିକ୍ରି ହୋଇସାରିଥିବା ବେଳେ ଏବେ ଜୟପୁର ବାହାରେ ଥିବା ଗ୍ରାହକଙ୍କ ପାଖକୁ ମଧ୍ୟ ଏହାକୁ ପହଞ୍ଚାଇବା ପାଇଁ ପ୍ରସ୍ତୁତି ଚାଲିଛି ।

## ଚୋରାଚାଲାଣ ଅଭିଯୋଗରେ ଘୋଡା ଅଟକ



ବିହାରର ମୋତିହାରୀସ୍ଥିତ ପହାଡ଼ପୁର ଥାନା ପୋଲିସ ମଦ ଚୋରା ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କ ସହ ଏକ ଘୋଡ଼ାକୁ ଅଟକ ରଖି ଥାନାକୁ ନେଇଛି । ପୋଲିସ ସୂଚନା ଆଧାରରେ ଘେରାବନ୍ଦୀ କରି ନୌତନ ନିବାସୀ ରାହୁଲ କୁମାର ନାମକ ଯୁବକଙ୍କୁ ଘୋଡ଼ା ସହ ଧରିଥିଲା । ଘୋଡା ପିଠିରେ ଲଦାଯାଇଥିବା ଅଖାରୁ ୫୨.୫୬୦ ଲିଟର ବିଦେଶୀ ମଦ ଜବତ କରାଯାଇଛି । ରାହୁଲ ପୂର୍ବରୁ ବାହାଘର ପାଇଁ ଘୋଡ଼ା ଭଡ଼ାରେ ଦେଉଥିବା ବେଳେ ବାହାଘର ଋତୁ ଶେଷ ହେବା ପରେ ଆର୍ଥିକ ସଙ୍କଟର ସାମ୍ନା କରିଥିଲେ । ତେବେ ବିହାରରେ ମଦ ନିଷେଧ ଥିବାରୁ କାହାର ସନ୍ଦେହ ହେବ ନାହିଁ ଭାବି ଘୋଡ଼ାରେ ଉତ୍ତର ପ୍ରଦେଶରୁ ମଦ ଚୋରା ଚାଲାଣ ଆରମ୍ଭ କରିଥିଲେ । ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ଯୁବକଙ୍କ ସହ ଘୋଡ଼ାଟିକୁ ପୋଲିସ ହେପାଜତରେ ରଖି ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।

## ସୋସିଆଲ କୋଟ୍ସ



ମୋତେ ମୋ ଗର୍ଲଫ୍ରେଣ୍ଡଙ୍କ ସହିତ ଥିବା ଏଜ ଗ୍ୟାପର ଫରକ କେବେ ପଡିନି । ମୁଁ ତାଙ୍କ ସହିତ ବହୁତ ଖୁସି ଅଛି । ମୁଁ ତାଙ୍କ ସହିତ ରହିବାକୁ ଚାହୁଁଛି, ଏଥିପାଇଁ ଯାହା ବି କରିବାକୁ ପଡିବ କରିବି ।

**ଅନୁରାଗ କଶ୍ୟପ, ଫିଲ୍ମ ମେକର**



ଅଭିନୟ ପାଇଁ ଅନେକ ପରିଶ୍ରମ କରିଛି । ତେବେ ଯେତେବେଳେ ଶାହରୁଖ ଖାନ ମୋ କାମର ପ୍ରଶଂସା କଲେ, ସେତେବେଳେ ଲାଗିଲା କି ଠିକ କାମ କରୁଛି ।

**ମିହିର ଅହୁଜା, ଅଭିନତା**



ପ୍ରେସରରେ ଆସି ଇସଲାମ ଗ୍ରହଣ କରିବାକୁ ଯାଉଥିଲି । ଆସିମ ମୋ ପୂଜା ପାଠ ଉପରେ ରୋକ ଲଗାଇଥିଲେ । ହେଲେ ସେତେବେଳେ ମୁଁ ଚାରିଧାମ ଯାତ୍ରା କରିବାକୁ ଚାହୁଁଥିଲି ।

**ହିମାଂଶୀ ଖୁରାନା, ଅଭିନେତ୍ରୀ**

## ଇତିହାସ

୧୭୦୦- ମରାଠା ସାମ୍ରାଜ୍ୟର ମହାନ ସେନାନାୟକ ବାଜିରାଓ ପ୍ରଥମଙ୍କ ଜନ୍ମ ।

୧୮୦୦- ଲର୍ଡ ୱେଲେସ୍‌ଲିଙ୍କ ଦ୍ୱାରା କୋଲକାତାରେ ଫୋର୍ଟ ୱିଲିୟମ୍ କଲେଜ୍ ସ୍ଥାପିତ ।

୧୮୭୨- ମହାରାଷ୍ଟ୍ରର ଶାସ୍ତ୍ରୀୟ ଗାୟକ ତଥା ନେତ୍ରହୀନ ମହାନ ସଂଗୀତଜ୍ଞ ପଣ୍ଡିତ ବିଷ୍ଣୁ ଦିଗମ୍ବରଙ୍କ ଜନ୍ମ ।

୧୮୬୮- ଫ୍ରାନ୍ସର ଜ୍ୟୋତିର୍ବିଦ ପିୟରେ ଜେନ୍‌ସିନ୍ ହିଲିୟମ୍‌ର ସନ୍ଧାନ କଲେ ।

୧୯୦୦- ଜୱାହରଲାଲ୍ ନେହରୁଙ୍କ ଭଉଣୀ ତଥା ମହିଳା ସ୍ୱତନ୍ତ୍ରତା ସେନାନୀ ଏବଂ ୟୁଏନ୍ ଜେନେରାଲ୍ ଆସେମ୍ବ୍ଲିର ପୂର୍ବତନ ସଭାପତି ବିଜୟଲକ୍ଷ୍ମୀ ପଣ୍ଡିତଙ୍କ ଜନ୍ମ ।

୧୯୨୩- ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ଏ.ବି. ତାରାପୋରେଙ୍କ ଜନ୍ମ ।

୧୯୪୦- ପ୍ରଥମକରି ଟିଭିରେ ମୌସୁମୀ ମାନଚିତ୍ର ପ୍ରସାରଣ ।

୧୯୫୧- ପଶ୍ଚିମବଙ୍ଗରେ ଖଡଗପୁର ଆଇଆଇଟି ସ୍ଥାପିତ ।

୧୯୭୩- ଆମେରିକାର ବୋଷ୍ଟନ୍‌ରେ ପ୍ରଥମ ଏଫ୍‌ଏମ୍ ରେଡିଓ ଷ୍ଟେସନ୍ ନିର୍ମାଣକୁ ମଞ୍ଜୁରୀ ।

୧୯୯୯- ତୁର୍କୀ ଭୂକମ୍ପରେ ୪୫ ହଜାର ଲୋକଙ୍କ ମୃତ୍ୟୁ ।

## ସବୁଠୁ ଅସୁନ୍ଦର କୁକୁର

ଆମେରିକାର କାଲିଫୋର୍ନିଆସ୍ଥିତ ସୋନୋମା କାଉଣ୍ଟି ଫେୟାର୍‌ରେ ଆୟୋଜିତ ୨୦୨୬ 'ଦୁନିଆର ସବୁଠାରୁ ଅସୁନ୍ଦର କୁକୁର' ପ୍ରତିଯୋଗିତାରେ 'ଜିନ୍ନୀ ଲୁ' ନାମକ ଏକ ୬ ବର୍ଷୀୟ ପଗ୍ ପ୍ରଜାତିର କୁକୁର ବିଜେତା ହୋଇଛି । ବଡ଼ ବଡ଼ ଆଖି ଓ ବାହାରକୁ ବାହାରିଥିବା ଜିଭ ପାଇଁ ଚର୍ଚ୍ଚିତ ଜିନ୍ନୀକୁ ପ୍ରଥମ ପୁରସ୍କାର ଭାବେ ଟ୍ରଫି ସହ ୫ ହଜାର ଡଲାର (ପ୍ରାୟ ୪.୩ ଲକ୍ଷ ଟଙ୍କା) ମିଳିଛି । ଏହି ପ୍ରତିଯୋଗିତାରେ ସମୁଦାୟ ୯ଟି କୁକୁର ଅଂଶଗ୍ରହଣ କରିଥିଲେ; ଯେଉଁଥିରେ ଚିହୁଆହୁଆ ଓ ପୋମେରେନିଆନ୍ ମିଶ୍ରିତ ପ୍ରଜାତିର 'ପିଙ୍କି' ଦ୍ୱିତୀୟ ଏବଂ 'ଓଟୋ' ତୃତୀୟ ସ୍ଥାନ ହାସଲ କରିଛନ୍ତି । ଜିନ୍ନୀକୁ ପ୍ରାୟ ୪ ବର୍ଷ ପୂର୍ବେ ଏକ ରେସ୍କ୍ୟୁ ସେଣ୍ଟରରୁ ତା ମାଲିକାଣି ଉଦ୍ଧାର କରିଥିଲେ । ବିଗତ ୫୦ ବର୍ଷ ଧରି ଆୟୋଜିତ ହୋଇଆସୁଥିବା ଏହି ବିଶେଷ ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୁକୁରମାନଙ୍କ ନିଆରା ଗୁଣକୁ ସାମ୍ନାକୁ ଆଣିବା ଏବଂ ରେସ୍କ୍ୟୁ ସେଣ୍ଟରରୁ ପଶୁମାନଙ୍କୁ ଆପଣାଇବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ।





**ମେଷ:** ସୁସମ୍ପର୍କରହିବ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ଆଲୋଚନା, ଦ୍ରବ୍ୟଲାଭ, ପାରିବାରିକ ସାହାଯ୍ୟ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ଶାନ୍ତି, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ଗଣେଶ ।

**ବୃଷ:** ଖୁସିଖବର, ବିବାଦ ସମାଧାନ, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟଖୁସି, ଦୂରଯାତ୍ରା, ଅର୍ଥଲାଭ, କାର୍ଯ୍ୟରେ ପରିଶ୍ରମ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଦେବକାର୍ଯ୍ୟରେ ଖୁସି, ଅଳ୍ପଲାଭ, ପାରିବାରିକ ଶାନ୍ତି, ଶତ୍ରୁ ପରାଜିତ, ଶୁଭସମାଚାର, କର୍ମକ୍ଷେତ୍ରେ ଶାନ୍ତି, ନୂତନ ବନ୍ଧୁଲାଭ, ଦାମ୍ପତ୍ୟସୁଖ, ବିଦ୍ୟାରେ ସଫଳତା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଅଯଥାଖର୍ଚ୍ଚ, ମାନସିକ ଅଶାନ୍ତି, ବ୍ୟବସାୟରେ ସଫଳ, ପାରିବାରିକ ସହଯୋଗ, ଦୂରଯାତ୍ରାରେ ଖୁସି, ବନ୍ଧୁଲାଭ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶତ୍ରୁସମସ୍ୟା, ଶରୀରସୁସ୍ଥ, ସନ୍ତାନଖୁସି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ସିଂହ:** ସହଯୋଗ ମିଳିବ, ଅର୍ଥଲାଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ସ୍ୱଜନ ବିବାଦ, କର୍ମେ ପରିଶ୍ରମ, ବନ୍ଧୁଲାଭ, ଦାମ୍ପତ୍ୟଖୁସି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କନ୍ୟା:** ସମ୍ମାନମିଳିବ, ଶତ୍ରୁପରାଜିତ, ଲୋକସମ୍ପର୍କବୃଦ୍ଧି, ଯାତ୍ରା ସଫଳ, ସୁମିଷ୍ଟ ଭୋଜନ, ଶୁଭ ଆଲୋଚନା, ଅର୍ଥଲାଭ, ବିଦ୍ୟାରେ ସଫଳତା, ଗୃହେ ଅତିଥି ଚର୍ଚ୍ଚା, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା-ଲୋକନାଥ ମହାପ୍ରଭୁ ।

**ତୁଳା:** ଗବେଷଣାରେ ସଫଳ, ବନ୍ଧୁସହାୟତା, କିଛିକାର୍ଯ୍ୟରେ ଅଯଥା ଅଶାନ୍ତି, ସନ୍ତାନଖୁସି, କଳହ ସମାଧାନ, ଅର୍ଥଲାଭ, ନୂତନ ଖବର, ଶତ୍ରୁସମସ୍ୟା, ଅଳ୍ପଲାଭ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବିଛା:** ବନ୍ଧୁମନାନ୍ତର, କର୍ମକ୍ଷେତ୍ରେ ଅଶାନ୍ତି, ଶରୀର ସୁସ୍ଥ, ଦୂରଯାତ୍ରା, ବିଶିଷ୍ଟ ବ୍ୟକ୍ତିସହାୟତା, ଅନୁଷ୍ଠାନରୁ ଲାଭ, ଗାଡ଼ିଚାଳନାରେ ସତର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପେଟସମସ୍ୟା, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଅର୍ଥଲାଭ,ଶୁଭଖବର, ମାନସିକଶାନ୍ତି, କର୍ମକ୍ଷେତ୍ରେ ପ୍ରଶଂସା କଳହ ସମାଧାନ, ଶରୀର ସୁସ୍ଥ, ବନ୍ଧୁଲାଭ, ନୂତନ ବାଣିଜ୍ୟ ଆରମ୍ଭ, ପରିବାରରେ ଉତ୍ସବକୁ ନେଇ ଖୁସି, ଶତ୍ରୁ ପରାଜିତ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ମାନସିକ ଉଦବେଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ହେବାକାର୍ଯ୍ୟ ବିଳମ୍ବ, ଲୋକସମ୍ପର୍କବୃଦ୍ଧି, ଅଯଥାଖର୍ଚ୍ଚ, ଦ୍ରବ୍ୟନଷ୍ଟ, ଦାମ୍ପତ୍ୟ କଳହ, ସନ୍ତାନଚିନ୍ତା, ବହୁପରିଶ୍ରମ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ଖୁସିଖବର, ମାନସିକ ଶାନ୍ତି, ଅର୍ଥଲାଭ, ନୂତନ କାର୍ଯ୍ୟରେ ଖୁସି, ସମ୍ପର୍କରେ ଉନ୍ନତି, ବନ୍ଧୁ ସହଯୋଗ, ଶରୀର ସୁସ୍ଥ, ଶୁଭ ଆଲୋଚନା, ଦାମ୍ପତ୍ୟଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ ।

**ମୀନ:** ଶରୀର ଅସୁସ୍ଥ, ମାନସିକକଷ୍ଟ, ବନ୍ଧୁଲାଭ, ବିଶିଷ୍ଟ ବ୍ୟକ୍ତିସାହାଯ୍ୟ, ଦୂରଯାତ୍ରାରେ କଷ୍ଟ, ସନ୍ତାନଖୁସି, ଅଯଥା ଖର୍ଚ୍ଚାନ୍ତ, ଶୁଭଖବର, ସୁମିଷ୍ଟ ଭୋଜନ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମା' ଉଗ୍ରତାରା ।

**ଶ୍ରାବଣ ଶୁକ୍ଳପକ୍ଷ ଷଷ୍ଠୀ**
**୧୮.୮.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ତରପଡା ପଞ୍ଚାୟତ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରିଲିଫ ଖାଦ୍ୟର ତଦାରଖ କରୁଛନ୍ତି ।



ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ଅଞ୍ଚଳ ବୁଲି ଦେଖୁଛନ୍ତି । ଇଶାନପୁର, ଶ୍ୟାମସୁନ୍ଦରପୁର, ବାଲିଘାଇ, କଣପା ଆଦି ନିକଟସ୍ଥ ଗ୍ରାମର ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି ।



ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍ ଅନ୍ତର୍ଗତ କସପା ପଞ୍ଚାୟତ ଓ ତରପଡା ପଞ୍ଚାୟତ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ଅଞ୍ଚଳ ବୁଲି ଦେଖୁଛନ୍ତି । ଏହି ଅବସରରେ ରାମଚନ୍ଦ୍ରପୁର, ବାଲଦା, ଦୋଭାବିଲ୍ ଗ୍ରାମର ଲୋକଙ୍କ ସହିତ ଆଲୋଚନା କରୁଛନ୍ତି ।

### ନିଯୁକ୍ତି ପାଇଥିବା ସ୍ଥାନକୁ ମୁଖ୍ୟ କାର୍ଯ୍ୟାଳୟ ବୋଲି ଧରାଯିବ

## ୮% ଘର ଭଡ଼ା ଭତ୍ତା ଆବେଦନ ଖାରଜ କଲେ ହାଇକୋର୍ଟ

କଟକ,(ସବ୍ୟୁ): ପୌର ସଂସ୍ଥା ଅଧୀନରେ ଘର ଅଛି । ଯେଉଁ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଛନ୍ତି ଉକ୍ତ ସଂସ୍ଥାର କାର୍ଯ୍ୟାଳୟ ମଧ୍ଯ ପୌର ସଂସ୍ଥା ଅଧୀନରେ ଆସୁଛି । ଏଥିପାଇଁ ତାଙ୍କୁ ଘର ଭଡ଼ା ଭତ୍ତା ୪%ରୁ ୮% ଦିଆଯିବା ଲାଗି କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ କହିଛନ୍ତି ଯେ, ପ୍ଲେସ୍ ଅଫ ହେଡକ୍ୱାର୍ଟର ଅର୍ଥାତ ନିଯୁକ୍ତି ମୁଖ୍ୟାଳୟର ଅର୍ଥ ମୁଖ୍ୟ କାର୍ଯ୍ୟାଳୟ ନୁହେଁ । ଯେଉଁ ସଂସ୍ଥାରେ ଜଣେ କର୍ମଚାରୀ କାମ କରୁଛନ୍ତି ଉକ୍ତ ସ୍ଥାନଟି ହେଉଛି ନିଯୁକ୍ତି ମୁଖ୍ୟାଳୟ । ତେଣୁ ଆବେଦନକାରୀଙ୍କୁ ୮% ଭତ୍ତା ନଦେବା ଲାଗି ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ଠିକ୍ ବୋଲି ହାଇକୋର୍ଟ ମତଦେବା ସହ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି । ସୁରେଶ ଚନ୍ଦ୍ର ପରିଜାଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏହି ଆଦେଶ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀ ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୭ନମ୍ବର ୱାର୍ଡର ଓହଳ ଗ୍ରାମରେ ରହୁଥିବାବେଳେ ସ୍ଥାନୀୟ ସମଙ୍ଗର ବକ୍ର ସେହ୍ନା ସରକାରୀ ଉଚ୍ଚ ବିଦ୍ୟାଳୟରେ କନିଷ୍ଠ ସହାୟକ ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କର ଯୁକ୍ତି ହେଉଛି ଯେ, ସେ ପୌରାଞ୍ଚଳ ଭିତରେ ରହୁଥିଲାବେଳେ ତାଙ୍କ ମୁଖ୍ୟ କାର୍ଯ୍ୟାଳୟ ଅର୍ଥାତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ଯ ପୌରାଞ୍ଚଳ ମଧ୍ୟରେ ଆସୁଛି । ତେଣୁ ସେ ନିୟମ ଅନୁଯାୟୀ, ୪% ଘରଭଡ଼ା ଭତ୍ତା ପରିବର୍ତ୍ତେ ୮% ଘରଭଡ଼ା ଭତ୍ତା ପାଇବା ଉଚିତ୍ । ଏଥିରେ ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ, ଆବେଦନକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ହେଉଛି ତାଙ୍କ ସ୍କୁଲ୍ । ଯାହାକି ପୌରାଞ୍ଚଳ ଅଧୀନରେ ଆସୁ ନାହିଁ । ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ରାୟରେ କହିଛନ୍ତି ଯେ, କୌଣସି କର୍ମଚାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ହେଉଛି ସେ ଯେଉଁଠି ନିଯୁକ୍ତି ପାଇଥାନ୍ତି ବା ଯେଉଁଠି କାର୍ଯ୍ୟ କରୁଥାନ୍ତି । ଯେଉଁଠି ତାଙ୍କ ନିୟନ୍ତ୍ରଣ ଅଧିକାରୀ(କଣ୍ଟ୍ରୋଲିଂ ଅଫିସର) ରହୁଛନ୍ତି ତାହା ତାଙ୍କର ମୁଖ୍ୟ କାର୍ଯ୍ୟାଳୟ କୁହାଯାଇ ପାରିବ ନାହିଁ । ତେଣୁ ଆବେଦନକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟ ସମଙ୍ଗ ଛଡ଼ା ଅନ୍ୟ କୌଣସି ସ୍ଥାନକୁ କୁହାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିବା ସହ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି ।

### ନାଁ ବାଳିକା ଛାତ୍ରୀ ୬ମାସର ଗର୍ଭବତୀ, ଯୁବକ ଗିରଫ

ନିମାପଡା,(ସବ୍ୟୁ) : ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୬ ବର୍ଷିୟା ଛାତ୍ରୀକୁ ୬ମାସି ଗର୍ଭବତୀ କରିଥିବା ଅଭିଯାଗରେ ପୋଲିସ ଜଣେ ଅଭିଯୁକ୍ତ ଯୁବକକୁ ପୁଲିସ ଗିରଫ କରି ପକସୋ କୋର୍ଟ କୁ ଚାଲାଣ କରିଛି । କିଛି ମାସ ତଳେ ନାଁ ବାଳିକାକୁ ଜିତୁନ ଭୋଇ(୨୫) ନାମକ ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତା ସହ ଦୁଷ୍କର୍ମ କରିଥିଲା । ନା ବାଳିକା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ମେଡିକାଲ ନେଇଥିଲେ । ଚିକିତ୍ସା ପରେ ସେଠାରେ ଡାକ୍ତରଙ୍କ ଠାରୁ ଜାଣିବାକୁ ପାଇଥିଲେ ଝିଅ ୬ ମାସର ଗର୍ଭବତୀ ଥିବା କଥା । ନା ବାଳିକାର ପିତା ଏ ସଂପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁଷ୍କର୍ମ କାରୀ ଯୁବକ ଜିତୁନକୁ ଗିରଫ କରିଥିଲା । ପୁଲିସ ପୀଡ଼ିତା ଏବଂ ଅଭିଯୁକ୍ତ ଜିତୁନ ଉଭୟଙ୍କୁ ଡାକ୍ତରୀ ମାଇନା କରାଇବା ସହ ଅଭିଯୁକ୍ତକୁ ପୁରୀ ପକସୋ କୋର୍ଟ ଚାଲାଣ କରିଛି ।

### ଅନ୍‌ଲାଇନ୍ ଡ୍ରାଇଭର ମିଳିତ ମଞ୍ଚର ଆନ୍ଦୋଳନ

## ଲୋକଙ୍କୁ ସହଯୋଗ କଲା ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ଅନ୍‌ଲାଇନ୍ ଡ୍ରାଇଭର ମିଳିତ ମଞ୍ଚ ପକ୍ଷରୁ ଦୈତନଗରୀରେ ଆନ୍ଦୋଳନ ଜାରି ରହିଛି । ଓଲା-ଉବେରକୁ ବିରୋଧ କରି କ୍ୟାପ୍ ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁ ସୋମବାର ଏୟାରପୋର୍ଟ, ରେଳ ଷ୍ଟେସନ ପ୍ରଭୃତି ସ୍ଥାନରେ ଲୋକେ ନାହିଁନଥିବା ହିନସ୍ତା ହୋଇଛନ୍ତି । କେବଳ ଭୁବନେଶ୍ୱର ନୁହେଁ କଟକରେ ମଧ୍ୟ ଅନୁରୂପ ଭାବେ ହଇରାଣ ହୋଇଛନ୍ତି ଯାତ୍ରୀମାନେ ।

ଆନ୍ଦୋଳନକୁ ଲକ୍ଷ୍ୟ କରି ହଇରାଣ ହେଉଥିବା ଲୋକଙ୍କୁ ପୋଲିସ ପିସିଆର୍ ଗାଡିରେ ଡାକ୍ତରଖାନା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ନେଇ ଛାଡିଥିଲା । କେବଳ ଓଲା-ଉବେରକୁ ବିରୋଧ କରି ନୁହେଁ, ଅନ୍‌ଲାଇନ୍ ଡ୍ରାଇଭର ମିଳିତ ମଞ୍ଚ ତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ପାଖରେ ଦାବି ରଖିଛନ୍ତି । ପୋଲିସ ସେମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଟ୍ୟାକ୍ସିରେ ଲୋକଙ୍କୁ ଏୟାରପୋର୍ଟ କିମ୍ବା





ରେଳ ଷ୍ଟେସନରୁ କୌଣସି ସ୍ଥାନକୁ ପରିବହନ କରିନଥିଲେ । ଅଧିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ବିମାନ ଯାତ୍ରୀମାନେ ।

ପୋଲିସ ମଧ୍ୟ ଘୋଷଣା କରି କହିଥିଲା, ଯେଉଁମାନଙ୍କର ଗୁରୁତ୍ୱପୂର୍ଣ୍ଣ କାମ ଅଛି ୧୧୨କୁ ଫୋନ୍ କଲେ ତାଙ୍କୁ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ଛାଡି ଦିଆଯିବ । ପୋଲିସ ଏହା ଘୋଷଣା କରିବା ସହ ପିସିଆର୍‌ରେ ସୋମବାର ଦିନ ବିଭିନ୍ନ ଲୋକଙ୍କୁ ହସ୍ପିଟାଲ ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବହନରେ ସହାୟତା କରିଥିଲା । ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ଅନ୍‌ଲାଇନ ଡ୍ରାଇଭର ମିଳିତ ମଞ୍ଚ ପକ୍ଷରୁ ସୂଚନା ମିଳିଛି ।

### ଓକେସିଏଲ୍‌ରେ 'ରୋଟାରୀ କନେକ୍ଟ୍ ୩୬୦' ୱେବ୍ ଆପ୍ଲିକେସନ୍ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍) ଏବଂ ରୋଟାରୀ ଇଣ୍ଟରନ୍ୟାସନାଲ୍ ଡିଷ୍ଟ୍ରିକ୍ଟ ୩୨୬୨ର ମିଳିତ ଉଦ୍ୟମରେ ପ୍ରସ୍ତୁତ 'ରୋଟାରୀ କନେକ୍ଟ ୩୬୦' ୱେବ୍ ଆପ୍ଲିକେସନ୍ ଭୁବନେଶ୍ୱରସ୍ଥିତ ଓକେସିଏଲ୍ ମୁଖ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି । ବିଭିନ୍ନ ରୋଟାରୀ କ୍ଲବ୍ ମଧ୍ୟରେ ଡିଜିଟାଲ୍ ଯୋଗାଯୋଗ, ସମନ୍ୱୟ ଏବଂ ପ୍ରଯୁକ୍ତିଭିତ୍ତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ । ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ ଏବଂ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ମିଳିତ ଭାବେ ଏହି ଆପ୍ଲିକେସନ୍‌କୁ ଉନ୍ମୋଚନ କରିଥିଲେ । ଏହି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ରୋଟାରୀ କ୍ଲବ୍ଗୁଡ଼ିକ ପରସ୍ପର ସହ ସହଜରେ ଯୋଡ଼ି ହୋଇ ନିଜର କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ସୁବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିପାରିବେ । କାର୍ଯ୍ୟକ୍ରମର ଆରମ୍ଭରେ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର (ପିଡିଜି) ଶିବବ୍ରତ ଦାଶ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଓକେସିଏଲ୍ ଏମ୍ଡି ଡ. ମନୋରଞ୍ଜନ ପୁଥାଳ କହିଥିଲେ ଯେ, ସଂଗଠନଗୁଡ଼ିକର କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଡିଜିଟାଲ୍ ରୂପାନ୍ତରଣ ଏବଂ ପ୍ରଯୁକ୍ତିବିଦ୍ୟାର ସଠିକ୍ ପ୍ରୟୋଗ ଏକାନ୍ତ ଆବଶ୍ୟକ । ସେହିପରି ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ ଏହି ମିଳିତ ପଦକ୍ଷେପକୁ ପ୍ରଶଂସା କରିବା ସହ ରୋଟାରୀ ନେଟୱାର୍କକୁ ଡିଜିଟାଲ୍ ମାଧ୍ୟମରେ ସକ୍ରିୟ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ ।

### ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା କମିବାରେ ଲାଗିଛି

## ରାଷ୍ଟ୍ରପତି ଓ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭେଟିବ ବାର୍ ଆସୋସିଏସନ

କଟକ,(ସବ୍ୟୁ): ଗୋଟିଏ ପଟେ ହାଇକୋର୍ଟରେ ମାମଲା ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଅନ୍ୟପଟେ ହାଇକୋର୍ଟର ବିଚାରପତି ପଦ ପୂରଣ କରାଯିବା ପରିବର୍ତ୍ତେ ଜଣେ ପରେ ଜଣେ ବିଚାରପତିଙ୍କୁ ଅନ୍ୟ ହାଇକୋର୍ଟକୁ ବଦଳି କରାଯାଉଛି । ବର୍ତ୍ତମାନ ଏଭଳି ଏକ ସ୍ଥିତି ଉପୁଜିଛି ଯେଉଁଠି ହାଇକୋର୍ଟର ମଞ୍ଜୁରପ୍ରାପ୍ତ ପଦର ଅଧାରୁ ଅଧିକ ବିଚାରପତି ପଦ ଖାଲି ପଡିଛି । ଏହାଦ୍ୱାରା ବିଚାର ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି । ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ହାଇକୋର୍ଟରେ ବିଚାରପତି ପଦ ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନଥିବାରୁ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଏନେଇ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି ।

ଆଜି ଏହି ମର୍ମରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଲଲାଟେନ୍ଦୁ ସାମନ୍ତରାୟ କହିଛନ୍ତି ଯେ, ଆସୋସିଏସନ ପକ୍ଷରୁ ଗତ କାଲି ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ କେତେକ ପ୍ରସ୍ତାବ ଗୃହୀତ ହୋଇଛି । ହାଇକୋର୍ଟରେ ଅଧିକରୁ ଅଧିକ ବିଚାରପତି କିପରି ନିଯୁକ୍ତି ହୋଇପାରିବେ ସେଥିପାଇଁ ଭାରତର ରାଷ୍ଟ୍ରପତି, ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଓ ଅନ୍ୟାନ୍ୟ କଲେଜିୟମ ବିଚାରପତିଙ୍କୁ ସ୍ମାରକପତ୍ର ପଠାଯିବ । ହାଇକୋର୍ଟ ବାର୍ ଆସୋସିଏସନର ପ୍ରତିନିଧିମାନେ ଭାରତର ରାଷ୍ଟ୍ରପତି ଏବଂ ଭାରତର ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କୁ ସାକ୍ଷାତ କରି ଉପରୋକ୍ତ ଅଭିଯୋଗଗୁଡ଼ିକ ଉପସ୍ଥାପନ କରିବେ । ଆବଶ୍ୟକ ସ୍ଥଳେ ଓଡ଼ିଶା ହାଇକୋର୍ଟରେ ନୂତନ ବିଚାରପତି ନିଯୁକ୍ତି ପାଇଁ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଏକ ରିଟ୍ ଆବେଦନ ମଧ୍ୟ ଦାଖଲ କରାଯିବ ବୋଲି ସେ କହିଛନ୍ତି ।

ଏହି ପରିପ୍ରେକ୍ଷୀରେ ଶ୍ରୀ ସାମନ୍ତରାୟ ଆହୁରି କହିଛନ୍ତି ଯେ, ହାଇକୋର୍ଟରେ ବର୍ତ୍ତମାନ ୧ଲକ୍ଷ ୭୦ ହଜାର ମାମଲା ବିଚାର ଅପେକ୍ଷାରେ ପଡି ରହିଛି । ପୁଣି ପ୍ରତିଦିନ ଶହଶହ ସଂଖ୍ୟାରେ ନୂତନ ମାମଲା ହାଇକୋର୍ଟରେ ରୁଜୁ ହେଉଛି । ବର୍ତ୍ତମାନ ଦୁଇଜଣ ବିଚାରପତିଙ୍କୁ ବଦଳି କରାଯାଇଛି । ସେମାନଙ୍କ ବଦଳି ପରେ ହାଇକୋର୍ଟରେ ମାତ୍ର ୧୫ଜଣ ବିଚାରପତି ରହିବେ । ଆଉ ଦୁଇ ମାସ ପରେ ଆହୁରି ଦୁଇଜଣ ବିଚାରପତି ହାଇକୋର୍ଟରୁ ଅବସର ଗ୍ରହଣ କରିବେ । ସେମାନଙ୍କ ପରେ ବିଚାରପତି ସଂଖ୍ୟା ୧୩କୁ ଚାଲି ଆସିବ । ଏଭଳି ସ୍ଥିତିରେ ଜଣେ ଲୋକ ହାଇକୋର୍ଟରୁ କିପରି ତ୍ୱରିତ ନ୍ୟାୟ ପାଇବ ବୋଲି ଆଶା କରିବ । ବର୍ତ୍ତମାନ ମାମଲାଗୁଡ଼ିକର ଭାରରେ ଅଦାଲତ ଅତ୍ୟଧିକ ଚାପଗ୍ରସ୍ତ ହୋଇପଡ଼ିଛି ଏବଂ ନୂତନ ଭାବେ ଦାଖଲ ହୋଇଥିବା ତଥା ଜରୁରୀ ମାମଲାଗୁଡ଼ିକ ଶୁଣାଣି ପାଇଁ ତାଲିକାଭୁକ୍ତ ହେବାରେ ବିଳମ୍ବ ହେଉଛି । ଏହାଦ୍ୱାରା ରାଜ୍ୟବାସୀଙ୍କ ନ୍ୟାୟ ପାଇବା ଭଳି ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏହି ଜଟିଳ ସମସ୍ୟାର ସମାଧାନ ଲାଗି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ହୃଦାନନ୍ଦ ମହାପାତ୍ର, ଉପସଭାପତି ପ୍ରଦୀପ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ୩୦ ହଜାର ଲାଞ୍ଚ ନେଇ କ୍ୟାପିଟାଲ ହସ୍ପିଟାଲ ଡାକ୍ତର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଏନ୍‌ଜିଓ କର୍ମଚାରୀଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଇ କ୍ୟାପିଟାଲ ହସ୍ପିଟାଲ ଡାକ୍ତର ସତ୍ୟଜିତ ବେହେରା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଭିଜିଲାନ୍ସ ତାଙ୍କୁ ଲାଞ୍ଚ ନେବା ବେଳେ ଧରିବା ପରେ ତିନୋଟି ସ୍ଥାନରେ ଚଢାଉ କରିଥିଲା । ଚଢାଉ ଶେଷ ହେବା ପରେ ସୋମବାର ଅପରାହ୍ନରେ ଡାକ୍ତର ସତ୍ୟଜିତଙ୍କୁ କୋର୍ଟଚାଲାଣ କରାଯାଇଥିବା ଭିଜିଲାନ୍ସ କହିଛି । ଏକ ଏନ୍‌ଜିଓର ଜଣେ କର୍ମଚାରୀ କ୍ୟାପିଟାଲ ହସ୍ପିଟାଲରେ କାମ କରନ୍ତି । ଗରିବ ଅସହାୟ ରୋଗୀଙ୍କ ପାଖରେ ଆଟେଣ୍ଡାଣ୍ଟ କାମ କରିବା ସହ ସେମାନଙ୍କ ଖାଇବା, ପିଇବା ଓ ଲୁଗାପଟା କଥା ବୁଝନ୍ତି ସେହି ଏନ୍‌ଜିଓ କର୍ମଚାରୀ । ଏପରିକି ଯେଉଁ ଗରିବ ଅସହାୟ



ଯୋଗୁ ଔଷଧ କିଣିପାରନ୍ତି ନାହିଁ ଏନ୍‌ଜିଓ ପକ୍ଷରୁ ସେମାନଙ୍କୁ ସେ ଔଷଧ କିଣି ମଧ୍ୟ ଯୋଗାଇଥାନ୍ତି । ଏହି କାମ ସେ କରୁଛନ୍ତି ବୋଲି ଦୁଇ ମାସର ଦରମା ପାଇଁ ୱାର୍କ ସାର୍ଟିଫିକେଟ୍ ଦେବାକୁ ଡାକ୍ତର ସତ୍ୟଜିତ ବେହେରା ତାଙ୍କୁ ୩୦ ହଜାର ଟଙ୍କା ମାଗିଥିଲେ ।

ଜୁନ୍, ଜୁଲାଇ ମାସର ଦରମା ପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ ସେ ସାର୍ଟିଫିକେଟ୍ ନିମନ୍ତେ ୩୦ ହଜାର ଟଙ୍କା ମାଗିବା କଥା ସମ୍ପୃକ୍ତ ଏନ୍‌ଜିଓ କର୍ମଚାରୀ ତାଙ୍କ ଅଫିସ୍‌ରେ କହିଥିଲେ । ଅଫିସ୍‌ରେ ଏକଥା ଶୁଣିବା ପରେ ଭିଜିଲାନ୍ସରେ ଅଭିଯୋଗ କରି ସୋମବାର ଡାକ୍ତରଙ୍କୁ ଧରାଇ ଦେଇଥିଲେ । ଭିଜିଲାନ୍ସ ଡାକ୍ତରଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ମଦ୍ୟପ ଚାଳକଙ୍କ ଠାରୁ ବାଇକ ଜବତ

ଠାକୁରମୁଣ୍ଡା, (ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା - ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଘୁଲୁଘୁଲିଆ ଛକ ନିକଟରେ ପରିବହନ ବିଭାଗ ଓ ମହୁଲଡିହା ଥାନା ପୁଲିସ ମିଳିତ ଭାବେ ଯାନବାହନ ଯାଞ୍ଚ କରିଥିଲେ । ଏହି ସମୟରେ ପାଞ୍ଚ ଜଣ ମଦ୍ୟପ ବାଇକ ଚାଳକ ବ୍ରେସ ଆନାଲାଇଜର ମେସିନ ଫୁଙ୍କି ପାରି ନ ଥିଲେ । ଫଳରେ ୫ ଟି ବାଇକ ଓଡି ୩୪ ଏକ୍ସ ୩୯୫୫ ହୋଣ୍ଡା ଏସପି ସାଇନ, ଓଡି ୩୪ ଭି ୩୨୯୮ ହିରୋ, ଓଡ଼ି ୧୧ ଏନ ୪୫୩୧ ହିରୋ, ଓଡ଼ି ୩୪ ଏଚ ୦୧୩୫ ହୋଣ୍ଡା ଏସପି ଓ ଓଡ଼ି ୩୪ ଜେଡ ୫୪୨୫ ବଜାଜ ପଲସର ଜବତ ହୋଇ କେଶ ରୁଜୁ ହୋଇଥିବା ପୁଲିସ କହିଛି ।

10001/469/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି । ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର ଏବଂ ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚେମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୋଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଔଷଧ ଉପଚାରିତ ମଶାରି ବ୍ୟବହାର କରନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡ଼ାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍: ୧୦୪

OIPR: 10001/10003/2/26-27/0046

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/



ମୋଟରସାଇକେଲ୍‌ରେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ନାଲ୍‌କୋ ପକ୍ଷରୁ ସତ୍ୟନିଷ୍ଠାରୁ ସମୃଦ୍ଧି ବିଷୟବସ୍ତୁ ଆଧାରିତ ସତର୍କତା ସଚେତନତା ଅଭିଯାନ ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲକୋ) ପକ୍ଷରୁ ଆଗାମୀ ତିନି ମାସ ଯାଏ ଚାଲିବାକୁ ଥିବା ସତର୍କତା ସଚେତନତା ଅଭିଯାନ ର ଶୁଭାରମ୍ଭ କରାଯାଇଛି । ସତ୍ୟନିଷ୍ଠାରୁ ସମୃଦ୍ଧି ବିଷୟବସ୍ତୁ ଆଧାରିତ ଏହି ଅଭିଯାନକୁ ସିଏମଡି ବିଜେନ୍ଦ୍ର ପ୍ରତାପ ସିଂ କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟରେ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ(ଉତ୍ପାଦନ), ଜଗଦୀଶ ଅରୋରା, ନିର୍ଦ୍ଦେଶକ(ପ୍ରକଳ୍ପ ଓ ବୈଷୟିକ), ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ମାନବ ସମ୍ବଳ), ଅଭୟ କୁମାର






ବେହୁରିଆ, ନିର୍ଦ୍ଦେଶକ(ବିତ୍ତ), ପ୍ରଣବଜ୍ୟୋତି ନାଥ, ମୁଖ୍ୟ ସତର୍କତା ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ମଧ୍ୟ ଉପସ୍ଥିତ ଥିଲେ । ଏହି ପଦକ୍ଷେପ କେନ୍ଦ୍ରୀୟ ସତର୍କତା ଆୟୋଗର ନିର୍ଦ୍ଦେଶାବଳୀ ଅନୁଯାୟୀ ଆରମ୍ଭ କରାଯାଇଛି ଏବଂ ଏଥିରେ କ୍ଷମତା ନିର୍ମାଣ, ଡିଜିଟାଲ୍ ପଦକ୍ଷେପ ଏବଂ ଚୁକ୍ତି ପରିଚାଳନା ସମ୍ବନ୍ଧରେସଚେତନତା ସୃଷ୍ଟି କରାଯିବ । କର୍ମଚାରୀ, ଠିକା କର୍ମଚାରୀ, ଅଂଶୀଦାର ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ, ତାଲିମ ଅଧିବେଶନ ଏବଂ ପ୍ରତିଯୋଗିତାର ଆୟୋଜନ କରାଯିବ, ଯାହା ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ । ବ୍ରିଜେନ୍ଦ୍ର ପ୍ରତାପ ସିଂହ, ସିଏମଡି, କେନ୍ଦ୍ରୀୟ ସତର୍କତା ଆୟୋଗର ନିର୍ଦ୍ଦେଶାବଳୀର ଦକ୍ଷ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ସାମୂହିକ କାର୍ଯ୍ୟକ୍ରମ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଦକ୍ଷତାକୁ ସୁଦୃଢ଼ କରିବାରେ ସତର୍କତା ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ, ପ୍ରଣବଜ୍ୟୋତି ନାଥ, ମୁଖ୍ୟ ସତର୍କତା ଅଧିକାରୀ, ଅଭିଯାନ ଅବଧି ସମୟରେ ପ୍ରସ୍ତାବିତ ବିଭିନ୍ନ ସତର୍କତା କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ଏବଂ ଅଭିଯାନର ଗୁରୁତ୍ୱ ଏବଂ ପ୍ରସଙ୍ଗ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ ।

# ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗ୍ ର ପର୍ଦ୍ଦାଫାସ୍ : ୨ ଗିରଫ, ୬ଲକ୍ଷର ସୁନା ଅଳଙ୍କାର ଜବତ

କଟକ,(ସବ୍ୟୁ): ଜଗତପୁର ଥାନା ଅଞ୍ଚଳରେ କ୍ରମାଗତ ଭାବେ ଘଟୁଥିବା ଘରୋଇ ଲୁଟ୍, ଚୋରି ଏବଂ ସିନ୍ଧି ଚୋରି ଘଟଣାରେ କମିସନରେଟ୍ ପୋଲିସକୁ ପୁଣି ଏକ ସଫଳତା ମିଳିଛି । ପୁଲିସ ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗର ୨ ଜଣ କୁଖ୍ୟାତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଗିରଫ ହୋଇଥିବା ୨ ଜଣ ଅଭିଯୁକ୍ତ ହେଲେ କେନ୍ଦୁଝର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ବାଗପାଟିଆ ଗ୍ରାମର ରବୀନ୍ଦ୍ର ପାତ୍ର(୩୦) ଏବଂ ଯାଜପୁର ଜିଲ୍ଲା ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ଗ୍ରାମର କୃଷ୍ଣ ଦାସ (୨୭) । ଏମାନଙ୍କ ନିକଟରୁ ପୁଲିସ ଆନୁମାନିକ ୬ ଲକ୍ଷରୁ ଅଧିକ ଟଙ୍କାର ଚୋରି ହୋଇଥିବା ସୁନା ଓ ରୂପା ଅଳଙ୍କାର ଜବତ କରିଛି । ଉଭୟ ରବୀନ୍ଦ୍ର ଏବଂ କୃଷ୍ଣ ଦୀର୍ଘ ଦିନ ହେବ ବିଭିନ୍ନ ଜିଲ୍ଲାରେ ଏପରି ଚୋରି ଓ ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସୁଥିଲେ ।

ଗତ ଅଗଷ୍ଟ ୧୧ ତାରିଖ ଦିନ ଜଗତପୁର ଥାନା ଅନ୍ତର୍ଗତ ତାରୋଳ ରାମାଦେବୀ ନଗର ଅଞ୍ଚଳର ବାସିନ୍ଦା ଭାସ୍କର ପାତ୍ରୀ ଜଗତପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ । ଅଭିଯୋଗରେ ସେ ଦର୍ଶାଇଥିଲେ ଯେ, ସେହିଦିନ ସକାଳ ପ୍ରାୟ ୪ଟା ସମୟରେ ସେ ନିଜ ଦୋକାନକୁ ଯାଇଥିଲେ । ଘରେ କେହି ନଥିବାର ସୁଯୋଗ ନେଇ ଅଜ୍ଞାତ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଆଲମାରି ଭାଙ୍ଗି ସେଥିରେ ରଖାଯାଇଥିବା ସୁନା ଓ ରୂପା ଗହଣା ଲୁଟି ନେଇଥିଲେ । ଏହି ଲିଖିତ ଅଭିଯୋଗ ଆଧାରରେ ଜଗତପୁର ଥାନାରେ କେସ୍ ନଂ ୫୨୯/୨୦୨୬ ବିଏନଏସ୍‌ର ଧାରା ୩୩୧(୪) ଏବଂ ୩୦୫(ଏ)) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତେବେ କେବଳ ଏହି ଗୋଟିଏ ଘଟଣା ନୁହେଁ, ଏହା ପୂର୍ବରୁ ମଧ୍ୟ ଜଗତପୁର ଥାନା ଅଞ୍ଚଳରେ ସମାନ ଢଙ୍ଗରେ କେତେକ ଘରୁ ଚୋରି ହୋଇଥିବା ପୁଲିସ ଦୃଷ୍ଟିଗୋଚର ହୋଇଥିଲା । ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜଗତପୁର ଥାନା ଆଇଆଇସି ପ୍ରଶାନ୍ତ କୁମାର ଶାସମଲଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା । ଘଟଣାସ୍ଥଳ ପରିଦର୍ଶନ କରି ଜିଲ୍ଲା ଫୋରେନ୍ସିକ୍ ଟିମ୍ ସହାୟତାରେ ପ୍ରମାଣ ସଂଗ୍ରହ କରାଯାଇଥିଲା । ତଦନ୍ତକାରୀ ଦଳ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଆସିବା ଓ ଯିବା ରାସ୍ତାର ସମସ୍ତ ସିସିଟିଭି ଫୁଟେଜ୍‌କୁ ଅତି ସୂକ୍ଷ୍ମ ଭାବେ ଯାଞ୍ଚ କରିଥିଲେ । ସନ୍ଦିଗ୍ଧମାନଙ୍କ ଚାଲିଚାଲଣ ଏବଂ ବ୍ୟବହୃତ ଗାଡ଼ିଗୁଡ଼ିକର ସୂଚନା ବିଶ୍ଳେଷଣ କରାଯାଇଥିଲା । ଏଥିପାଇଁ ଆରଟିଓ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହ ପୁଲିସ ସମନ୍ୱୟ ରକ୍ଷା କରିଥିଲା । ଏହା ସହିତ ଡିଜିଟାଲ୍ ତଥ୍ୟର ବିସ୍ତୃତ ବିଶ୍ଳେଷଣ କରାଯାଇ ସନ୍ଦିଗ୍ଧ ଅପରାଧୀମାନଙ୍କୁ ଚିହ୍ନଟ କରାଯାଇଥିଲା । ଏହି ସମସ୍ତ ମିଳିତ ଉଦ୍ୟମ ଫଳରେ ପୋଲିସ ଚୋର ଗ୍ୟାଙ୍ଗକୁ ଠାବ କରି ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ଜେରା ସମୟରେ ଅଭିଯୁକ୍ତମାନେ ନିଜର ଆପରାଧିକ କାର୍ଯ୍ୟକଳାପ ସ୍ୱୀକାର କରିଥିଲେ ଏବଂ ଚୋରି ହୋଇଥିବା ସୁନା ଓ ରୂପା ଗହଣା ଜବତ କରିବାରେ ପୁଲିସ ସଫଳ ହୋଇଥିଲା ।

## ଶିକ୍ଷାର ବିକାଶ କ୍ଷେତ୍ରରେ ରାଜକିଶୋର ରାମ୍‌ଙ୍କ ଅବଦାନ ଅତୁଳନୀୟ

# ଚୌଦ୍ୱାରା ମହାବିଦ୍ୟାଳୟର ୪୮ ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷାର ବିକାଶ କ୍ଷେତ୍ରରେ ପ୍ରାକ୍ତନ ବିଧାୟକ ସ୍ୱର୍ଗତ ରାଜକିଶୋର ରାମ୍‌ଙ୍କ ବଳିଷ୍ଠ ଭୂମିକା ଏବଂ ଉଲ୍ଲେଖନୀୟ ଅବଦାନ ଅବିସ୍ମରଣୀୟ । ୧୯୭୮ ମସିହାର ଆଜିର ଦିବସରେ ସ୍ୱର୍ଗତ ରାମଙ୍କ ନିଷ୍ଠାପର ଉଦ୍ୟମ ଓ ଶିକ୍ଷାର ପ୍ରସାର ପାଇଁ ପ୍ରତିବଦ୍ଧତା ବଳରେ ଶିଳ୍ପନଗରୀ ଚୌଦ୍ୱାରଠାରେ ପ୍ରତିଷ୍ଠା ହୋଇଥିବା ଚୌଦ୍ୱାର ମହାବିଦ୍ୟାଳୟ ଆଜି ସମଗ୍ର ଓଡ଼ିଶାରେ ବିଶେଷକରି କଟକ ଜିଲ୍ଲାରେ ଏକ ବୃହତ୍ ତଥା ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନ ଭାବେ ପରିଗଣିତ ହେଉଛି ବୋଲି ବହୁ ବିଶିଷ୍ଟ ବକ୍ତା ମତପ୍ରକାଶ କରିଛନ୍ତି । ଚୌଦ୍ୱାର ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ସମାରୋହ ଆଜି ପୂର୍ବାହ୍ନରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ସମାଜସେବୀ ଶ୍ରୀ ଶ୍ରୀମନ୍ତ ପ୍ରଧାନ, ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ହରପ୍ରିୟା ମହାପାତ୍ର, ସ୍ୱର୍ଗତ ରାମ୍‌ଙ୍କ ପୁତ୍ର ତଥା ବରିଷ୍ଠ ଅଧିକାରୀ ବାପୁପ୍ରିୟ ରାମ୍, ବୋହୂ ସମାଜସେବୀ ରୀନା ରାମ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚୌଦ୍ୱାରା ମହାବିଦ୍ୟାଳୟର ପ୍ରତିଷ୍ଠା ଏବଂ ଶିକ୍ଷାର ପ୍ରସାର କ୍ଷେତ୍ରରେ ସ୍ୱର୍ଗତ ରାମ୍‌ଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ରାମ୍‌ଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା ରେଣୁବାଳା ସ୍ୱାଇଁ, ଝୁଲେନ୍ଦ୍ର ନାୟକ, ଚୌଦ୍ୱାର ମହାବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ଉପରେ ସ୍ମୃତି ବଖାଣିଥିଲେ । ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର କାନ୍ଥ

ଠାକୁରମୁଣ୍ଡା,(ସବ୍ୟୁ):ଲଘୁଚାପ ଓ ଅବପାତ ପ୍ରଭାବରେ ଠାକୁରମୁଣ୍ଡା ଅଞ୍ଚଳରେ ଭାରି ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି । ଠାକୁରମୁଣ୍ଡା ବ୍ଲକ ସ୍ଥିତ ବଡଦାଣ୍ଡ ସାହିରେ ମନୋଜ କୁମାର ପାତ୍ର ଙ୍କ ଖପର ଘରର କାନ୍ଥ ହଠାତ ପଡିଯାଇ ଆଜବେଷ୍ଟସ ଘରେ ବାଜି ସମ୍ପୂର୍ଣ୍ଣ ଘରର କାନ୍ଥ ପଡ଼ି ଯାଇ ବିପଦଜନକ ଅବସ୍ଥାରେ ଝୁଲି ରହିଛି । ରବିବାର ରାତି ଦିନ ଲଗାଣ ପ୍ରବଳ ବର୍ଷାରେ ମାଟି ଓଦା ହୋଇ ଦବି ଯାଇଛି ଏବଂ ଜଙ୍ଗଲରୁ ପାଣି କେନାଲରେ ଘରର ଚାରି ପାଖରେ ଜମି ରହିଛି ।ସୋମବାର ଦିନ ରାଜସଓ୍ୱ ନିରୀକ୍ଷକଙ୍କୁ ଜଣାଇଥିଲେ । ମନୋଜ ସରକାରୀ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି ।

## ସରଳା ଦେବୀଙ୍କ ଜନ୍ମ ତାରିଖ ୯ ପରିବର୍ତ୍ତେ ୧୯ ତାରିଖ ହେଲା କିପରି ?

# ସରଳା ଦେବୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସଂଶୋଧନ ପାଇଁ ଦାବି

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ନେତ୍ରୀ ଓ ସାହିତ୍ୟିକା କ୍ରାନ୍ତିକାରୀ ସରଳା ଦେବୀଙ୍କ ଜନ୍ମ ତାରିଖକୁ ନେଇ ସୃଷ୍ଟି ହୋଇଥିବା ବିଭ୍ରାନ୍ତି ସମ୍ପର୍କରେ ସରଳା ଦେବୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଦୀର୍ଘ ବର୍ଷ ଧରି ତାଙ୍କର ଜନ୍ମ ତାରିଖ ଅଗଷ୍ଟ ୯, ୧୯୦୪ ବୋଲି ସର୍ବଜନବିଦିତ ଓ ଐତିହାସିକ ଭାବେ ଗ୍ରହଣ କରାଯାଇଥିବା ବେଳେ ନିକଟରେ କେତେକ ସରକାରୀ ଓ ଏକାଡେମୀ ସ୍ତରରେ ଏହାକୁ ଅଗଷ୍ଟ ୧୯ ଭାବେ ପାଳନ କରାଯିବାକୁ ନେଇ କ୍ଷୋଭ ପ୍ରକାଶ ପାଇଛି ।

ୟୁନିଟ-୩ସ୍ଥିତ ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ତରଫରୁ ପ୍ରଦୋଷ ପଟ୍ଟନାୟକ, ସଭାପତି, ଗୁରୁକଲ୍ୟାଣ ମହାପାତ୍ର, ସମ୍ପାଦକ ତଥା ସଭ୍ୟ ରାଧାନାଥ ପ୍ରହରାଜ କହିଛନ୍ତି, ଏପରିକି ରାଜ୍ୟ ସରକାର ଓ ବିଧାନସଭାକୁ ଭ୍ରମିତ କରାଯାଇଛି । ଫଳରେ ରାଜ୍ୟ ପାଇଁ ତଥା ରାଜ୍ୟର ମହିଳାଙ୍କ ପାଇଁ ତ୍ୟାଗ କରିଥିବା ସରଳା ଦେବୀଙ୍କ ଜନ୍ମ ତାରିଖକୁ ୯ ପରିବର୍ତ୍ତେ ୧୯ ତାରିଖ କରି କେତେକ ବ୍ୟକ୍ତି




କଟକରେ ସାରଳା ଭବନରେ ସରଳା ଦେବୀଙ୍କ ଜନ୍ମୋତ୍ସବ ପାଳନ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ଏ ସଂକ୍ରାନ୍ତରେ ଓଡିଶା ବିଧାନସଭାର ସଚିବଙ୍କୁ ପତ୍ର ଲେଖି ବିଧାନସଭାର ୱେବ୍ ସାଇଟରେ ସରଳା ଦେବୀଙ୍କ ଜନ୍ମତାରିଖ ଅଗଷ୍ଟ ୧୯ ତାରିଖ,୧୯୦୪ ବୋଲି କେଉଁ ପ୍ରମାଣ ଆଧାରରେ ଉଲ୍ଲେଖ କରାଯାଇଛି, ତାହାକୁ ଚ୍ୟାଲେଞ୍ଜ କରିଛନ୍ତି । ସୂଚନା ଅଧିକାର ଆଇନ ଆଧାରରେ ଟ୍ରଷ୍ଟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ରଙ୍କୁ ବିଧାନସଭା କର୍ତ୍ତୃପକ୍ଷ ପ୍ରଥମ ଓ ଦ୍ୱିତୀୟ ଉତ୍ତରରେ ସଠିକ ତଥ୍ୟ ଦେଇପାରିଲେ ନାହିଁ । ଅବଶ୍ୟ ପୂର୍ବ ବର୍ଷମାନଙ୍କରେ ବିଧାନସଭା ଗବେଷଣା ଶାଖା ପକ୍ଷରୁ ଅଧିକାରୀମାନେ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରିଥିଲେ ବୋଲି କହିଥିଲେ । ସେହି ତଥ୍ୟ ଆଧାରରେ ଓଡିଶା ବିଧାନସଭା ୱେବ୍‌ସାଇଟକୁ ତଥ୍ୟ ପ୍ରଦାନ କରି ବିଧାନସଭା ୱେବ୍‌ସାଇଟରେ ଦିଆଯାଇଛି ବୋଲି ଉଲ୍ଲେଖ କରିଛନ୍ତି । ମାତ୍ର କୌଣସି ସଠିକ ରେକର୍ଡ ମିଳୁନାହିଁ ଏବଂ ଆମକୁ ମଧ୍ୟ ବିଧାନସଭା ତଥ୍ୟ ଦେବାକୁ ଅସମର୍ଥ ହୋଇଥିବା ଯୋଗୁଁ ୱେବ୍‌ସାଇଟରେ ସରଳା ଦେବୀଙ୍କ ଜନ୍ମ ତାରିଖ ୯କୁ ବିଭ୍ରାନ୍ତ କରୁଛି ।

ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯିଏ କି ଗୃହର ନେତା ଓ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କର ଦୃଷ୍ଟି ଆକର୍ଷଣ କରୁଛୁ । ଏହାର ବିଧିବଦ୍ଧ ତଦନ୍ତ ଲାଗି ବାଚସ୍ପତିଙ୍କ ନିକଟରେ ନିବେଦନ କରୁଛୁ । ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଅନ୍ୟାନ୍ୟ ମହିଳା ସ୍ୱାଧୀନତା ସଂଗ୍ରାମୀ ମହିଳାଙ୍କ ଫଟୋ ରାଜ୍ୟ ସରକାର ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସ୍ଥାନିତ ଫଟୋ ପ୍ରଦର୍ଶନୀ କରିଥିବାବେଳେ ସରଳା ଦେବୀଙ୍କ ଫଟୋ ନଥିବା ଘଟଣା କେବଳ ସମସ୍ତଙ୍କୁ ବିସ୍ମିତ କରିନାହିଁ, ରାଜ୍ୟ ସରକାରଙ୍କୁ ମଧ୍ୟ ବଦନାମ କରିଛି ।

ବହୁ ସାହିତ୍ୟିକ ତଥା ଇତିହାସକାର ମାନେ ସରଳା ଦେବୀଙ୍କର ଜନ୍ମ ତାରିଖ ଅଗଷ୍ଟ ୯,୧୯୦୪ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । ଏପରିକି ରାଜ୍ୟ ସରକାରଙ୍କର ପାଠ୍ୟ ପୁସ୍ତକରେ ମଧ୍ୟ ଜନ୍ମ ତାରିଖ ଅଗଷ୍ଟ ୯,୧୯୦୪ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ସମେତ ପ୍ରାୟ ସମସ୍ତ ମନ୍ତ୍ରୀମଣ୍ଡଳ ବିଧାୟକ ମାନେ ଅଗଷ୍ଟ ୯ ତାରିଖରେ ସରଳା ଦେବୀଙ୍କର ଜନ୍ମଦିନରେ ଦୀର୍ଘଦିନରୁ ଅଭିନନ୍ଦନ ଜଣାଇ ଆସୁଛନ୍ତି । ତେଣୁ ବିଧାନସଭାର ୱେବ୍‌ସାଇଟର ଯେଉଁ ତଥ୍ୟ ଟାମ୍ପରିଙ୍ଗ କରାଯାଇଛି ତାହାର ବିଧିବଦ୍ଧ ତଦନ୍ତ କରି ୱେବ୍‌ସାଇଟକୁ ସଂଶୋଧନ କରାଯାଉ ବୋଲି ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି ।

# ମାଲାବାର ଗୋଲ୍ଡ ର ବ୍ରାଣ୍ଡ ଆମ୍ବାସାଡର ହେଲେ ଏମ୍ଏସ୍ ଧୋନି

ଭୁବନେଶ୍ୱର, (ସବ୍ୟୁ) : ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ଭାରତୀୟ କ୍ରିକେଟର ତଥା ପୂର୍ବତନ ଅଧିନାୟକ ଏମ୍ଏସ୍ ଧୋନିଙ୍କୁ ନିଜର ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରିଛି । ଏହି ଦୀର୍ଘମିଆଦୀ ସହଭାଗିତାର ମୁଖ୍ୟ ବିଷୟବସ୍ତୁ ରହିଛି 'ଦ ରେସପନ୍ସିବଲ ଗ୍ରାହକକେନ୍ଦ୍ରିକ ନୀତି ଉପରେ କମ୍ପାନୀ ଗୁରୁତ୍ୱ ଦେଉଛି । କମ୍ପାନୀର 'ମାଲାବାର ପ୍ରମିସେସ୍' ଅଧୀନରେ ୧୦୦ ପ୍ରତିଶତ ବିଆଇଏସ୍ ହଲମାର୍କ ଅଳଙ୍କାର, ପ୍ରାକୃତିକ ହୀରା ପାଇଁ ୨୮ଟି ଗୁଣବତ୍ତା ଯାଞ୍ଚ, କୌଣସି ଲୁକ୍କାୟିତ ଶୁଳ୍କ ବିନା ସ୍ୱଚ୍ଛ ମୂଲ୍ୟ, ଗ୍ୟାରେଣ୍ଟିଯୁକ୍ତ ବାୟବ୍ୟାକ୍,



ଜୁଏଲର', ଯାହା ମାଧ୍ୟମରେ ଦାୟିତ୍ୱବାନ ଓ ସ୍ୱଚ୍ଛ ବ୍ୟବସାୟ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରାଯିବ । ଗ୍ରାହକମାନେ ଏବେ ଅଳଙ୍କାର କିଣିବା ସମୟରେ ସ୍ୱଚ୍ଛତା, ଗୁଣବତ୍ତା, ପ୍ରାମାଣିକତା ଓ ବିଶ୍ୱାସକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ଏହି ଦିଗରେ ନିଜର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବ । ନୈତିକ ଉତ୍ସରୁ ସାମଗ୍ରୀ ସଂଗ୍ରହ, ଭରସାଯୋଗ୍ୟ ଗୁଣବତ୍ତା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ, ଦାୟିତ୍ୱବାନ ଉତ୍ପାଦନ ଓ ଆଜୀବନ ମେଣ୍ଟେନାନ୍ସ, ମାଗଣା ବୀମା ଓ ଏକ୍ସଚେଞ୍ଜ୍ ସୁବିଧା ଭଳି ବିଭିନ୍ନ ଗ୍ରାହକକେନ୍ଦ୍ରିକ ପ୍ରତିଶ୍ରୁତି ରହିଛି । ଏମ୍ଏସ୍ ଧୋନିଙ୍କୁ ତାଙ୍କର ସଚ୍ଚୋଟତା, ଶୃଙ୍ଖଳା, ନିରନ୍ତରତା ଓ ନମ୍ରତା ପାଇଁ ବିଶେଷ ସମ୍ମାନ ମିଳିଛି । ଅନ୍ତର୍ଜାତୀୟ କ୍ରିକେଟରେ ଭାରତକୁ ତିନୋଟି ଆଇସିସି ହ୍ୱାଇଟ୍-ବଲ୍ ଟୁର୍ଣ୍ଣାମେଣ୍ଟରେ ବିଜୟୀ କରାଇଥିବା ସେ ଏକମାତ୍ର ଅଧିନାୟକ । ତାଙ୍କର ଏହି ଗୁଣଗୁଡ଼ିକ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ମୂଲ୍ୟବୋଧ ସହ ସମାନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

# ଉନ୍ନତି ଭବନରେ ୮୦ତମ ସ୍ୱାଧୀନତା ଦିବସ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ଉନ୍ନତି ଭବନ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ



। ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ପାଢ଼ୀ ସମସ୍ତଙ୍କୁ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଦେଶର ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରି ସେ ସେମାନଙ୍କ ଅମୂଲ୍ୟ ଅବଦାନ ଓ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱାଧୀନତା ଦିବସ ଆମକୁ ରାଜ୍ୟ ତଥା ଦେଶର ପ୍ରଗତି ପାଇଁ ନିଜକୁ ପୁନଃ ସମର୍ପିତ କରିବାର ସୁଯୋଗ ପ୍ରଦାନ କରେ ବୋଲି ସେ କହିଥିଲେ ।

ଗୃହ ଓ ନଗର ଉନ୍ନୟନ ବିଭାଗ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କର ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । ନିଜ ନିଜ ଦାୟିତ୍ୱକୁ ନିଷ୍ଠା ଓ ସମର୍ପଣର ସହ ପାଳନ କରି ଦେଶର ପ୍ରଗତିରେ ଅର୍ଥପୂର୍ଣ୍ଣ ଯୋଗଦାନ ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏକ ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ପାଇଁ ସାମୂହିକ ପ୍ରୟାସ, ସମାବେଶୀ ଅଂଶଗ୍ରହଣ ଓ ନାଗରିକଙ୍କ ସକ୍ରିୟ ଭାଗିଦାରିର ଗୁରୁତ୍ୱ ସେ ଉଲ୍ଲେଖ କରିଥିଲେ । ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ପ୍ରସଙ୍ଗ ଉଲ୍ଲେଖ କରି ଶ୍ରୀମତୀ ପାଢ଼ୀ କହିଥିଲେ ଯେ ଦେଶ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିବା ସହ ବହୁ ମାଇଲଖୁଣ୍ଟ ଅତିକ୍ରମ କରିଛି । ତଥାପି ଆଗାମୀ ଦିନରେ ଆହୁରି ଅନେକ କାର୍ଯ୍ୟ କରିବାକୁ ରହିଛି । ସମାଜର ପ୍ରତ୍ୟେକ ବର୍ଗର ସକ୍ରିୟ ଅଂଶଗ୍ରହଣ ଓ ଯୋଗଦାନ ମାଧ୍ୟମରେ ଭାରତ ଏକ ବିକଶିତ ରାଷ୍ଟ୍ର ଭାବେ ନିଜ ଯାତ୍ରାକୁ ଆହୁରି ଦୃଢ଼ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ସ୍ୱାଧୀନତା ଦିବସ ପାଳନ ସମାରୋହରେ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମେତ ୱାଟକୋ , ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନ ଏବଂ ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡର ମୁଖ୍ୟମାନେ ଓ କର୍ମଚାରୀମାନେ ଯୋଗଦେଇଥିଲେ ।

## ଭାରତ ମସଲା ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

କଟକ,(ସବ୍ୟୁ): ପବିତ୍ର ୮୦ତମ ସ୍ୱାଧୀନତା ଦିବସ ଭାରତ ମସଲା ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବରେ ଡି.କେ. ସାହୁ (ଅବସରପ୍ରାପ୍ତ ସେନା ଅଧିକାରୀ), ସମ୍ମାନିତ ଅତିଥି ଭାବରେ ସ୍ତମ୍ଭକାର ତଥା ସୁ-ଲେଖକ ବଳରାମ ସାହୁ, ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ରନାଥ ପଣ୍ଡା, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ଜି.ଏମ୍ ବିପିନ୍ ରାଉତ, ଜେନେରାଲ ମ୍ୟାନେଜର(ଅପରେସନ୍) ଅରୁଣ କୁମାର ନାୟକ ଏବଂ କମ୍ପାନୀର ପ୍ରଡକ୍ସନ ମୁଖ୍ୟ ନବକୃଷ୍ଣ ପ୍ରଧାନ, ନିର୍ଦ୍ଦେଶକ ସୀମାନ୍ତ ପଣ୍ଡା, ଦିଗନ୍ତ ପଣ୍ଡା, ଆଶୁତୋଷ ପଣ୍ଡା ଏବଂ ନିର୍ଦ୍ଦେଶିକା ଏସ.ଏନ୍. ମିଲେନିୟମ ପ୍ରମୁଖ ଉପସ୍ଥିତ ରହି ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଭାରତ ମସଲା ପକ୍ଷରୁ ବୃକ୍ଷରୋପଣ ଏବଂ କର୍ମଚାରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥି ସହିତ ସମାଜସେବୀ ନରହରି ସାହୁ ଏବଂ କଲ୍ୟାଣ ସାହୁ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ କମ୍ପାନୀ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । କାର୍ଯ୍ୟରତ ବିଭିନ୍ନ କଳା ଓ କୌଶଳରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାବାନମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଆର.ଜେ ନଳିନୀ କାନ୍ତ ବିଶ୍ୱାଳ ।

# ଦେଶର ବିକାଶ ଯୁବପିଢ଼ିଙ୍କ ପାଖରେ : ପ୍ରୀତି ମୋକ୍ଷା ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ଏବେ ମଧ୍ୟ ଦେଶର ଅନେକାଂଶରେ ଲୋକମାନେ ସ୍ୱାଧନତାର ପ୍ରକୃତ ସ୍ୱାଦରୁ ବହୁ ଦୂରରେ ଅଛନ୍ତି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମସ୍ତେ ସରକାରଙ୍କ ଉପରେ ନିର୍ଭରଶୀଳ, ପ୍ରତି କଥାରେ ସରକାରଙ୍କୁ ଦାୟୀ କରି ସମସ୍ତେ ଚୁପ୍ ରହିଯାଉଛନ୍ତି । କିନ୍ତୁ ବାସ୍ତବରେ ଲୋକମାନେ ଭୁଲି ଯାଉଛନ୍ତି ଯେ, ଆମ୍ଭମାନଙ୍କ କର୍ତ୍ତବ୍ୟ ଓ ଦାୟୀତ୍ୱବୋଧ ହିଁ ଏକ ବିକାଶଶୀଳ ରାଷ୍ଟ୍ର ଗଠନର ମୂଳଦୁଆ । ବର୍ତ୍ତମାନ ଜେନ୍- ଜେଡ୍ ଶିକ୍ଷାରେ ବ୍ୟାପକ ସଂସ୍କାର ପାଇଁ ଅଣ୍ଟା ଭିଡିଛନ୍ତି, କିନ୍ତୁ ଦେଶର ଅନେକ ସମସ୍ୟା ରହିଛି ଯାହାର ସମାଧାନ ବର୍ତ୍ତମାନର ଯୁବପିଢୀ ଚାହିଁଲେ ହିଁ ତ ହୋଇପାରିବ ଓ ଖୁବ୍ କମ୍ ବୟସରେ ପରିବେଶ ସନ୍ତୁଳନ ସହ ଗଛ ବଞ୍ଚିଲେ ଆମେ ବଞ୍ଚିବା ଆନ୍ଦୋଳନର ପ୍ରମୁଖ କର୍ଣ୍ଣଧାର ସାଜିଥିବା ମୋକ୍ଷା ଏକ ଦୈନିକ ଖବର କାଗଜର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ମତ ରଖୁଛନ୍ତି ଓ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅକ୍ଷକ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କୁ ନିଜ ଆଦର୍ଶ ମାନୁଥିବା ମୋକ୍ଷା କହନ୍ତି, ଜୀବନରେ କେବେ ବି ନ ହାରିବାକୁ ଶପଥ ନେବା ହିଁ ବିଜୟ ସୁନିଶ୍ଚିତ ହେବ । ନିକଟରେ ପ୍ରୀତି ମୋକ୍ଷା ପାଣିଗ୍ରାହୀ ପ୍ରସିଦ୍ଧ "ପ୍ରାଇଡ୍ ଅଫ୍ ଇଣ୍ଡିଆ ୨୦୨୬" ସମ୍ମାନରେ ସମ୍ମାନୀତ ହୋଇଥିଲେ, ବର୍ତ୍ତମାନ ସେ 'ଅର୍ଥ ଆଗେନ୍ ମୁଭମେଣ୍ଟ' 'ଦି ଚାଇଲ୍ଡ ମୁଭମେଣ୍ଟ' ଏବଂ 'ସିଟିବିଟିଓ ୟୁଥ୍ ଗ୍ରୁପ୍' ର ଜଣେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରି ସାରା ଦେଶରେ ପରିବେଶ ସଚେତନତା ସୃଷ୍ଟି କରୁଛନ୍ତି ଓ ମୋକ୍ଷା ହେଉଛନ୍ତି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏବଂ ହାଇଟେକ୍ ମେଡିକାଲ୍ କଲେଜ ଓ ହସପିଟାଲ୍‌ର ନିର୍ଦ୍ଦେଶିକା ଏବଂ ଟ୍ରଷ୍ଟି ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀଙ୍କ ଜ୍ୟେଷ୍ଠା କନ୍ୟା ।



### ପିଆରଏମ୍ ମେଡିକାଲ କଲେଜ ସ୍ଥାନାନ୍ତର ପରେ ବଢ଼ୁଛି ଦୁର୍ଦ୍ଦଶା

# ଗୋଟିଏ ଜାଗାରେ ରୋଗୀଙ୍କ ଚିକିତ୍ସା, ଅନ୍ୟତ୍ର ପରୀକ୍ଷା




- ରୋଗୀଙ୍କୁ ଦୌଡ଼ାଉଛି ଅବ୍ୟବସ୍ଥା
- ଏମ୍ଆରଆଇ, ସିଟିସ୍କାନ୍ ପାଇଁ ୮ କି.ମି
- ଆମ୍ବୁଲାନ୍ସ ଥାଇ ମଧ୍ୟ ଡ୍ରାଇଭର ଅଭାବ

ବାରିପଦା, (**ସୌମ୍ୟ ରଞ୍ଜନ ପଟ୍ଟନାୟକ**) : ବାରିପଦା ମୁଖ୍ୟ ଚିକିତ୍ସାଳୟରୁ ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ସେବା ସ୍ଥାନାନ୍ତର ହେବା ପରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଦୁର୍ଦ୍ଦଶା ବଢ଼ିଥିବା ଅଭିଯୋଗ ହେଉଅଛି । ରଙ୍ଗାମାଟିଆ ନିକଟରେ ନୂତନ ମେଡିକାଲ କଲେଜକୁ ହସ୍ପିଟାଲ ସ୍ଥାନାନ୍ତର ହୋଇଥିଲେ ମଧ୍ୟ ସେଠାରେ ଏମ୍ଆରଆଇ ଓ ସିଟିସ୍କାନ୍ ଭଳି ଗୁରୁତ୍ୱପୂର୍ଣ୍ଣ ନିଦାନ ବ୍ୟବସ୍ଥା ଉପଲବ୍ଧ ନଥିବାରୁ ପ୍ରତିଦିନ ଶତାଧିକ ରୋଗୀଙ୍କୁ ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି । ଫଳରେ ଗୁରୁତର ରୋଗୀ, ବୃଦ୍ଧ ଓ ଅସୁସ୍ଥ ରୋଗୀଙ୍କ ପାଇଁ ଯାତାୟାତ ଏକ ବଡ଼ ସମସ୍ୟା ହୋଇଛି । ପ୍ରାୟ ୮ କି.ମିରୁ ଅଧିକ ଦୂରତା ଅଟୋ ଅଥବା ପ୍ରାଇଭେଟ୍ ଆମ୍ବୁଲାନ୍ସ ଯୋଗେ ଯାତାୟାତ କରିବାକୁ ପଡୁଥିବାରୁ ରୋଗୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବା ସହ ସମୟ ମଧ୍ୟ ନଷ୍ଟ ହେଉଛି । ଅନ୍ୟପକ୍ଷରେ ମେଡିକାଲ କଲେଜରେ ୪ଟି ଆମ୍ବୁଲାନ୍ସ ଥିଲେ ମଧ୍ୟ ଏହାକୁ ପରିଚାଳନା ପାଇଁ ମାତ୍ର ୩ ଜଣ ଡ୍ରାଇଭର ରହିଥିବା ଜଣାପଡ଼ିଛି । ୮ ଘଣ୍ଟିଆ ଡ୍ୟୁଟି ବ୍ୟବସ୍ଥା ଅନୁଯାୟୀ ଆବଶ୍ୟକ ସଂଖ୍ୟକ ଡ୍ରାଇଭର ନଥିବାରୁ ଆମ୍ବୁଲାନ୍ସ ଥାଇ ମଧ୍ୟ ତାହାର ସମ୍ପୂର୍ଣ୍ଣ ସୁବିଧା ରୋଗୀଙ୍କୁ ମିଳୁନାହିଁ । ଫଳରେ ଅନେକ ରୋଗୀ ବାଧ୍ୟ ହୋଇ ନିଜ ଖର୍ଚ୍ଚରେ ଗାଡିଭଡ଼ା କରି ପରୀକ୍ଷା ପାଇଁ ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି । ଏନେଇ ପିଆରଏମ୍ ସୁପରିଟେଣ୍ଡେଣ୍ଟ ରୀତାଞ୍ଜଳି ବେହେରାଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, ଆବଶ୍ୟକ ଆମ୍ବୁଲାନ୍ସ ଚାଳକ ନିଯୁକ୍ତ ହୋଇପାରିଲେ ରୋଗୀମାନେ ବହୁ ଉପକୃତ ହୋଇପାରିବେ । ମ୍ୟାନ୍‌ପାଓ୍ୱାର ଅଭାବ ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବାରୁ ଏଭଳି ସମସ୍ୟା ଲାଗି ରହିଛି । ମେଡିକାଲ କଲେଜକୁ ସ୍ଥାନାନ୍ତର ପରେ ରୋଗୀଙ୍କୁ ଉନ୍ନତ ଓ ସୁଗମ ଚିକିତ୍ସା ସେବା ଯୋଗାଇବା ଲକ୍ଷ୍ୟ ଥିବାବେଳେ ଆବଶ୍ୟକ ନିଦାନ ବ୍ୟବସ୍ଥା ଓ ମାନବ ସମ୍ବଳର ଅଭାବ ଏହି ଲକ୍ଷ୍ୟକୁ ପ୍ରଶ୍ନବାଚୀରେ ପକାଇଛି । ତେଣୁ ତୁରନ୍ତ ମେଡିକାଲ କଲେଜରେ ଏମ୍ଆରଆଇ ଓ ସିଟିସ୍କାନ୍ ବ୍ୟବସ୍ଥା କରିବା ସହ ଆବଶ୍ୟକ ସଂଖ୍ୟକ ଆମ୍ବୁଲାନ୍ସ ଡ୍ରାଇଭର ନିଯୁକ୍ତ କରିବାକୁ ରୋଗୀ ଓ ସାଧାରଣ ଲୋକେ ଦାବି କରିଛନ୍ତି । ଏପରିକି ପିଆରଏମ୍‌ରେ ଏଯାବତ୍ ସ୍ୱତନ୍ତ୍ର ବ୍ଲଡ୍ ବ୍ୟାଙ୍କ ବ୍ୟବସ୍ଥା ନଥିବା ମଧ୍ୟ ଅନ୍ୟତମ ଚିନ୍ତାର ବିଷୟ ହୋଇଛି । ତେବେ ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କ ଉଦ୍ୟମରେ ବର୍ଷକୁ ପ୍ରାୟ ୨ହଜାରୟୁନିଟ୍ ରକ୍ତ ସଂରକ୍ଷଣ କରିବା ପାଇଁ ବ୍ଲଡ୍ ଷ୍ଟୋରେଜ୍ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ବିଶେଷକରି ଜରୁରୀକାଳୀନ ଚିକିତ୍ସା, ଅସ୍ତ୍ରୋପଚାର ଓ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ କ୍ଷେତ୍ରରେ ରକ୍ତର ତୁରନ୍ତ ଆବଶ୍ୟକତା ଥିବାରୁ ଏହି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି । ଏନେଇ ଜନପ୍ରତିନିଧିମାନେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରଙ୍କ ନିକଟରେ ଦାବି ଉଠାଇଲେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ମାଉଜର୍ ଏବଂ ଧାରୁଆ ଅସ୍ତ୍ର ଜବତ, ଦୁଇ ଅପରାଧୀ ଗିରଫ



ଭଞ୍ଜନଗର, (ସବ୍ୟୁ) : ମାଉଜର ସହ ୨ ଜଣ ଅପରାଧୀ କୁ କାବୁକଲା ଗଂଜାମ ଜିଲ୍ଲା ତାରାସିଂ ଥାନା ପୋଲିସ । ସେମାନଙ୍କ ଠାରୁ ଗୋଟିଏ ପିସ୍ତଲ ସହ ଗୋଟିଏ ବଡ ଧରଣର ଧାରୁଆ ଅସ୍ତ୍ର, ଦୁଇଟି ମୋବାଇଲ୍ ଏବଂ ଗୋଟିଏ ମଟର ସାଇକେଲ ଜବତ କରାଯାଇଛି । ଗିରଫ ଅପରାଧୀ ଦୁହେଁ ହେଲେ ଭଞ୍ଜନଗର ଥାନା ହାତୀଗଡା ଗ୍ରାମର ମୁନା ଗନ୍ତାୟତ ଓ ଦଶପଲ୍ଲା ଥାନା କର୍ଯ୍ୟାଁଡିହ ଗ୍ରାମର ମଦନ ମାଝି । ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବହୁ ଅପରାଧୀକ ମାମଲାରେ ସଂପୃକ୍ତ ରହିଛନ୍ତି । ପୋଲିସ ପକ୍ଷରୁ କହିବା ପ୍ରକାରେ ଏହି ଅପରାଧୀ ଗୋଷ୍ଠୀ କୌଣସି ଏକ ସ୍ଥାନରେ ଅପରାଧ ଘଟାଇବା ପାଇଁ ଚାଁର ମାରୁଥିବା ବେଳେ, ତାରାସିଂ ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଥାନାଧିକାରୀ ଅଭୟ କୁମାର ପ୍ରଧାନ ଓ ତାଙ୍କ ଟିମ ରବିବାର ବିଳମ୍ବିତ ରାତ୍ରରେ ଗାଳେରୀ, ବ୍ରାହ୍ମଣପଦର, ବଦାଙ୍ଗି ଆଦି ଅଞ୍ଚଳରେ ପେଟ୍ରୋଲିଙ୍ଗ୍ କରୁଥିବା ସମୟରେ ଗାଳେରୀ ଢେପସାହି ମୁଖ୍ୟରାସ୍ତା ନିକଟରେ ଥିବା ବ୍ରାହ୍ମଣଦେବୀ ମନ୍ଦିର ନିକଟରେ ଏହି ଦୁଇ ଅପରାଧୀ କାହାକୁ ଡକାୟତି ଉଦ୍ୟମ କରିବାପାଇଁ ଅପେକ୍ଷା କରିଥିଲେ । ହେଲେ ଏପଟେ ଚାଲିଥିବା ପୋଲିସ୍ ପେଟ୍ରୋଲିଂ ବେଳେ, ଏହି ଦୁଇ ଅପରାଧୀ ପୋଲିସ ଗାଡିକୁ ଦେଖି ପଳାୟନ କରୁଥିବା ସମୟରେ ପୋଲିସ ସେହି ଦୁହେଁଙ୍କୁ ପୋଲିସ କାବୁ କରିବା ସହ ତାରାସିଂ ଥାନାକୁ ଆଣିଥିଲେ । ଥାନାରେ କେସନଂ ୨୮୦/ ୨୬ ମାମଲା ରୁଜୁ କରାଯାଇ ସୋମବାର କୋର୍ଟଚାଲଣ କରାଯାଇଥିବା ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୁଚନା ଦେଇଛନ୍ତି ।

## ଏମକେସିଜିରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ) : ଏମକେସିଜିରେ ଜଣେ ଗୁରୁତର ରୋଗୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମର ଲଳିତା ନାୟକ । ସୂଚନାକ୍ରମେ ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହୋଇ ଗତ ୧୦ ତାରିଖରୁ ଯକ୍ଷ୍ମା ବିଭାଗରେ ଚିକିତ୍ସିତ ହେଉଥିଲେ । ପରିବାରବର୍ଗଙ୍କ କହିବାନୁସାରେ ଆଜି ଚିକିତ୍ସା ପାଇଁ ଗୋଟିଏ ଶଯ୍ୟାରୁ ଅନ୍ୟ ଶଯ୍ୟାକୁ ସ୍ଥାନାନ୍ତର କରିବା ସମୟରେ ଅମ୍ଳଜାନ ଯୋଗାଣ ଠିକ ରୂପରେ କରାଯାଇନଥିଲା ଫଳରେ ସେ ମୃତ୍ୟୁବରଣ କରିଛନ୍ତି । ଚିକିତ୍ସା ଅବହେଳାକୁ ନେଇ ପରିବାରବର୍ଗଙ୍କ ପକ୍ଷରୁ ଏମକେସିଜି ଅଧୀକ୍ଷକଙ୍କୁ ଚିଠି ମାଧ୍ୟମରେ ସୂଚିତ କରାଯାଇଛି । ଏହା ସହ ଏହାର ବିଭାଗୀୟ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି ।

### ମୟୂରଭଞ୍ଜ ବନ୍ୟା ପରିଚାଳନାର ଉଚ୍ଚସ୍ତରୀୟ ସମୀକ୍ଷା

## ବନ୍ୟା ପରବର୍ତ୍ତୀ ବ୍ୟବସ୍ଥା ସୁଦୃଢ଼ କରିବାକୁ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶ

ବାରିପଦା, (ସବ୍ୟୁ) : ନିକଟରେ ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି, କ୍ଷୟକ୍ଷତି, ଉଦ୍ଧାର, ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟର ସ୍ଥିତି ସମୀକ୍ଷା କରାଯାଇଛି । ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକର ସ୍ଥିତି, ରିଲିଫ୍ ବଣ୍ଟନ, ଭିତ୍ତିଭୂମିର କ୍ଷୟକ୍ଷତି, ଯୋଗାଯୋଗ ବ୍ୟବସ୍ଥାର ପୁନଃସ୍ଥାପନ ଏବଂ ବନ୍ୟା ପରବର୍ତ୍ତି ପୁନରୁଦ୍ଧାର କାର୍ଯ୍ୟର ବିସ୍ତୃତ ସମୀକ୍ଷା କରାଯାଇଥିଲା । ବିଶେଷକରି ବଡ଼ସାହି, ବେତନଟୀ ଓ ରାସଗୋବିନ୍ଦପୁର ବ୍ଲକ ସମେତ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳର ସ୍ଥିତି ଉପରେ ଆଲୋଚନା କରାଯାଇଥିଲା । ମନ୍ତ୍ରୀ ଡଃ ମହାପାତ୍ର ବନ୍ୟା ପ୍ରଭାବିତ ଅଞ୍ଚଳରେ ଥିବା କଚ୍ଚା ଘରଗୁଡ଼ିକୁ ପର୍ଯ୍ୟାୟକ୍ରମେ ପକ୍କା ଘରରେ ରୂପାନ୍ତର କରିବା ଦିଗରେ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ପ୍ରଭାବିତ ଲୋକଙ୍କ ଆବାସ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ତୁରନ୍ତ ସରକାରୀ ଆବାସ ଯୋଜନାରେ ସାମିଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ରାସ୍ତା ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ଉପଯୁକ୍ତ ଭାବେ ବିଚାରକୁ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଅଥବା ଅବ୍ୟବସ୍ଥିତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁଁ ଯେପରି ଜଳବନ୍ଦୀ କିମ୍ବା ମନୁଷ୍ୟକୃତ ବନ୍ୟା ପରିସ୍ଥିତି ସୃଷ୍ଟି ନହୁଏ, ସେଥିପ୍ରତି ସମ୍ପୃକ୍ତ ବିଭାଗ ସତର୍କ ରହିବା ସହ ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ନେବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ସମୟରେ ଏବଂ ବନ୍ୟା ପରବର୍ତ୍ତୀ ସମୟରେ ରାସ୍ତା, ପାନୀୟ ଜଳ ଯୋଗାଣ, ଜଳସେଚନ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ପୁନଃସ୍ଥାପନ କାର୍ଯ୍ୟ ତ୍ୱରିତ ଓ ଗୁଣାତ୍ମକ ଭାବେ ସମ୍ପାଦନ କରିବାକୁ ଗ୍ରାମ ନିର୍ମାଣ ବିଭାଜନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଜଳସେଚନ, କ୍ଷୁଦ୍ର ଜଳସେଚନ ସମେତ ସମସ୍ତ ସମ୍ପୃକ୍ତ ଲାଇନ୍ ବିଭାଗକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେହିପରି ବନ୍ୟା ପରେ ବିଦ୍ୟୁତ୍ ସେବା ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ ଓ ସ୍ୱାଭାବିକୀକରଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ ଲୋକଙ୍କୁ ଆବଶ୍ୟକ ସେବା ଶୀଘ୍ର ଉପଲବ୍ଧ କରାଇବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ସେ ନିର୍ଦ୍ଦେଶ ଦେଇଥିଲେ ।

## ଲଗାଣ ବର୍ଷାରେ ଦବିଲା ରେଳଧାରଣା, ସୁପରଫାଷ୍ଟ ସମେତ ୩ ଟ୍ରେନ୍ ବାତିଲ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଲାଗି ରହିଥିବା ଲଗାଣ ବର୍ଷାର ପ୍ରଭାବ ଏବେ ରେଳ ଚଳାଚଳ ଉପରେ ପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ବାରିପଦା ଷ୍ଟେସନବଜାର-ଶୁନଗଡ଼ିଆ ନିକଟରେ ପ୍ରାୟ ୫୦ମିଟର ରେଳଧାରଣା ଦବିଯାଇଥିବାରୁ ବାଙ୍ଗିରିପୋଷି-ରୁପ୍‌ସା ରେଳପଥରେ ରେଳ ଚଳାଚଳ ସାମୟିକ ଭାବେ ଠପ୍ ହୋଇପଡ଼ିଛି । ଏହାର ପ୍ରଭାବରେ ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ସମେତ ୩ଟି ଟ୍ରେନ୍ ବାତିଲ କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ରବିବାର ପୁରୀ-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ୍ ବାଙ୍ଗିରିପୋଷି ଅଭିମୁଖେ ଯାତ୍ରା କରିବା ପରେ ରାତିରେ ଡିଏମ୍ୟୁ ଟ୍ରେନ୍ ଯାତାୟାତ ସମୟରେ ରେଳଧାରଣା ଦବିଥିବା ଜଣାପଡ଼ିଥିଲା । ଘଟଣା ଜଣାପଡ଼ିବା ପରେ ରେଳ ବିଭାଗ ପକ୍ଷରୁ ତୁରନ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଇ ଏହି ରୁଟ୍‌ରେ ରେଳ ଚଳାଚଳକୁ ବନ୍ଦ ରଖାଯାଇଛି । ଘଟଣାସ୍ଥଳରେ ରେଳ ମେଣ୍ଟେନାନ୍ସ ବିଭାଗର କର୍ମଚାରୀମାନେ ପହଞ୍ଚି ମଧ୍ୟରାତ୍ରିରୁ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି । ଦବିଯାଇଥିବା ରେଳଧାରଣାକୁ ସୁଧାରିବା ସହ ଟ୍ରାକ୍‌ର ସ୍ଥିତି ଯାଞ୍ଚ କରାଯାଉଛି ।



ସମୟୋଚିତ ଭାବେ ଟ୍ରାକ୍‌ର ତ୍ରୁଟି ଚିହ୍ନଟ ହୋଇ ରେଳ ଚଳାଚଳ ବନ୍ଦ କରାଯାଇନଥାନ୍ତା ତେବେ ବଡ଼ଧରଣର ରେଳ ଦୁର୍ଘଟଣାର ଆଶଙ୍କା ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ମୟୂରଭଞ୍ଜ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଓ ଜଳବନ୍ଦୀ ସ୍ଥିତି ମଧ୍ୟରେ ରେଳ ଚଳାଚଳକୁ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ଥିତି ସମୀକ୍ଷା କରିଛନ୍ତି । ଜଳବନ୍ଦୀ ଅଞ୍ଚଳ ଓ ରେଳଧାରଣାର ସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ରେଳ ଚଳାଚଳକୁ ସୁଗମ ଓ ନିରାପଦ ଭାବେ ଜାରି ରଖିବାକୁ ସେ ରେଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବିଶେଷକରି ବାରିପଦା ଅଞ୍ଚଳରେ ନିରବିଚ୍ଛିନ୍ନ ଓ ନିରାପଦ ରେଳ ଚଳାଚଳ ସୁନିଶ୍ଚିତ କରିବାକୁ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି । ବର୍ତ୍ତମାନ ରେଳ ବିଭାଗ ପକ୍ଷରୁ ଦବିଥିବା ଟ୍ରାକ୍‌ର ମରାମତି ସହ ସମଗ୍ର ଅଞ୍ଚଳର ରେଳଧାରଣାର ସ୍ଥିତି ଯାଞ୍ଚ କରାଯାଉଛି । ମରାମତି ଓ ସୁରକ୍ଷା ଯାଞ୍ଚ ସମ୍ପୂର୍ଣ୍ଣ ହେବା ପରେ ରୁଟ୍‌ରେ ରେଳ ଚଳାଚଳ ସ୍ୱାଭାବିକ କରାଯିବ ବୋଲି ଜଣାପଡ଼ିଛି ।

## ବେଆଇନ ଭାବେ ଆନ୍ଧ୍ର ଜମି ମାଫିଆଙ୍କ କବଜା, ଥାନାରେ ଲୋକଙ୍କ ଅଭିଯୋଗ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ତଥା ତହସିଲ ଇଲାକା ଅନ୍ତର୍ଗତ ମାଣିତରା ଓ ମକରାପଲ୍ଲୀର ରାଉତ ବଂଶର କଣ୍ଡରାଇ ମୋଜାରେ ଥିବା ଖାତା ନଂ ୨୭, ୨୪, ୬୨, ୩୦, ୫୮, ୧,୧୪, ୫୫ରେ ପଟ୍ଟାପ୍ରାପ୍ତ କେତେକ ଜମିକୁ ବେଆଇନ ଭାବେ ଆନ୍ଧ୍ରର ଜମି ମାଫିଆ ବଳପୂର୍ବକ ନିଜର କବଜାକୁ ନେଉଥିବା ନେଇ ସଂପୃକ୍ତ ଜମିର ମାଲିକମାନେ ତହସିଲ କାର୍ଯ୍ୟାଳୟ ଏବଂ ପୋଲିସ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି । ରାଉତ ବଂଶର ଲୋକେ ଅଭିଯୋଗ କରିଛନ୍ତି ଯେ, ଗତ କିଛି ଦିନ ହେଲା ଆନ୍ଧ୍ରର ଜଣେ ବ୍ୟକ୍ତି ଚାରଗୋଲା ଭିରା ଭେଙ୍କେଟା ସତ୍ୟନାରାୟଣ, ଅଳସୁ ଗ୍ରାମର ଦଲାଲ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଏବଂ ଆନ୍ଧ୍ର ବ୍ୟକ୍ତିଙ୍କ ଅଧିନରେ କାର୍ଯ୍ୟରତ କଣ୍ଡରାଇ ଗ୍ରାମର ସୁକାନ୍ତ ନାଇକ ଜୋରଜବରଦସ୍ତ କରି ସେମାନଙ୍କ ଜମିରେ ଜେସିବି ମେସିନ ଲଗାଇ ବହୁ ପୁରାତନ ମୂଲ୍ୟବାନ ଗଛଗୁଡ଼ିକୁ ଉପାଡି ସଫା କରୁଛନ୍ତି । ଏହାର ପ୍ରତିବାଦ କରିବାରୁ ଜବରଦଖଲକାରୀ ମାନେ ସେମାନଙ୍କୁ ନାନାଦି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ ଧକ୍କା ତଣ୍ଟିଆ ମାରିବା ସହ ହତ୍ୟା ଧମକ ଦେଇଛନ୍ତି । ଏଣୁ, ରାଉତ ବଂଶର ଲୋକେ ସେମାନଙ୍କ ଧନ ଓ ଜୀବନର ସୁରକ୍ଷା ସହ ଜବରଦଖଲକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଛନ୍ତି । ଏଥିସହ ସେମାନେ ଭଞ୍ଜନଗର ଏସଡିପିଓ, ଗଞ୍ଜାମ ଏସପି ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି । ତେବେ ଡିମାରକେସନ ପାଇଁ ପ୍ରଥମେ ଆବେଦନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ତାପସ ରାଉତ ପ୍ରକାଶ କରିଛନ୍ତି ।

### ପଟ୍ଟା ସମସ୍ୟା ନେଇ ମହାମାୟୀପୁର ମୌଜାବାସୀଙ୍କ ଧାରଣା

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ନିର୍ଦ୍ଦେଶ ପାଳନ କରୁନାହାନ୍ତି ଅଧିକାରୀ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ତହସିଲ ଅଧୀନ ମହାମାୟୀପୁର ମୌଜାର ରଙ୍ଗୁଣିବନ୍ଧ ସାହି ସମେତ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ପ୍ରାୟ ୯୨ଟି ପରିବାର ଦୀର୍ଘଦିନର ଜମି ଅଧିକାର ସମସ୍ୟାର ସମାଧାନ ଓ ଆରଓଆର୍/ଘରବାରୀ ପଟ୍ଟା ପ୍ରଦାନ ଦାବିରେ ସୋମବାର ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ଧାରଣାରେ ସାମିଲ ହୋଇଥିବା ବାସିନ୍ଦାମାନେ ଅଭିଯୋଗ କରିଥିଲେ ଯେ, ଦୀର୍ଘବର୍ଷ ଧରି ଏହି ସମସ୍ୟାର ସମାଧାନ ପାଇଁ ସେମାନେ ବିଭିନ୍ନ ସ୍ତରରେ ଦାବି ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି । ୪ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ପ୍ରସଙ୍ଗ ଉଠାଇ ଜମି ରେକର୍ଡର ସମାଧାନ ଏବଂ ଆରଓଆର୍/ଘରବାରୀ ପଟ୍ଟା ପ୍ରଦାନ କିମ୍ବା ସଂଶୋଧନ ପାଇଁ ଦାବି କରାଯାଇଥିବା ସେମାନେ କହିଛନ୍ତି । ବ୍ରହ୍ମପୁର ତହସିଲ ଅଧିନ ମହାମାୟୀପୁର ମୌଜାର ୯୨ ଜଣଙ୍କ ଜମି ତହସିଲ ରେକର୍ଡରେ ଭୂଲ ବଶତଃ ବ୍ରହ୍ମପୁର ମ୍ୟୁନିସିପାଲିଟି ନାମରେ ରେକର୍ଡ ରହିଥିବା ବେଳେ ଏହା ସଂଶୋଧନ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ବ୍ରହ୍ମପୁର ମ୍ୟୁନିସିପାଲିଟି ପକ୍ଷରୁ ଜନୈକ ବ୍ୟକ୍ତିଙ୍କ ସପକ୍ଷରେ ୧୯ ଫେବୃଆରୀ ୧୯୯୯ରେ ଜାରି ହୋଇଥିବା ଏନ୍‌ଓସିରେ ମହାମାୟୀପୁର ମୌଜାର ହାଲ୍ ପ୍ଲଟ୍ ନଂ ୯୭୨ ସମ୍ପର୍କରେ ଆରଓଆର୍ ପରିବର୍ତ୍ତନ ପାଇଁ ମ୍ୟୁନିସିପାଲିଟିର କୌଣସି ଆପତ୍ତି ନଥିବା ଉଲ୍ଲେଖ ରହିଛି । ସେହି ଦଲିଲରେ ସମ୍ପୃକ୍ତ ଜମିର ଏକ ଅଂଶ ବ୍ରହ୍ମପୁର ମ୍ୟୁନିସିପାଲିଟି ନାମରେ ରେକର୍ଡ ରହିଥିବା ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ସପକ୍ଷରେ ଆରଓଆର୍ ପରିବର୍ତ୍ତନ ପାଇଁ ଏନ୍‌ଓସି ଜାରି ସହ ଭୂଲ ବଶତଃ ମୁନିସିପାଲିଟି ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି । ସେପରି ୯୨ ଜଣଙ୍କ ଜମି ସଂଶୋଧନ କିମ୍ବା ଏନଓସି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ପରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଜୁନ୍ ୧୨, ୨୦୨୬ରେ ପତ୍ର ନମ୍ବର ୧୦୨୫୬ ମାଧ୍ୟମରେ ସ୍ପଷ୍ଟ କରାଯାଇଥିଲା ଯେ ଘରବାରୀ ପଟ୍ଟା ପ୍ରଦାନ କରିବାର କ୍ଷମତା ମହାନଗର ନିଗମର ନାହିଁ ଏବଂ ଏହା ରାଜସ୍ୱ ବିଭାଗର ଅଧିକାର କ୍ଷେତ୍ରଭୁକ୍ତ । ଏନେଇ ବ୍ରହ୍ମପୁର ତହସିଲଦାର, ଅତିରିକ୍ତ ତହସିଲଦାର କିମ୍ବା ଅନ୍ୟ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଆଇନ ଅନୁଯାୟୀ ପଦକ୍ଷେପ ନେଇ ପଟ୍ଟା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ବାରମ୍ବାର ଅଭିଯୋଗ କରାଯାଉଥିବା ସେ%ୀ ମୂଳ ଜମି ରେକର୍ଡ ସଂଶୋଧନ ନହେବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଧାରଣା ମାଧ୍ୟମରେ ବାସିନ୍ଦାମାନେ ପୂର୍ବରୁ ନିଷ୍ପତ୍ତି ହୋଇଥିବା ଅଭିଯୋଗଗୁଡ଼ିକୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ମାମଲାର ବିସ୍ତୃତ ଯାଞ୍ଚ ଦାବି କରିଛନ୍ତି । ଏଥିସହ ଜମିର ଦଖଲ, ସାବିକ ରେକର୍ଡ, ୧୯୯୯ରେ ବ୍ରହ୍ମପୁର ମ୍ୟୁନିସିପାଲିଟି ପକ୍ଷରୁ ଜାରି ଏନ୍‌ଓସି ଏବଂ ଅନ୍ୟ ସମସ୍ତ ସମ୍ପୃକ୍ତ ଦଲିଲ ଯାଞ୍ଚ କରି ଆଇନ ଅନୁଯାୟୀ ଆରଓଆର୍/ଘରବାରୀ ପଟ୍ଟା ପ୍ରଦାନ କିମ୍ବା ସଂଶୋଧନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି । ଦୀର୍ଘଦିନ ଧରି ପଟ୍ଟା ସମସ୍ୟାରେ ଜଡ଼ିତ ପରିବାରଗୁଡ଼ିକର ଦୁର୍ଦ୍ଦଶା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ ଏବଂ ସମସ୍ୟାର ସମାଧାନ ଦାବିରେ ଏହି ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିବା ବାସିନ୍ଦାମାନେ କହିଛନ୍ତି ।

## ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର, (ସବ୍ୟୁ) : ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଅବସରରେ ଆଜି ସ୍ଥାନୀୟ ରାମ ଲିଙ୍ଗେଶ୍ୱର ପାର୍କ ସ୍ଥିତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରିଥିଲେ । ଅଗଷ୍ଟ ୧୬ ତାରିଖ ପବିତ୍ର ପୁଣ୍ୟତିଥି ଅବସରରେ ସକାଳ ୭ଟା ସମୟରେ ବ୍ରହ୍ମପୁର ସ୍ଥିତ ରାମଲିଙ୍ଗ ପାର୍କ ପରିସରରେ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ, ମହାନ ଜନନାୟକ ଶ୍ରୀ ଅଟଳ ବିହାରୀ ବାଜପେୟୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଦ୍ୟାନସାମନ୍ତରା, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ସୁନିଲ କୁମାର ସାହୁ, ଶରତ ପଟ୍ଟନାୟକ, ବନମାଳୀ ସେଠୀ, ପ୍ରଭାତ କିରଣ ତ୍ରିପାଠୀ, ମଧୁସୂଦନ ସାହୁ, ପୂର୍ବତନ କର୍ପୋରେଟର ବଦ୍ରି ନାରାୟଣ ନାୟକଙ୍କ ସମେତ ବହୁ ମହିଳା ନେତ୍ରୀ ମାନେ, ବରିଷ୍ଠ ନେତୃବୃନ୍ଦ ଏବଂ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଅଟଳଜୀଙ୍କୁ ସ୍ମରଣ କରିଥିଲେ । ଅଟଳଜୀଙ୍କ ସୁସାହିତ୍ୟିକ, ଆଦର୍ଶ, ରାଷ୍ଟ୍ରପ୍ରେମ, ତ୍ୟାଗ ଓ ମହାନ ଦାର୍ଶନିକ ଜନନାୟକଙ୍କ ଆଦର୍ଶ ଆମକୁ ଜନସେବାର ପଥ



କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ସମେତ ଚିକିଟି ବିଧାୟକ ମନୋରଞ୍ଜନ ଆମ ସମସ୍ତଙ୍କୁ ସଦା ପ୍ରେରଣା ଦେଇଚାଲିବ ବୋଲି ମତବ୍ୟକ୍ତ କରିଥିଲେ ।

## ପୂର୍ବତନ ଉପନଗରପାଳ ଦୁର୍ଗାମଣୀ ଆଚାର୍ଯ୍ୟଙ୍କ ପରଲୋକ

ବାରିପଦା, (ସବ୍ୟୁ) : ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ତଥା ୧ ନମ୍ବର ଓ୍ୱାର୍ଡର ପୂର୍ବତନ କାଉନ୍‌ସିଲର ଓ ସମାଜସେବୀକା ଦୁର୍ଗାମଣୀ ଆଚାର୍ଯ୍ୟଙ୍କର ସୋମବାର ଅପରାହ୍ନ ପ୍ରାୟ ୧ଟା ସମୟରେ ପରଲୋକଗମନ ହୋଇଛି । ସେ ୧ ନମ୍ବର ଓ୍ୱାର୍ଡସ୍ଥିତ ନିଜ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବାରିପଦା ସହରରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଖବର ପାଇ ବାରିପଦା ବିଧାୟକ



ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଉପନଗରପାଳ ସୀମା ଦାସ, ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀ, ସମାଜସେବୀ ତଥା କବିବିଷ୍ଣୁ ଶତପଥି, ପୂର୍ବତନ ଉପନଗରପାଳ ଜୀତେନ୍ଦ୍ର ମହାନ୍ତି, ସମାଜସେବୀ ଅମର କୁମାର ସେଠୀ ଓ ସୋମନାଥ ସିଂହ, ବିଜେଡି ଯୁବ ଛାତ୍ର ନେତା ଅରୁଣ ବରାଡ଼ ଓ ସୁନୀଲ ନାୟକଙ୍କ ସମେତ ସହରର ବିଭିନ୍ନ ଅଞ୍ଚଳରୁ ଶତାଧିକ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସମସ୍ତେ ଦିବଂଗତ ଦୁର୍ଗାମଣୀ ଆଚାର୍ଯ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ଦୁର୍ଗାମଣୀ ଆଚାର୍ଯ୍ୟ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଆଧ୍ୟାତ୍ମିକ ଚେତନାସମ୍ପନ୍ନ ମହିଳା ଭାବେ ପରିଚିତ ଥିଲେ । କାଉନ୍‌ସିଲର ଓ ଉପନଗରପାଳ ଭାବେ ଦାୟିତ୍ୱ ତୁଲାଇବା ସମୟରେ ସେ ସ୍ଥାନୀୟ ଅଞ୍ଚଳ ସମେତ ବାରିପଦା ସହରର ବିକାଶ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ । ଏଥିସହ ଗରିବ, ଅସହାୟ ଓ ଦୁଃଖୀ ଲୋକଙ୍କ ସେବାରେ ସେ ସର୍ବଦା ନିଜକୁ ନିୟୋଜିତ ରଖିଥିଲେ । ତାଙ୍କର ସରଳ ଓ ମିଷ୍ଟଭାଷୀ ବ୍ୟବହାର, ମାନବିକତା ଏବଂ ସମାଜସେବା ଯୋଗୁଁ ସେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବାରିପଦାବାସୀଙ୍କ ମଧ୍ୟରେ ଜଣେ ପ୍ରିୟଭାଜନ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ ।

## କ୍ଲବ ଟିଡି-୭୪ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ

କଟକ, (ସ୍ୱପ୍ର): ଟାଙ୍ଗୀ-ଚୌଦ୍ୱାର ବ୍ଲକ ପଦ୍ମିନୀ ବିହାର ଠାରେ ଥିବା ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ କ୍ଲବ ଟିଡି-୭୪ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । କ୍ଲବ ପରିସରରେ ଅନୁଷ୍ଠାନର ସଭାପତି ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସର ଅନୁଚିନ୍ତା ସଂପର୍କରେ ଉଲ୍ଲେଖ କରିବା



ସହ କ୍ଲବର ଉନ୍ନତି ଦିଗରେ ସମ୍ମିଳିତ ପ୍ରଚେଷ୍ଟା ଜାରି ରଖିବାକୁ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ । ଉପସ୍ଥିତ ସଦସ୍ୟ ଜାତୀୟ ସଂଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମରେ ରମେଶ ବେହେରା, ଦୈତାରୀ ସାହୁ, ଜଗବନ୍ଧୁ ସାହୁ, ରବିନ୍ଦ୍ର ଲେଙ୍କା, ନିମାଇଁ ମହାନ୍ତି, ଭରତ ଲେଙ୍କା, ଦେବେନ୍ଦ୍ର ନାୟକ, ଧନେଶ୍ୱର ସ୍ୱାଇଁ, ଧୂଳମଣି ସେଠୀ, ଡ୍ରିମ୍‌ସର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିରୂପା ନଦୀରେ ଦ୍ୱିତୀୟ ବନ୍ୟା : ଲୋକେ ଦୁର୍ଦ୍ଦଶାରେ

ବାଲିଚନ୍ଦ୍ରପୁର, (ସବ୍ୟୁ) : ବିରୂପା ନଦୀରେ ଦ୍ୱିତୀୟ ଥର ବନ୍ୟା ଆସିବାରୁ ନଦୀକୂଳ ବର୍ତ୍ତୀ ସମସ୍ତ ଗ୍ରାମଗୁଡ଼ିକରେ ପାଣିପଶି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି । ପ୍ରଥମ ବନ୍ୟାର ଟିକିଏ ସୁଧାର ଆସିଥିବା ବେଳେ ଦ୍ୱିତୀୟ ବନ୍ୟା ଓ ଲଗାଣ ବର୍ଷା ଦ୍ୱାରା ଶହ ଶହ ହେକ୍ଟର ଫସଲ ନଷ୍ଟ ହୋଇଛି । ବିଶେଷ ଭାବରେ ବାଲିପଡ଼ିଆ ପଞ୍ଚାୟତରେ ଡିଗିରିଆ, ଗୋପାଳପୁର ପଞ୍ଚାୟତର ଖଡ଼କପୁର, ଗଜେନ୍ଦ୍ରପୁର, ଦକ୍ଷିଣ ଗୋପାଳପୁର, କଳାଶ୍ରୀ, ଚାରିନଙ୍ଗଳ, ବାହାଦୁରନଗର, ଆମ୍ବସୋରୀ, ପତରାଜପୁର, ବାଲିଚନ୍ଦ୍ରପୁର, ମଞ୍ଜିପଡ଼ା, ବଡ଼ିଆ, ବନମାଳୀପୁର, ଅଣ୍ଡୁବନସଣ୍ଡ, ମାଣ୍ଡୁକା, ନାନପୁର, ଅଣକା, ଭୁଲୁକା, ପଦଲାପୁର, ମହାପୁର, ରାହାଳ ଆଦି ଗ୍ରାମ ଗୁଡ଼ିକରେ ନଦୀ ପାଣି ପଶିବା ସହିତ ଗ୍ରାମର ମୁଖ୍ୟ ରାସ୍ତା ଗୁଡ଼ିକ ଜଳ ମଗ୍ନ ହେବା ଦ୍ୱାରା ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଅନେକ ଲୋକ ଜଗତପୁର -ପଟ୍ଟାମୁଣ୍ଡାଇ କେନାଲ ବନ୍ଧରେ ପାଲ ଟାଙ୍ଗି ଗୃହ ପାଳିତ ପଶୁ ମାନଙ୍କ ସହିତ ରହିଥିବାର ଦେଖିବାକୁ ମିଳିଛି । ଦୀର୍ଘ ୩ଦିନ ଧରି ବନ୍ୟା ଜଳ ରେ ବୁଡ଼ି ରହିବା କାରଣରୁ ପୂର୍ବ ବନ୍ୟାରୁ ବଞ୍ଚି ଯାଇଥିବା କିଛି ଫସଲ ଧାନ, ନଡ଼ିଆ ଓ ପନି ପରିବା ଫସଲ ନଷ୍ଟ ହୋଇ ଯାଇଛି । ପ୍ରଶାସନ ଏ ପର୍ଯ୍ୟନ୍ତ ଲୋକଙ୍କ ପାଖରେ ପହଂଚି ନ ଥିବା ବେଳେ ତୁରନ୍ତ ରିଲିଫ, ଗୋ ଖାଦ୍ୟ, ଜାତାୟତ ପାଇଁ ଡଙ୍ଗା, ମୋଟର ଚାଳିତ ବୋଟ ଯୋଗାଇଦେବାପାଇଁ ବନ୍ୟାରେ ପୀଡ଼ିତ ଜନସାଧାରଣ ପ୍ରଶାସନ ନିକଟରେ ଦାବି ରଖିଛନ୍ତି ।

## ଇଫ୍‌କୋ ଲୋକ ସମ୍ପର୍କ ଅଧିକାରୀ ଧର୍ମପତ୍ନୀଙ୍କ ବିୟୋଗ



ପାରାଦୀପ,( ଜି ପ୍ର ): ଇଫ୍‌କୋ ପାରାଦୀପର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ଧର୍ମପତ୍ନୀ ଗୀତା ବେଉରାଙ୍କ ୪୮ ବର୍ଷ ବୟସରେ ଦେହାନ୍ତ ଘଟିଛି । ଆପୋଲୋ ହସ୍ପିଟାଲ ବାଙ୍ଗାଲୋରେ ସେ ଏକ ଅପ୍ରେସନ ହୋଇ ଚିକିତ୍ସିତ ହେଉଥିଲେ । ସେ ଜଣେ ପରୋପକାରୀ ଧର୍ମ ପରାୟଣା ମହିଳା ଥିଲେ । ତାଙ୍କର କେନ୍ଦ୍ରାପଡ଼ା କୁସୁମପୁର ସ୍ଥିତ ଗ୍ରାମରେ ଆଜି ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ବିୟୋଗରେ ସମଗ୍ର ଇଫ୍‌କୋ ପରିବାର , ପାରାଦୀପର ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସାମ୍ବାଦିକମାନଙ୍କ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

## ବନ୍ୟାଜଳରେ ଭାସି ନାବାଳକ ମୃତ

ଯାଜପୁର, (ସବ୍ୟୁ) : ଯାଜପୁର ଦଶରଥପୁର ବ୍ଲକ ଅଧିନସ୍ଥ କର୍ଯ୍ୟାଁ ପଞ୍ଚାୟତ ସ୍ଥିତ ଇଛାପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଗ୍ରାମର ଜଣେ ୧୨ ବର୍ଷୀୟ ନାବାଳକ ବନ୍ୟାରେ ଭାସି ମୃତ୍ୟୁବରଣ କରିଛି । ଘଟଣା ମୁତାବକ ଇଛା ପୁର ଗ୍ରାମର ସରୋଜ ସାହାଣୀ ଙ୍କ ପୁଅ ରୁଦ୍ର ସାହାଣୀ (୧୨) ସୌଚ ହେବାକୁ ଯିବାବେଳେ ରାସ୍ତା ଓ ବିଲ ସମାନ ଥିବାରୁ ଗୋଡ଼ ଖସି ଯାଇଥିଲା । ସେ ବିଲରେ ଭାସି ଯାଇଥିଲେ କିଛି ସମୟ ପରେ ଗ୍ରାମବାସି ଦେଖି ବିଲରେ ପଶି ଉଦ୍ଧାର କରି ରୁଦ୍ରଙ୍କୁ ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣିଥିଲେ । ଡାକ୍ତର ଦେଖି ରୁଦ୍ରଙ୍କୁ ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲେ ।

# ଯୁବକଙ୍କ ମୃତ୍ୟୁ , ବାଲିକୁଦା ଥାନା ଘେରିଲେ ଲୋକେ

ପାରାଦୀପ, (ଜିପ୍ର) : ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବାହାରାଣା ଅଞ୍ଚଳରେ ଜଣେ ୩୫ ବର୍ଷୀୟ ଯୁବକଙ୍କ ମୃତଦେହ ରାସ୍ତାକଡ଼ ଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର ହେବା ଘଟଣାକୁ ନେଇ ଚାଞ୍ଚଲ୍ୟ ପ୍ରକାଶ ପାଇଛି । ମୃତକ ଓଲାଶ ଗ୍ରାମର ଗୌରାଙ୍ଗ ଦାସ (୩୫) ବୋଲି ଜଣାପଡ଼ିଛି । ତାଙ୍କୁ ଚିହ୍ନିତ ଅଚିହ୍ନା ଯୁବକ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ନେଇ ପରିବାର ପକ୍ଷରୁ ବାଲିକୁଦା ଥାନାରେ ଅଭିଯୋଗ କରାଯାଇଛି । ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟାରେ ତିନିଜଣ ଅଚିହ୍ନା ଯୁବକ ଗୌରାଙ୍ଗଙ୍କ ଘର ଓ ଆଖପାଖ ଅଞ୍ଚଳରେ ତାଙ୍କୁ ଖୋଜି ବୁଲୁଥିଲେ । ପରିବାର ଲୋକେ ଗୌରାଙ୍ଗ ବଜାରକୁ ଯାଇଥିବା




କହିଥିଲେ । ପରେ ଉକ୍ତ ଯୁବକମାନେ ଆଖପାଖ ଲୋକଙ୍କୁ ଗୌରାଙ୍ଗ କୁଆଡ଼େ ଯାଇଛନ୍ତି ବୋଲି ପଚାରି ବୁଝିଥିବା ଅଭିଯୋଗରେ ଦର୍ଶାଯାଇଛି । ଏହାପରେ ଗୌରାଙ୍ଗ ରାତିରେ ଆଉ ଘରକୁ ଫେରିନଥିଲେ । ସୋମବାର ସକାଳେ ନିକଟସ୍ଥ କଟିଙ୍ଗା ଗ୍ରାମର ଏକ ରାସ୍ତାକଡ଼ ଗଛରେ ଗୌରାଙ୍ଗଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଏହି ଘଟଣା ରେ ଆଜି ବାଲିକୁଦା ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି ଅନ୍ୟ ପକ୍ଷରେ ବାଲିକୁଦା ଥାନା ଅଧିକାରୀ ଏହି ଘଟଣାରେ ୩ ଜଣଙ୍କୁ ଡାକି ପଚାରି ଛାଡି ଦେଇ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ପରେ ସତ୍ୟ ସାମ୍ନାକୁ ଆସିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି ।

# ହଜାର ହଜାର ଏକର ଫସଲ ନଷ୍ଟ

କେନ୍ଦ୍ରାପଡ଼ା, (ସବ୍ୟୁ) : ଦୀର୍ଘ ଦୁଇମାସ ହେବ ଲଗାଣ ବର୍ଷା, ଲଘୁଚାପ ଓ ବିଭିନ୍ନ ନଦୀରେ ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ଜିଲ୍ଲାର ବହୁ ସ୍ଥାନରେ ଚାଷ ଜମି ଗୁଡ଼ିକ ଦୀର୍ଘ ଏକମାସ ହେବ ଜଳମଗ୍ନ ହୋଇ ରହିଥିବାରୁ ଫସଲ ଗୁଡ଼ିକ ନଷ୍ଟ ହୋଇଯାଇଛି । ଗିରିଡିଆ, ପୋଇପାଟ, ଏଣ୍ଡର, ପୋରଡ, ନିକିରାଇ, ତରାଗେଡ଼ା, ନାଗପୁର, କଂସାର, ବାରୁଅ, କପାଳେଶ୍ୱର, ଗୁଲନଗର, ଗାଙ୍ଗପଡ଼ା ପ୍ରଭୃତି ପଂଚାୟତ ଗ୍ରାମ ଗୁଡ଼ିକର ପ୍ରାୟ ହଜାର ହଜାର ଚାଷଜମି ଜଳମଗ୍ନ ହୋଇଥିବାରୁ ଚାଷୀମାନେ ନିରାଶ ହୋଇ ପଡ଼ିଛନ୍ତି । ଧାର ଉଧାର, କରଜ ଋଣ କରି ଚାଷ କରୁଥିବା ଏହି ଚାଷିମାନେ ଚାଷ ନଷ୍ଟ ହୋଇଯିବା ଫଳରେ ସର୍ବସ୍ୱ ହରାଇ ବସିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ଏହି ଚାଷୀମାନଙ୍କୁ ସେମାନଙ୍କର ଉଚିତ୍ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜଗବନ୍ଧୁ ପ୍ରଧାନ, ପ୍ରଶାନ୍ତ କୁମାର ଦାସଙ୍କ ସମେତ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି କ୍ଷତିପୂରଣ ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସେକ୍ସ ର୍ୟାକେଟ୍ ଠାବ : କିଙ୍ଗପିନ ସ୍ୱାମୀ- ସ୍ତ୍ରୀ ଅଟକ

## ଯୁବତୀ ସହିତ ୩ ଗ୍ରାହକଙ୍କୁ ମାଡି ବସିଲା ପୋଲିସ

ଜଗତସିଂହପୁର, (ସବ୍ୟୁ) : ପୁଣି ଜଗତସିଂହପୁର ରେ ସେକ୍ସ ରାକେଟ ଠାବ । ଗତ ସପ୍ତାହେ ତଳେ ତିରୋଲ ପୋଲିସ ରାହାମା ବଜାରରେ ଏକ କୋଠାରେ ଚଢ଼ାଉ କରି ରାଣୀ ମହାନ୍ତି ସମେତ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଆଜି ଜଗତସିଂହପୁର ସଦର ପୋଲିସ ପୁରୋଡ଼ିପୁର ଅଞ୍ଚଳରେ ଦେହ ବ୍ୟବସାୟ ଚାଲିଥିବା ଏକ ଘରୋଇ କୋଠା ଉପରେ ଚଢ଼ାଉ କରି ଜଣେ ଯୁବତୀଙ୍କୁ ଉଦ୍ଧାର କରିବା ସହ ରାଣୀ ମହାନ୍ତି ସହ ଅନ୍ୟ ୪ ଜଣ ଗ୍ରାହକଙ୍କୁ ଗିରଫ କରିଛି । ପୋଲିସ ଚଢ଼ାଉ କରିବେ ଅନ୍ୟ ଦୁଇ ଜଣ ଯୁବକ ଓ ଜଣେ ଯୁବତୀ ପୋଲିସଙ୍କୁ ଚକମା ଦେଇ ଫେରାର ହୋଇ ଯାଇଛନ୍ତି । ଦୀର୍ଘ ଦିନ ହେଲା ଗାଁ ଭିତରେ ଏକ ଭଡ଼ା ଘରେ ଦେହ ବ୍ୟବସାୟ ଚାଲି ଆସୁଥିବା ବେଳେ ପୋଲିସ ଆଜି ଅପରାହ୍ନରେ ଖବର ପାଇ ଏହି କୋଠା ଉପରେ ଚଢ଼ାଉ କରିଥିଲା ସ୍ୱାମୀ ମରିଯିବା ପରେ ଜଗତସିଂହପୁର ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରି ରହିବା ସହ ପେଟ ପୋଷିବା ପାଇଁ ଏହି ଧନ୍ଦା କରୁଥିବାର ରାଣୀ ମହାନ୍ତି ସ୍ୱୀକାର କରିଛି । ନିଜେ ଦେହ ବ୍ୟବସାୟରେ ଲିପ୍ତ ରହିଥିବା ସହ ବାହାରୁ ବିଭିନ୍ନ ସମୟରେ ଯୁବତୀମାନଙ୍କୁ ଆଣି କାମରେ ଲଗାଉଥିବାର ସେ କହିଛି । ଗ୍ରାହକମାନେ ଜଣ ପିଛା ୫୦୦ ଟଙ୍କା ଦେଉଥିବା ବେଳେ ସେ ନିଜେ ଦୁଇଶହ ଟଙ୍କା ରଖି ତିନିସହ ଟଙ୍କା ଦେହଜୀବୀମାନଙ୍କୁ ଦେଉଥିବାର କହିଛି । ଜଗତସିଂହପୁର ଜିଲାରେ ବିଭିନ୍ନ ସ୍ଥାନରେ ଦେହ ବ୍ୟବସାୟ ନିଧଡ଼କରେ ଚାଲିଥିବା ବେଳେ ଏବେ ଅପରେସନ ଆଶା ଜ୍ୟୋତି ମାଧ୍ୟମରେ ପୋଲିସ ସକ୍ରିୟ ହୋଇ ଉଠିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ପୋଲିସ ୧୦ ଟି ମୋବାଇଲ,୩୬୫୦୦ଟଙ୍କା ଓ କିଛି ଉତ୍ତେଜନା ସୃଷ୍ଟି କାରୀ ଟାବଲେଟ ସହ ଅନ୍ୟାନ୍ୟ କିଛି ଆପତ୍ତି ଜନକ ସାମଗ୍ରୀ ଜବତକରିଛି । ରାଣୀ ମହାନ୍ତିଙ୍କୁ ତାର ଦ୍ୱିତୀୟ ସ୍ୱାମୀ ସହଯୋଗ କରୁଥିବାର ପୋଲିସ କହିଛି । ରାଣୀ ମହାନ୍ତି ଦୀର୍ଘ ଦିନରୁ ଏହି ଧନ୍ଦା କରୁଥିବା ବେଳେ କଲିକତାର ଜଣେ ବ୍ରୋକରଙ୍କ ସହଯୋଗରେ ବାହାରୁ ଝିଅ ମାନଙ୍କୁ ଆଣି କାର୍ଯ୍ୟରେ ଲାଗାଉଥିବେ ବୋଲି ଏସ ଡିପିଓ ଦିବ୍ୟ ରଞ୍ଜନନାଥ ସୂଚନା ଦେଇଛନ୍ତି । ସମ୍ପୃକ୍ତ ଯୁବତୀ ଜଣକ ଯାଜପୁର ଅଂଚଳର ବୋଲି ଜଣାଯାଇଛି ।

## ବ୍ରାହ୍ମଣୀ ନଦୀରେ ପୁଣି ବନ୍ୟାଜଳ : ଲୋକେ ଭୟଭିତ

ଧର୍ମଶାଳା, (ସବ୍ୟୁ) : ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ବନ୍ୟା ଅସିବା ଫଳରେ ଧର୍ମଶାଳା ବ୍ଲକର ଅନେକ ଅଂଚଳ ଜଳମଗ୍ନ ହୋଇଛି। ଏବେ ବ୍ରହ୍ମଣୀ ଓ ତାର ଶାଖାନଦୀ ଗୁଡିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ପୂର୍ବ ବନ୍ୟା ଅପେକ୍ଷା ବଡଧରଣର ବନ୍ୟା ହେବ ବୋଲି ଆଶଙ୍କା କରାଯାଉଛି। ଗତ ଥର ବନ୍ୟାଜଳ ବିପଦ ସଙ୍କେତର ଉପରେ ପ୍ରବାହିତ ହୋଇ ଜରିଆ ଅଂଚଳରେ ବହୁକ୍ଷତି ଘଟାଇଥିଲା। ଉପରମୁଣ୍ଡରେ ଅଧିକ ବର୍ଷା ହୋଇଥିବାରୁ ବନ୍ୟାଜଳକୁ ନିୟନ୍ତ୍ରଣ କରିବା ଲାଗି ରେଙ୍ଗାଲି ଡ୍ୟାମର ଆଜି ତିନୋଟି ଗେଟ ଖୋଲିଦିଆଯାଇଛି। ରେଙ୍ଗାଲି ପାଣି ସକାଳ ସମୟରେ ଜେନପୁର ଅତିକ୍ରମ କରିବା ବେଳେ ନଦୀର ଜଳପତନ ଅଧିକ ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି। ଆଜି ସକାଳ ୯ଟା ସୁଦ୍ଧା ରେଙ୍ଗାଲି ଡ୍ୟାମର ଜଳପତନ ବୃଦ୍ଧି ପାଇ ୧୨୩.୨୪ ମିଟର ରହିଥିବା ବେଳେ ଡ୍ୟାମର ବିପଦ ସଙ୍କେତ ୧୨୩.୫୦ ରହିଛି। ରେଙ୍ଗାଲି ଓ ସମଲ ବ୍ୟାରେଜର ବନ୍ୟାଜଳ ଏକ ସାଙ୍ଗରେ ଅସୁଥିବାରୁ ବ୍ରହ୍ମଣୀ ଓ ଏହାର ଶାଖା ନଦୀ ଗୁଡିକରେ ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୨୨ ଫୁଟ ରହିଥିବା ବେଳେ ସନ୍ଧ୍ୟା ୭ଟା ସୁଦ୍ଧା ବିପଦ ସଙ୍କେତ ୨୨ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ରେଙ୍ଗାଲି ଡ୍ୟାମ ପାଣି ଆସିବା ପରେ ବିପଦ ସଙ୍କେତର ଦୁଇ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେବ ବୋଲି ଅଶଙ୍କା କରାଯାଉଛି। ନଦୀର ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ବ୍ରାହ୍ମଣୀ ଓ ଏହାର ଶାଖା ନଦୀ କୂଳରେ ବସବାସ କରୁଥିବା ଲୋକମାନଙ୍କୁ ସର୍ତ୍ତକ ରହିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋକପାତ

ସାଲେପୁର, (ସବ୍ୟୁ) : ସାଲେପୁର ମଧୁ ମାଟି ସାମ୍ବାଦିକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ପବିତ୍ର ୮୦ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ମଧୁମାଟି ସାମ୍ବାଦିକ ସଂଘର ସମ୍ପାଦକ ବିରଞ୍ଚି ନାରାୟଣ କରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ସଂଘ ସଭାପତି ଶାରଦା ପ୍ରସନ୍ନ ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅତିଥି ଭାବେ ସମାଜସେବୀ ଅନାଦିର



ଅଣ୍ଟା,ପ୍ରଶାନ୍ତ କୁମାର ବରାଳ,ରାଧାନାଥ ସାହୁ,ହିମାଂଶୁ ରାଉତ,ତପନ ବିଶାଳ, ଲିପୁ ମହାପାତ୍ର ପ୍ରମୁଖ ଯୋଗ ଦେଇ ଦେଶଙ୍କୁ ସ୍ୱାଧୀନତା ଓ ସୁରକ୍ଷା ଆଣିବାରେ ବଳିଦାନ କରିଥିବା ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ମଧୁ ମାଟି ସାମ୍ବାଦିକ ସଂଘର ଉପଦେଷ୍ଟା ରତିକାନ୍ତ ପଟ୍ଟନାୟକ,ସଂଘଠନ ସମ୍ପାଦକ ଚିତ୍ତରଞ୍ଜନ ମୁଦୁଲି,ସହ ସମ୍ପାଦକ ଙ୍କ ସନ୍ତୋଷ କୁମାର ସ୍ୱାଇଁ,ବିଜୟ ଦାଶ,ସଭ୍ୟ ଦୀପକ ଷଡ଼ଙ୍ଗୀ,ବାବୁଲା ବାରିକ ଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟ ମାନେ ଯୋଗ ଦେଇଥିଲେ ।

## ସାବାସ ଆଇଆଇସି ଦେବାଶିଷ , ନିଜ ହାତରେ ବୁହାଇଲେ ଶବ

ପାରାଦୀପ/ନାଉଗାଁ, (ଜିପ୍ର/ସବ୍ୟୁ) : ସେ ଜଣେ ଯୁବ ଅଫିସର ପୋଲିସ ବିଭାଗରେ ଚାକିରୀ । ଏବେ ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନାରେ କାର୍ଯ୍ୟରତ । ଦେହରେ ପୋଲିସ ପୋଷାକ ନାମ ତାଙ୍କର ଦେବାଶିଷ ପଣ୍ଡା । ଲୋକଙ୍କୁ ତୁରିତ ନ୍ୟାୟ ଦେବାକୁ ସେ ସଦା ଚେଷ୍ଟିତ । ଖୁବ କମ ଦିନ ମଧ୍ୟରେ ସେ ନାଉଗାଁ ଅଂଚଳରେ ପ୍ରଶଂଶା ସାଉଟି ଥିବା ବେଳେ ଆଜି ତାଙ୍କର ଏକ କାର୍ଯ୍ୟକୁ ଦେଖି ସମସ୍ତେ ଚକିତ । ହଠାତ ଖବର ଆସିଲା ବାର୍ଙ୍ଗିଷ ଜୋରାରେ ବୁଡି ଯାଇ ଜଣେ କାଉଡିଆ ମୃତ୍ୟୁ ବରଣ କରିଛନ୍ତି । ଧାଇଁ ଗଲେ ସେ ଜାଗାକୁ ସେଠାରେ ମୃତ ଯୁବକଙ୍କ ପରିବାର ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ଶୋକାକୁଳ ଅବସ୍ଥାରେ ଥିବାବେଳେ ଆଉ କାଳ ବିଳମ୍ବ ନକରି ସେ ସିଧା ଶବକୁ ନିଜ ହାତରେ ବୋହି ଆଣିଥିଲେ ରାସ୍ତା ପର୍ଯ୍ୟନ୍ତ । ଘଟଣା ସ୍ଥଳରେ ଉତ୍ତେଜନାକୁ ଅନୁଭବ କରି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନକରିବାକୁ ଦେଇନଥିଲେ । ନାଉଗାଁ ଥାନା ଅଞ୍ଚଳର ନଦିଗ୍ରାମର ନରେନ୍ଦ୍ରଶେଷୀଙ୍କର ପାଠକୁ ଜଳଲାଗି କରିବାକୁ ଆସୁଥିବା ସମୟରେ ବାର୍ଙ୍ଗିଷ ଜୋରାରେ ବୁଡିଯାଇ ୧୯ ବର୍ଷୀୟ ଯୁବକର ମୃତ୍ୟୁ ଘଟିଥିଲା । ତିରୁଣା ଅଞ୍ଚଳର ବାସୁଦେବ ଦିବାଙ୍କ ଏକ ମାତ୍ର ପୁତ୍ର ବେଦଭାସ୍ୟ ଦାସ ଆଜି ଭୋର ସମୟରେ ନିଜ ଗ୍ରାମ ନିକଟରେ ଥିବା ବାର୍ଙ୍ଗିଷଜୋରାରୁ ପାଣି ଆଣି ନରେନ୍ଦ୍ରଶେଷୀଙ୍କ ନିକଟକୁ ଜଳଲାଗି କରିବା ପାଇଁ ଦହାପାଳ ବେଲକନ୍ଦା ରାସ୍ତା ଦେଇ ଆସୁଥିବା ସମୟରେ ପାଦ ଖସି ଜୋରାରେ ଖସି ପଡ଼ିଥିଲେ । ସଙ୍ଗରେ ଥିବା ସାଥିମାନେ ତୁରନ୍ତ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ବାର୍ଙ୍ଗିଷଜୋରା ଦେଇ ଅତିକ୍ରମ କରୁଥିବା ସମୟରେ ସେଠାରେ ବୁଡି ଜାଇ ନିଖୋଜ ହୋଇଯାଇ ଥିଲେ । ପରିବାର ଲୋକେ ବହୁତ ଖୋଜାଖୋଜି କରି ନପାଇବାରୁ, ସନ୍ଦେହ ହେବାରୁ ବାର୍ଙ୍ଗିଷଜୋରା ନିକଟରେ ନାଉଗାଁ ଅଗ୍ନିଶମ ସାହାଯ୍ୟରେ ବହୁତ ଖୋଜିବା ପରେ ମୃତଦେହକୁ ଉଦ୍ଧାର କରାଯାଇ ଥିଲା । ଅନ୍ୟପଟେ ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ସହିତ ସ୍ଥାନୀୟ ଲୋକେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବାଧୁ ସାରିଥିଲେ ମଧ୍ୟ ପୋଲ ଓ ରାସ୍ତାର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଥିବା ବେଳେ, ଏହି ଅଘଟଣ ଘଟି ଥିବା ନେଇ ସ୍ଥାନୀୟ ଲୋକେ ଦାବୀ କରି ଦୀର୍ଘ ସମୟଧରି ମୃତ ଦେହ ଅଟକ ରଖି ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ



। ତା ସହିତ ସେଠାରୁ ମୃତ ଦେହକୁ ନାଉଗାଁ ମେଡିକାଲ ସମ୍ମୁଖରେ ଅଟକ ରଖି ରାସ୍ତା ଅବରୋଧ କରି ସ୍ଥାନୀୟ ବସି ବସି ରହିଥିଲେ । ଅନ୍ୟପଟେ ନାଉଗାଁ ବିଡ଼ିଓ ନିରଞ୍ଜନ ପରିଡା ଓ ନାଉଗାଁ ଥାନା ଅଧିକାରୀ ଦେବାଶିଷ ପଣ୍ଡା ଲୋକ ମାନଙ୍କୁ ପୁଣି ସେଠାରେ ପହଂଚି ବୁଝାସୁଝା କରିବା ପରେ ଲୋକେ ବିକ୍ଷୋଭକୁ ଓହରି ଜାଇ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲେ । ମୃତକଙ୍କ ସମ୍ପର୍କୀୟ ଭାଇ ଏକ ଲିଖିତ ଅଭିଯୋଗ ନାଉଗାଁ ଥାନାରେ ଦେଇଥିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଥିବା ନେଇ ନାଉଗାଁ ପୋଲିସ ସୂଚନା ପ୍ରଦାନ କରିଛି ।

## ଗୋରେଖନାଥଙ୍କୁ ଜଳଲାଗି କଲେ ୬୦ ହଜାର କାଉଡ଼ିଆ

ରଘୁନାଥପୁର, (ସବ୍ୟୁ) : ଶ୍ରାବଣ ମାସ ତୃତୀୟ ସୋମବାରରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେଣ୍ଡୋରା ସ୍ଥିତ ପ୍ରସିଦ୍ଧ ଶିବକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କୁ ୬୦ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଥିବା ଉପଦେଷ୍ଟା କମିଟିର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ମହାନ୍ତି ଓ ସୁରେନ୍ଦ୍ରନାଥ ସ୍ୱାଇଁ ପ୍ରକାଶ କରିଛନ୍ତି । ମହାନଦୀ ଓ ଏହାର ଶାଖାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ସତ୍ତ୍ୱେ ମାନସିକଧାରୀ ମାନେ ବିଭିନ୍ନ ଘାଟରୁ ପାଣି ଉଠାଇ ପ୍ରଭୁଙ୍କ ପୀଠ ଅଭିମୁଖେ ଯାତ୍ରା କରିଥିଲେ । ଲଗାଣ ବର୍ଷା ସତ୍ତ୍ୱେ ଶନିବାର ରାତିରୁ ପାଠକୁ କାଉଡ଼ିଆଙ୍କ ଆଗମନ ହୋଇଥିଲା । ରବିବାର ଦିନତମାମ ରାସ୍ତାରେ କାଉଡ଼ିଆଙ୍କ ଗହଳି ଲାଗିରହିଥିଲା । ସୋମବାର ସଂକ୍ରାନ୍ତି ଉପଲକ୍ଷେ ପ୍ରଭୁଙ୍କୁ ଚିତାଲାଗି କରାଯାଇ ମଙ୍ଗଳଲାଗିର କାର୍ଯ୍ୟ ସମାପନ ପରେ ରାତି ୧ ଟାରୁ ଭକ୍ତଙ୍କ ଜଳଲାଗି କାର୍ଯ୍ୟ ଆରମ୍ଭ ହୋଇଥିଲା । ଭିଡ଼କୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ପକ୍ଷରୁ ପୀଠ ଓ ଅନ୍ୟାନ୍ୟ ସ୍ଥାନରେ ୧ ଶହ ପୋଲିସଙ୍କୁ ନିୟୋଜିତ କରାଯାଇଥିଲା ।

## କ୍ଲବ ଭିତରକୁ ମାଡ଼ିଗଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ପଥଚାରୀ

ବ୍ୟାସନଗର, (ଜିପ୍ର) : ପୌରାଂଚଳର ଏକ କ୍ଲବ ଭିତରକୁ ଟ୍ରକଟି ମାଡିଯାଇ କ୍ଲବର କିଛି ଅଂଶ ଭାଙ୍ଗିରୁଜି ଯିବା ସହ ଟ୍ରକଟି ଓଲଟି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଅବଗତିରୁ ଜଣାଯେ, ରେଲଓ୍ୱେ ସାଇଡରୁ ସାର ବୋଝେଇ କରି ଓଡ଼ି୦୪ଏନ-୨୨୩୧ ନଂ ୪୦୭ ଗାଡିଟି ଗଣେଶ ବଜାର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ବଏଜ କ୍ଲବ ଭିତରକୁ ମାଡିଯିବା ସହ ଓଲଟି ପଡ଼ିଥିଲା। ଫଳରେ ବଏଜ କ୍ଲବର ସମ୍ମୁଖରେ ଥିବା ସେଡ଼ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିରୁଜି ଯାଇଛି। ଜନଗହଳି ପୂର୍ଣ୍ଣ ରାସ୍ତାରେ ଦୁର୍ଘଟଣା ସମୟରେ କୌଣସି ଲୋକେ ଯାତାୟତ କରୁନଥିବାରୁ ବହୁ ବଡ ଦୁର୍ଘଟଣାରୁ ରକ୍ଷା ହୋଇଛି। ରାସ୍ତା ଉପରେ ଟ୍ରକଟି ଓଲଟି ପଡ଼ିଥିବାରୁ କିଛି ଘଣ୍ଟା ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ଯାତାୟତ ବନ୍ଦ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଡ୍ରାଇଭର ମଦ୍ୟପାନ କରି ଦୁର୍ଘଟଣା ଘଟାଇ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ଜଣାପଡିଛି। ଯାଜପୁର ରୋଡ ପୁଲିସ ଘଟଣା ସ୍ଥଳରେ ପହଂଚି ଗାଡିକୁ ଗାଡିକୁ ଜବତ କରିବା ସହ ରାସ୍ତାରୁ ଉଠାଇବା ପରେ ଯାତାୟତ ସୁରୁଖୁରୁ ହୋଇଥିଲା।

## ଯାଜପୁରରେ ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ:ରିଲିଫ୍ ଓ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନିର୍ଦ୍ଦେଶ

ବ୍ୟାସନଗର, (ଜିପ୍ର): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ଗସ୍ତରେ ଆସି ଦଶରଥପୁର ବ୍ଲକର କସପା ଓ ଚରପଦା ପଂଚାୟତ ଅନ୍ତର୍ଗତ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ବନ୍ୟା ପରିସ୍ଥିତି ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ରାମଚନ୍ଦ୍ରପୁର, ବାଲଦା ଓ ଡୋଭାବିଲ୍ ଗ୍ରାମର ବନ୍ୟା ପ୍ରଭାବିତ ଲୋକଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀ ପ୍ରଭାବିତଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଂଚ କରିଥିଲେ । ଏଥିସହ ପ୍ରଭାବିତ ପରିବାରଗୁଡ଼ିକୁ ତୁରିତ ଓ ପର୍ଯ୍ୟାପ୍ତ ରିଲିଫ୍ ସହାୟତା, ନିରାପଦ ପାନୀୟ ଜଳ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ଭାବେ ଯୋଗାଇଦେବା ସହ ବନ୍ୟା ପରିସ୍ଥିତି ଉପରେ ୨୪ ଘିଆ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗସ୍ତ ଅବସରରେ ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସୁରେଶ ପୂଜାରୀ, ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୂର୍ଯ୍ୟବଂଶୀ ସୂରଜ, ମନ୍ତ୍ରୀ ସମବାୟ,ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରଦୀପ ବଳ ସାମନ୍ତ,ଲୋକସଭା ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ଏବଂ ରାଜ୍ୟସଭା ସାଂସଦ ମମ ମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହିତ ବିଧାୟିକା, ବିରାଜପୁର ପ୍ରମିଳା ମଲ୍ଲିକ, ବିଧାୟକ ବଡ଼ଚଣା ଅମର କୁମାର ନାୟକ, ବିଧାୟକ, କୋରେଇ ଆକାଶ ଦାସନାୟକ, ବିଧାୟକ ଧର୍ମଶାଳା ହିମାଂଶୁ ଶେଖର ସାହୁ ଏବଂ ବିଧାୟିକା ଯାଜପୁର ସୁଜାତା ସାହୁ ପ୍ରମୁଖ ସାମିଲ ଥିଲେ । ପ୍ରଶାସନିକ ସ୍ତରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ, ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅବକାରୀ କମିଶନର ପି ଅନ୍ୱେଷା ରେଡ୍ଡୀ, ଜିଲ୍ଲାପାଳ ଯାଜପୁର,ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲ,ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଏବଂ ବିଭିନ୍ନ ବିଭାଗର ରାଜ୍ୟ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ସମାଜସେବୀ, ବୁଦ୍ଧିଜୀବୀ, ସ୍ଥାନୀୟ ଲୋକପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଏହି ଗସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୁଇ ବିଧାୟିକାଙ୍କ ବିରୋଧ

ଯାଜପୁର ଜିଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିଥିବା ବେଳେ ବିଜେଡ଼ିର ଦୁଇ ବିଧାୟିକା ପ୍ରମିଳା ମଲ୍ଲିକ ଏବଂ ସୁଜାତା ସାହୁଙ୍କ ସାଙ୍ଗରେ ନନେତା ପ୍ରତିବାଦରେ ଧାରଣାରେ ବସିଥିଲେ। ଧାରଣାସ୍ଥଳରେ ବିଜେଡ଼ି ସମର୍ଥକ ରାସ୍ତାରେ ବସି ବନ୍ୟା ସମୟରେ ରାଜନୀତି ମୁଖ୍ୟମନ୍ତ୍ରୀଙ୍କୁ ଶୋଭାପାଏନି ବୋଲି ଅଭିଯୋଗ କରିଥିଲେ। ଦୀର୍ଘ ସମୟଧରି ଉଭୟ ବିଧାୟିକା ଏବଂ ବିଜେଡ଼ି ସମର୍ଥକ ରାସ୍ତାରେ ବସିରହିବା ଫଳରେ କିଛି ସମୟ ପାଇଁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ତେବେ ବିଧାୟିକା ଦ୍ୱୟଙ୍କ ଏଭଳି କାର୍ଯ୍ୟକୁ ବିଜେପି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି।

# ଲମ୍ପି ଭାଇରସ : ଶତାଧିକ ଗାଈଗୋରୁ ଆକ୍ରାନ୍ତ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ଗତ କିଛି ଦିନ ହେଲା ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ଗ୍ରାମମାନଙ୍କରେ ଲମ୍ପି ଭାଇରସ ଭୟଙ୍କର ରୂପ ଧାରଣ କରୁଥିବାର ଗୋପାଳକ ମହଲରେ ଅଭିଯୋଗ ହୋଇଛି । ଏଥିରେ ଶତାଧିକ ବୟସ୍କ ଗାଈଗୋରୁଙ୍କ ମୃତ୍ୟୁ ମୁଖରେ ପଡିଥିବା ବେଳେ ବହୁ ଗୋପାଳଙ୍କ ଗାଈଗୋରୁ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଥିବାର ଜଣାଯାଇଛି । ନିଶ୍ଚିନ୍ତକୋଇଲି ଗ୍ରାମପଂଚାୟତ ଓଥବା ଗ୍ରାମର ଦୀପକ କୁମାର ରାୟ,ନିଶ୍ଚିନ୍ତକୋଇଲି ସାହିର ଭାମସେନ ,ମହାଜନପୁର ଗ୍ରାମର ବିଚିତ୍ର ଲେଙ୍କାଙ୍କ ସମେତ ବହୁ ବ୍ୟକ୍ତିଙ୍କର ଗାଈ ଓ ବାଛୁରୀ ଅକାଳରେ ମୃତ୍ୟୁବରଣ କରିଥିବାର ଅଭିଯୋଗ ହୋଇଛି । ଏହି ଅଂଚଳର ବହୁ ଗାଈଗୋରୁ ଲମ୍ପି ଭାଇରସରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଥିବାର ଅଭିଯୋଗ ହୋଇଛି । ତେବେ ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଏହାର ପ୍ରତିକାର ନିମନ୍ତେ କୌଣସି ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ଗୋପାଳକମାନେ ବାଧ ହୋଇ ଘରୋଇ ଚିକିତ୍ସକ ମାନଙ୍କ ଦ୍ୱାରାରେ ଚିକିତ୍ସା କରିବାକୁ ବାଧ୍ୟ ହେଉଛନ୍ତି । ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଏହି ଅଂଚଳକୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ପଠାଇବା ସହ ଏହାର ଚିକିତ୍ସା ନିମନ୍ତେ ତତ୍ପରତା ପ୍ରକାଶ କରାଗଲେ ବହୁ ଗାଈଗୋରୁଙ୍କ ଅକାଳ ମୃତ୍ୟୁରୁ ରକ୍ଷା ପାଇ ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅପରପକ୍ଷରେ ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟକୁ ଅସି ଗୋପାଳକମାନେ ଡାକ୍ତର ଓ କର୍ମଚାରୀଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଥିବାର ଗୋପାଳକ ମହଲରେ ଅଭିଯୋଗ ହୋଇଛି ।

## ମା କାମିନୀଟସରରେ ବୁଣାକାର ଦିବସ


କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଂଚାୟତ କୁନ୍ଦୁଙ୍ଗା ସ୍ଥିତ ମା କାମିନୀ ଟସର ଏଣ୍ଡ ସିଲକ ପରିସରରେ ବୁଣାକାର ଦିବସ ଓ ବୁଣାକାର ଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ସରୋଜିନୀ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୁଣାକାର ଦିବସ ରେ ବୁଣାକାର ମାନେ କିପରି ସୁବିଧା ସୁଯୋଗ ପାଇବେ ସେ ଉପରେ ଉପରେ କହିଥିଲେ । ଜାତୀୟ ହସ୍ତତନ୍ତ ସପ୍ତାହ ଅବସରରେବୁଣାକାର ମାନଙ୍କୁ ସାମାଜିକ ସୁରକ୍ଷା ବିଆ ଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ବୁଣାକାର ସଚେତନ ଶିବିର ରେଶମୀଅଧିକ ରବୀନ୍ଦ୍ର କୁମାର ସେନାପତି, ଉପ ସଭାପତି ରାଜନ ସେନାପତିଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱସଭ୍ୟ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ବୁଣାକାରଙ୍କ ପାଇଁ ଥିବା ଯୋଜନା ସମ୍ପର୍କରେ ରେଶମୀଅଧିକ ରବୀନ୍ଦ୍ର ସେନାପତି ବୁଝାଇଥିଲେ ।

## ସ୍ୱାଧିନତା ଦିବସ ଅବସରରେ ରକ୍ତଦାନ ଶିବିର

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକର ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ସ୍କୁଲ ଓ କଲେଜରେ ୮୦ତମ ସ୍ୱାଧିନତା ଦିବସ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅଙ୍ଗୀବାଦସ୍ଥିତ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରରେ ଉପଦେଷ୍ଟା ତଥା ଅଙ୍ଗନବାଡ଼ୀ ଶ୍ରୀମତୀ ପ୍ରଭାତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଗୋଲକଁସିଂହ ସମ୍ପାଦକ ରମାକାନ୍ତ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ଜାଜକା ରୋଟାରୀ ଓ ଇନରହ୍ୱିଲ କ୍ଲବ ପକ୍ଷରୁ ଜାଜକାସ୍ଥିତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯିବା ସହିତ ଉଭୟ କ୍ଲବର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ୭୦ୟୁନିଟ ରକ୍ତ ସଂଗ୍ରହୀତ ହୋଇଥିଲା। ଧର୍ମଶାଳା ବ୍ଲକ ପରିସରରେ ଅଧ୍ୟକ୍ଷା ସୁଚିସ୍ମିତା ସାହୁ ପତାକା ଉତ୍ତୋଳନ କରିଥିଲେ। ଧର୍ମଶାଳା ପ୍ରେସ କ୍ଲବ ପରିସରରେ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଧର୍ମଶାଳା ମିଡିଆ କ୍ଲବରେ ସଭାପତି ସୁଧାକର ରାଉତ ୮୦ ତମ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଧର୍ମଶାଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପତାକା ଉତ୍ତୋଳନ କରିଥିବା ବେଳେ ଧର୍ମଶାଳା ବଜାର ନିକଟସ୍ଥ ଓଡିଶା ପ୍ଲେଟ ଫ୍ରିଗେଡ ସ୍କୁଲ ପରିସରରେ ୮୦ତମ ସ୍ୱାଧିନତା ଦିବସ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ସ୍କୁଲର ସଭାପତି ଲକ୍ଷ୍ମୀକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିପରି ଜାଜକା ବଜାର କମିଟି, ପୂଜା କମିଟି ସମସ୍ତ ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନରେ ୮୦ତମ ସ୍ୱାଧିନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି।

# ପାରାଦୀପ ବନ୍ଦରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ପାରାଦୀପ, (ଜିପ୍ର) : ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବନ୍ଦର ଅଧ୍ୟକ୍ଷ ଶ୍ରୀ ପି. ଏଲ. ହରନାଧ, ଗୋପବନ୍ଧୁ ଷ୍ଟାଡିୟମରେ ଅଧିକାରୀ, କର୍ମଚାରୀ, ସିଆଇଏସଏଫ କର୍ମଚାରୀ, ଟ୍ରେଡ୍‌ୟୁନିୟନ ପ୍ରତିନିଧି, ଗଣମାଧ୍ୟମ, ସରକାରୀ ସଂଗଠନ, ଅଂଶୀଦାର, ପାରାଦୀପର ନାଗରିକ ଏବଂ ସ୍କୁଲ ପିଲାମାନଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଅଧ୍ୟକ୍ଷ ସ୍ୱାଧୀନତା ସଂଗ୍ରାମୀ ଏବଂ ସଶସ୍ତ୍ର ବାହିନୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ବିକାଶ ଭାରତର ଦୃଷ୍ଟିକୋଣରେ ବନ୍ଦରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ପାରାଦୀପ ବନ୍ଦର ଆଧୁନିକ ଭିତ୍ତିଭୂମି, ଦକ୍ଷ ଲଜିଷ୍ଟିକ୍ସ, ପ୍ରଯୁକ୍ତିବିଦ୍ୟା, ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ମାଧ୍ୟମରେ ଭାରତର ଅଭିବୃଦ୍ଧିକୁ ସମର୍ଥନ କରିବାକୁ ପ୍ରତିବଦ୍ଧ । ୨୦୨୫-୨୬ ଆର୍ଥିକ ବର୍ଷରେ ୧୫୦.୪୫ ଏମଏମଟି ପଣ୍ୟ ପରିବହନ ସର୍ବକାଳୀନ ସର୍ବାଧିକ ପାଇଁ ପାରାଦୀପ ବନ୍ଦରଙ୍କୁ ଅଭିନନ୍ଦନ ଜଣାଇଥିଲେ, ଯାହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୪% ଅଭିବୃଦ୍ଧି ହାସଲ କରିଥିଲା । ପାରାଦୀପ ବନ୍ଦର ଭାରତର ପ୍ରମୁଖ ବନ୍ଦରମାନଙ୍କ



ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି, ପୂର୍ବ ଉପକୂଳରେ ପ୍ରଥମ ସ୍ଥାନ ବଜାୟ ରଖିଛି ଏବଂ ଉପକୂଳ ଜାହାଜ ପରିବହନରେ ପ୍ରଥମ ସ୍ଥାନ ବଜାୟ ରଖିଛି, ବର୍ଷ ମଧ୍ୟରେ ୬୫.୮୧ ଏମଏମଟି ଉପକୂଳୀୟ ପଣ୍ୟ ପରିବହନ ମଧ୍ୟ କରିଛି । ସେ ଗତ ପାଞ୍ଚ ବର୍ଷ ମଧ୍ୟରେ ବନ୍ଦରର ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ, ୨୦୨୦-୨୧ ଆର୍ଥିକ ବର୍ଷରେ ୧୧୪ ଏମଏମଟିରୁ ବୃଦ୍ଧି ପାଇ ୧୫୦ ଏମଏମଟିରୁ ଅଧିକ ହୋଇଛି, ଯାହା ପ୍ରାୟ ୫୦ଏମଏମଟିର କ୍ରମାଗତ ଅଭିବୃଦ୍ଧିକୁ ପ୍ରତିନିଧିତ୍ୱ କରୁଛି । ୨୦୨୩-୨୪ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ଭାରତର ବନ୍ଦର ପଣ୍ୟ ପରିଚାଳନା ପ୍ରମୁଖ ବନ୍ଦର ହେବାର ଗୌରବ ମଧ୍ୟ ହାସଲ କରିଥିଲା । ବନ୍ଦର ପ୍ରାୟ ୩୬,୦୦୦ ଟନ ବର୍ଥ ଉତ୍ପାଦକତା ହାସଲ କରିଛି, ଯାହା ଜାତୀୟ ହାରାହାରିଠାରୁ ଦୁଇଗୁଣରୁ ଅଧିକ । ଅଧ୍ୟକ୍ଷ ଏହି ପ୍ରଦର୍ଶନ ପାଇଁ ଯାନ୍ତ୍ରିକୀକରଣ, ସିଷ୍ଟମ ଉନ୍ନତି, ଅଧୁନିକ କାର୍ଗୋ ପରିଚାଳନା ପ୍ରଣାଳୀ ଏବଂ ଟିମ ପିପିଏ ର ଉତ୍ସର୍ଗୀକୃତ ପ୍ରୟାସକୁ ଶ୍ରେୟ ଦେଇଛନ୍ତି ।


# ଖଣି ମାଫିଆଙ୍କ ଦୌରାତ୍ମ୍ୟ:ସମିତିସଭ୍ୟଙ୍କ ବଡଭାଇଙ୍କୁ ମରଣାନ୍ତକ ଆକ୍ରମଣ



ଟାଙ୍ଗୀ,(ସବ୍ୟ): ଚାନ୍ଦପୁର ଥାନା କେରଣ୍ଡା ଟାଙ୍ଗୀ ପଂଚାୟତ ନୂଆପଡା ଗ୍ରାମ ନିକଟସ୍ଥ କଳାମୁଗୁନି ଖଣିରୁ ବେଆଇନ ପଥର ଖନନ ଓ ଉତ୍ତୋଳନକୁ କେନ୍ଦ୍ର କରି ବହୁ ବଡ଼ବିବାଦ ପରିସ୍ଥିତି ଉପୁଜି ମାମଲା ଅଦାଲତକୁ ଯାଇଛି । ଏହି ଖଣିରେ ଏକ ଯୁବକର ମୃତ ଶରୀର ଠାବ କରାଯାଇଥିବା ହେତୁ ଖନନ କାର୍ଯ୍ୟ କିଛିଦିନ ପାଇଁ ବନ୍ଦ ଥିଲା । ତେବେ ଏହି ବେଆଇନ କାର୍ଯ୍ୟକୁ ବିରୋଧ କରୁଥିବା ଲୋକଙ୍କୁ ଜୀବନରୁ ହଟାଇ ଦେବା ପାଇଁ ମାଫିଆ ମାନେ ପ୍ରସ୍ତୁତ ହୋଇ ରହିଥିଲେ । ସମିତି ସଭ୍ୟ ଶିଶିର ବଳିୟାରସିଂହଙ୍କ ଭାଇ ଅମୀୟଙ୍କୁ କେରଣ୍ଡା ଟାଙ୍ଗୀ ବଜାର ଛକରେ ଏକାଟିଆ ପାଇ ମରଣାନ୍ତକ ଆକ୍ରମଣ କରିଥିବା ଖବର ପାଇ ଚାନ୍ଦପୁର ପୁଲିସ ଘଟଣା ସ୍ଥଳରେ ପହଂଚି ଗୁରୁତର ଭାବେ ଆହତ ଅମୀୟଙ୍କୁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି। ମାତ୍ର ତାଙ୍କର ଅବସ୍ଥା ଅତ୍ୟନ୍ତ ଗୁରୁତର ଦେଖି ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଦିଆ ଯାଇଛି । ରବିବାର ସନ୍ଧ୍ୟା ୭ଟାରେ ରଏହି ଯୋଜନା ବଦ୍ଧ ଆକ୍ରମଣ ହୋଇଥିବା ନେଇ ଶିଶିର ଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଶିଶିରଙ୍କ ଅଭିଯୋଗକୁ ଆଧାର କରି ଥାନାରେ ୧୯୩/୨୦୨୬ ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତମାନଙ୍କ ତରଫରୁ ପ୍ରଦତ୍ତ ଏତଲାକୁ ନେଇ ମଧ୍ୟ ସାନି ମାମଲା ୧୯୪/୨୦୨୬ ପୃଥକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଏପରି ଏକ ମରଣାନ୍ତକ ଆକ୍ରମଣରେ କୌଣସି ଜଣେ ହେଲେ ଅଭିଯୁକ୍ତ ଗିରଫ ନହେବା ଦ୍ୱାରା ପୁଲିସର ନିରପେକ୍ଷ ତଦନ୍ତ ପ୍ରକ୍ରିୟା ଆଡକୁ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

# ଶିଳ୍ପୀ ସରିତା ଗୋଛାୟତଙ୍କ ବାଲୁକା କଳା ପ୍ରଦର୍ଶିତ

କୋଣାର୍କ ,(ସବ୍ୟ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଅଗ୍ରଣୀ ବାଲୁକା କଳା ସଂଗଠନ କୋଣାର୍କ ବାଲୁକା କଳା ପ୍ରତିଷ୍ଠାନ ପକ୍ଷରୁ କୋଣାର୍କ - ପୁରୀ ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱରେ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ୮ଫୁଟ ଉଚ୍ଚତା ଓ ୧୫ ଫୁଟ ଲମ୍ବର ବାଲୁକା କଳା ପ୍ରଦର୍ଶିତ କରାଯାଇଛି । ଭାରତ ସ୍ୱାଧୀନତାର ବିଭିନ୍ନ କୃତିବ ଓ ସ୍ୱାଧୀନତାର ଯଶକୀର୍ତୀ ସମ୍ପର୍କରେ ବାଲୁକାରେ ନିପୁଣ ଓ ସୁନ୍ଦର କଳାକୃତିକୁ ଆନ୍ତର୍ଜାତୀୟ ଯୁବ ବାଲୁକା ଶିଳ୍ପୀ ସୁଶ୍ରୀ ସରିତା ଗୋଛାୟତ ଓ ଶିଳ୍ପା ଗୋଛାୟତ ପ୍ରମୁଖ ନିଜ କଳା ନୈପୁଣ୍ୟର ପ୍ରତିଭାକୁ ପ୍ରତିପାଦିତ କରିଛନ୍ତି ।ଏହି ସୁନ୍ଦର ଓ ଐତିହ୍ୟ ସଂପନ୍ନ ବାଲୁକା କଳା ଦେଖିବାକୁ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଛି ।



# ବିଦେଶୀ ମଦ ସହ କାର, ସ୍କୁଟି ଜବତ

ବୋଲଗଡ଼,(ସବ୍ୟ): ବୋଲଗଡ଼ ଗ୍ରାମ ଝାନସୀପାଟଣା ବାରି ତଳସାହିରେ ବହୁବର୍ଷ ଧରି ଚୋରାରେ ବ୍ୟାପକ ବିଦେଶୀ ମଦ ବ୍ୟବସାୟ କରୁଥିବା ମାଫିଆ ଡନ ଦେବାଶିଷ ଯେନା(ବବୁଲ )ଆଡ଼ାରେ ପହଞ୍ଚିବାରେ ସଫଳ ହୋଇଛି ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ । ରବିବାର ସଂଧ୍ୟାରେ ଜିଲ୍ଲା ଅବକାରୀ ବିଭାଗର ଏକ ସତନ୍ତ୍ରଟିମ ଅଚାନକ ଚଢ଼ଉ କରି ବବୁଲର ମଦ ବେପାର କରୁଥିବା ଆଡ଼ାରେ ଚଢ଼ାଉ କରି ବିକ୍ରୀ ପାଇଁ ଗଛିତ ଥିବା ଏକ କାର ନଂ ଓଡି -୦୨ ଏଡବା୍ ୨୧୧୫ରୁ । ଏକ ସ୍କୁଟି ଏବଂ ତା ବାସଭବନରୁ ୧୦୮ ଲିଟର ବିଅର, ହୁସ୍କି, ରମ ଭୋଡ଼କା ପ୍ରଭୃତି ବିଦେଶୀ ମଦ ଜବତ କରିଥିଲେ । କିନ୍ତୁ ପୂର୍ବରୁ ସୂଚନା ପାଇ ମାଫିଆ ବବୁଲ ବାରିପଟେ ଧାନବିଲରେ ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇ ଫେରାର ହେବାରେ ସକ୍ଷମ ହୋଇଥିଲା । ବୋଲଗଡ଼ ଥାନା ଠାରୁ ମାତ୍ର ୫୦୦ ମିଟର ଦୂର ତଥା ପି: ଏମ ଶ୍ରୀ ବାମନ ଉଚ୍ଚବିଦ୍ୟାଳୟ ପଛପଟେ ଦୀର୍ଘ ୧୦ ବର୍ଷ ଧରି ଜଣେ ଶିକ୍ଷକଙ୍କ ପୁଅ ବବୁଲଯେନା କିଛି ଅଧିକାରୀଙ୍କୁ ହାତ କରି ଅବାଧରେ ତାର ମଦ ସାମ୍ରାଜ୍ୟ ଚଳାଇ ଆସୁଥିଲା । ତା ନାମରେ ଖୋର୍ଦ୍ଧା ଅବକାରୀ ଥାନା ପକ୍ଷରୁ ଏକ ମକଦମା ରୁଜୁ କରାଯାଇ ଫେରାର ଘୋଷଣା କରିଛି । ଏହି ଚଢ଼ାଉରେ ଖୋର୍ଦ୍ଧା ଅବକାରୀ ଥାନା ନିରୀକ୍ଷକ ସୁଜିତି କୁମାର ନାଗ, ଟାଙ୍ଗୀ ଅବକାରୀ ଥାନା ଓ ଆଇସି ରାଜେନ୍ଦ୍ରସିଂହ, ମୋବାଇଲିୟୁନିଟଏଏସ ଆଇ ଶ୍ରୀଧରପଲାଇ ସମେତ ୩ଟି ଅବକାରୀ ଥାନାର ବହୁ କର୍ମଚାରୀ ସାମିଲ ଥିଲେ । ଏହାକୁ ନେଇ ବୋଲଗଡ଼ ଢାବା ସମ୍ମୁଖରେ , ବ୍ଲକ କାର୍ଯ୍ୟାଳୟ ପାଶ୍ୱର୍ରେ ଓ ବାଇକ ଡିକିରେ ରଖି ଚୋରା ମଦ ବ୍ୟବସାୟ କରୁଥିବା ବହୁ ବେପାରୀଙ୍କ ନିଦ ହଜିଯାଇଛି ।

## ରାସ୍ତା ନିର୍ମାଣକାରୀ ସଂସ୍ଥା କ୍ୟାମ୍ପ ଉପରକୁ ବୋମା ମାଡ

ବାଙ୍କୀ ,(ସବ୍ୟ): ବାଙ୍କୀ ଥାନା ଅନ୍ତର୍ଗତ କନ୍ତପହଁରା ଗ୍ରାମ ନିକଟ ପଡିଆରେ ଜାତୀୟ ରାଜପଥ ରାସ୍ତା କାର୍ଯ୍ୟ କରୁଥିବା ନୂଆଦିଲ୍ଲୀର ଭି ଆର, ଏସ, ନାମକ ଘରୋଇ ନିର୍ମାଣ କାରୀ ସଂସ୍ଥାର କ୍ୟାମ୍ପ ଉପରକୁ ରବିବାର ବିଳମ୍ବିତ ରାତିରେ ଚାରି ଗୋଟି ବୋମା ମାଡ କରି ଦୁର୍ବୃତମାନେ ଫେରାର ହୋଇ ଯାଇଛନ୍ତି । ଆଉ ପାଞ୍ଚ ଗୋଟି ଅଫୁଟା ବୋମା ଛାଡି ଯାଇଛନ୍ତି । ଏହି ବୋମାକୁନିଷ୍କ୍ରିୟକାରୀ ଟିମ ପହଞ୍ଚି ତଦନ୍ତ କରି ୫ଟି ଅଫୁଟା ବୋମ୍ବୁ ଉଦ୍ଧାର କରିଛି ।ଘଟଣା ସ୍ଥଳରେ ବାଙ୍କୀ ଏସ ଡି ପି ଓ ବାଳକୃଷ୍ଣ କହଁର, ସୁବର୍ଣ୍ଣପୁର ଫାଣ୍ଡି ଅଧିକାରୀ ସମ୍ବି କୁମାର୍ ସ୍ୱାଇଁଙ୍କ ସହିତ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କମ୍ପାନୀ କିମ୍ବା ସୁରକ୍ଷା କର୍ମଚାରୀ ଙ୍କ ର ସେଭଳି କିଛି କ୍ଷତି ହୋଇ ନାହିଁ । ସୁରକ୍ଷା କର୍ମଚାରୀ ସୁବର୍ଣ୍ଣପୁର ଫାଣ୍ଡି ରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛି । କେହି ଦାଦା ବଟି ମାଗିବା ପାଇଁ ଏଭଳି କରି ଥାଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

## ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ

ଆଠଗଡ, (ସବ୍ୟ): ଆଠଗଡ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ମହୋତ୍ସବ ପଡିଆଠାରେ ୮୦ ତମ ସତନ୍ତ୍ରତା ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ସର୍ବେଶର ପଣ୍ଡା, ବରିଷ୍ଠ ସଦସ୍ୟ ସୁଧି ରଞ୍ଜନ ଦାଶ ଓ ଲଲାଟେନ୍ଦୁ ସେନାପତି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ସଂକଳ୍ପବଦ୍ଧ ଉଦ୍ୟମ ଆବଶ୍ୟକ ବୋଲି ସଭାପତି ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ । ପ୍ରଥମେ ବନ୍ଦେ ମାତରମ

# ସ୍ୱାଧୀନତା ଦିବସ ମହାସମାରୋହ



ରଣପୁର (ସବ୍ୟ): ସମଗ୍ର ରଣପୁର ଅଞ୍ଚଳରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ପଞ୍ଚୁଦୋଳ ପଡିଆ ଠାରେ ଚଳିତ ବର୍ଷ ଆୟୋଜିତ ହୋଇଥିବା ସ୍ୱାଧୀନତା ଦିବସ ସମାରୋହରେ ଓଡିଶା ବିଧାନସଭାର ବାଚସ୍ପତି ତଥା ସ୍ଥାନୀୟ ବିଧାୟିକା ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଥମେ ରଣପୁର ମାଟିର ଅମର ସହିଦ ରଘୁନାଥ ମହାନ୍ତି ଓ ଦିବାକର ପରିଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରି ଥିଲେ । ସକାଳ ସାଢେ ଆଠଟା ବେଳେ ସଭାମଞ୍ଚରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରି ଅମର ଶହୀଦମାନଙ୍କୁ ସ୍ମରଣ କରିବା ସହ ଭାରତବର୍ଷକୁ ବିଶ୍ୱର ଏକ ନମ୍ବର ରାଷ୍ଟ୍ର ଭରେ ପରିଗଣିତ ପାଇଁ ମିଳିତ ଭାବେ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଦେଶମାତୃକାର ଗୌରବ କୁ ଅକ୍ଷୁର୍ଣ୍ଣ ରଖିବା ଉଦେଶ୍ୟରେ କାର୍ଯ୍ୟକାରୀ ଅବସର ନେଇଥିବା ତିନିଜଣ ସେନା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଦର୍ଶିତ ପ୍ୟାରେଡ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଗ୍ରୁପ କୁ ପୁରସ୍କୃତ କରାଯାଇଥିଲା । ପରେ ଏହି ମଞ୍ଚରେ ବିଭିନ୍ନ ଶିକ୍ଷାଅନୁଷ୍ଠାନ ତରଫରୁ ଦେଶାତ୍ମ୍ ବୋଧକ କଳା ପଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ସାଂସଦଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ,ତହସିଲଦାର ଆର୍ଯ୍ୟକୁମାର ସର୍ବଦମନ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର, ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁ, ସମାଜ ସେୀ ପରେଶ ମିଶ୍ର, ସତ୍ୱରାଜ ମହାନ୍ତିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ ।ଏହି ମଞ୍ଚକୁ ଶିକ୍ଷାବିତ ଡ଼ଃ ପ୍ରଶାନ୍ତ ମିଶ୍ର ପରିଚାଳନା କରିଥିଲେ ।

# ପ୍ରତିକୂଳ ପାଗରେ ସ୍ୱାଧୀନତା ଦିବସ ପାଳିତ



ବଡମ୍ବା,(ସବ୍ୟ): ପାଗର ପ୍ରତିକୂଳତା ଓ ଭୀଷଣ ବର୍ଷା ସେ%ବଡମ୍ବାର ଐତିହ୍ୟ ବହନ କରୁଥିବା ଟେନିସ ପଡ଼ିଆରେ ବଡମ୍ବାରେ ୮୦ତମ ସ୍ୱାଧୀନତା ଦିବସ ତହସିଲଦାର ତଥା ଉତ୍ସବ ପାଳନ କମିଟି ଅଧକ୍ଷା ସସ୍ମିତା ଶତପଥୀଙ୍କ ଅଧକ୍ଷତାରେପାଳିତ ହୋଇଛି । ସମାରୋହରେ ମୁଖ୍ୟଅତିଥି ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପତାକା ଉତ୍ତୋଳନ ପରେ ଏନ୍ସିସିର ହାଭିଲଦାର ସିନିଅର ବିଭୁତି ଭୂଷଣ ସ୍ୱାଇଁଙ୍କ ନେତୃତ୍ୱରେ ବିଭିନ୍ନ କମାଣ୍ଡ ସମ୍ପନ୍ନ ହୋଇଥିଲା । ମୁଖ୍ୟଅତିଥିଙ୍କୁ ପ୍ୟାରେଡ ପଡ଼ିଆରେ ଉପସ୍ଥିତ ୧୭ଟି ପ୍ଲାଟନ ନିରୀକ୍ଷଣ ପାଇଁ ଅନୁମତି ଦିଆଯାଇଥିଲା । ବିଧାୟକ ବିଜୟ କୁମାର ଦଳବେହେରାଙ୍କ ସହ ବଡମ୍ବା ଥାନାର ଭାରପ୍ରାପ୍ତ ଥାନାଧିକାରୀ ପରମାନନ୍ଦ ନାୟକ, କ୍ୟାପଟେନ ସୁଧୀର କୁମାର ମହାରଣା ଓ ଥାର୍ଡ ଅଫିସର ଦୁର୍ଗା ଚରଣ ମଲ୍ଲ ପ୍ୟାରେଡ ନିରୀକ୍ଷଣ କରିଥିଲେ ।ଭୀଷଣ ବର୍ଷା ମଧ୍ୟରେ ମଧ୍ୟ ପ୍ୟାରେଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ବିଭିନ୍ନ ପ୍ରତିଯୋଗିତାର କିଛି ପୁରସ୍କାର ମୁଖ୍ୟଅତିଥି ବିଧାୟକ ବିଜୟ କୁମାର ଦଳବେହେରାଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ବିଡିଓ ଡ. ଚିତ୍ତରଞ୍ଜନ ଦାସ, ବିଇଓ ତ୍ରିଲୋଚନ ଜେନା ଓ ଆମ୍ବ ଅଧକ୍ଷ ମହେନ୍ଦ୍ର ପଡ଼ିଆରୀ ବଣ୍ଟନ କରିଥିଲେ । ଅବଶିଷ୍ଟ ପୁରସ୍କାରଗୁଡ଼ିକ ସମ୍ପୃକ୍ତ ବିଦ୍ୟାଳୟ ସ୍ତରରେ ପହଞ୍ଚାଇ ଦିଆଯିବ ବୋଲି ଉତ୍ସବ ପାଳନ କମିଟି ଅଧକ୍ଷା ସୂଚନା ଦେଇଥିଲେ ।ଉତ୍ସବ ପାଳନ କମିଟି ସଦସ୍ୟ ତଥା ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଏବଂ ଏନ୍ସିସି ମହାବିଦ୍ୟାଳୟ ଶାଖାର କ୍ୟାପଟେନ ସୁଧୀର କୁମାର ମହାରଣା ଓ ବିଦ୍ୟାଳୟ ଶାଖାର ଥାର୍ଡ ଅଫିସର ଦୁର୍ଗା ଚରଣ ମଲ୍ଲଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଉତ୍ସବ ପାଳନ କମିଟିର ବରିଷ୍ଠ ସଦସ୍ୟ ତଥା ବଡମ୍ବା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ବିଭୁଦତ୍ତ ପଟ୍ଟନାୟକ, ସାଂସଦ ପ୍ରତିନିଧି ଦୀପକ କୁମାର ସାହୁ, ବୃନ୍ଦାବନ ପରିଡ଼ା, ତହସିଲର ମୁଖ୍ୟ କିରାଣୀ ମନୋଜ କୁମାର ମହାନ୍ତି , ଅଶୋକ କୁମାର ମହାନ୍ତି, ଆଇନଜୀବୀ କିଶୋର କୁମାର ମହାନ୍ତି, ସନ୍ତୋଷ କୁମାର ପଟ୍ଟନାୟକ, ଶିବନାରାୟଣ ମିଶ୍ର, ସନ୍ତୋଷ କୁମାର ଦେବତା, ପ୍ରଦୀପ୍ତ କୁମାର ମହାପାତ୍ର, ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ଦେଶପ୍ରେମର ବାର୍ତ୍ତା ନେଇ କଟକ ସଦର ବିଜେପିର ବିଶାଳ ତ୍ରିରଙ୍ଗା ଯାତ୍ରା

ଫୁଲନଖରା (ସବ୍ୟ): :ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଅଖଣ୍ଡତାର ବାର୍ତ୍ତା ନେଇ କଟକ ସଦର ଭାରତୀୟ ଜନତା ଦଳ ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଫୁଲନଖରା ଛକ ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରା ଗୋପାଳପୁର ଠାରେ ଉତ୍ସାହ ଓ ଦେଶପ୍ରେମର ପରିବେଶ ମଧ୍ୟରେ ଶେଷ ହୋଇଥିଲା । ହାତରେ ତ୍ରିରଙ୍ଗା ଧରି ବିଜେପି କର୍ମୀମାନେ ଦେଶଭକ୍ତିର ନାରା ଦେଇ ଆଗକୁ ବଢ଼ିଥିବା ବେଳେ ସମଗ୍ର ଅଞ୍ଚଳ ଦେଶପ୍ରେମର ଭାବନାରେ ମୁଖରିତ ହୋଇଥିଲା । ଏହି ଭବ୍ୟ ଶୋଭାଯାତ୍ରାର ନେତୃତ୍ୱ ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ ଓଝା ନେଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରଭାରୀ ଜ୍ଞାନେନ୍ଦ୍ର ବେଉରା ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ୫୬ ନମ୍ବର ଓ୍ୱାର୍ଡ କର୍ପୋରେଟର୍ ଲିଂ ନାୟକ, ୫୯ ନମ୍ବର ଓ୍ୱାର୍ଡ କର୍ପୋରେଟର୍ ମମତା ମହାନ୍ତି, ବରିଷ୍ଠ କର୍ମୀ ସ୍ୱାଧୀନଚେତା ମହାନ୍ତି ଓ ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ମାମିନା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ବିଶେଷ ଆକର୍ଷଣ ପାଲଟିଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ୫୬, ୫୭, ୫୮ ଓ ୫୯ ନମ୍ବର ଓ୍ୱାର୍ଡର ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ । ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱର୍ କର୍ମୀ ଏକତ୍ରିତ ହୋଇ ହାତରେ ତ୍ରିରଙ୍ଗା ଧରି ଦେଶର ଗୌରବ ଓ ସ୍ୱାଧୀନତାର ମହ%ର ବାର୍ତ୍ତା ପ୍ରଚାର କରିଥିଲେ । ଯୁବକ, ମହିଳା ଓ ବରିଷ୍ଠ କର୍ମୀଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନ ଶୋଭାଯାତ୍ରାକୁ ଆହୁରି ଜୀବନ୍ତ ଓ ଆକର୍ଷଣୀୟ କରିଥିଲା । ଶୋଭାଯାତ୍ରାରେ ରାଜେଶ କୁମାର ଭଟ୍ଟ, ସନାତନ ରାଉତ, ମିଟନ ମହାନ୍ତି, ଚିତ୍ତରଞ୍ଜନ କର, ଗଣେଶ ନାୟକ, ଶୁଭଶଙ୍କର ଜେନା, ଦିଲ୍ଲୀପ ସାମଲ, ରବି ବେଉରା, ଉର୍ମିଳା ବେହେରା, ଚାନ୍ଦିନୀ ପାଣିଗ୍ରାହୀ, ଦୀପକ ମଲ୍ଲିକ, ଦୀପ୍ତିରଞ୍ଜନ ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ । ଶୋଭାଯାତ୍ରାରେ ସାମିଲ ହୋଇଥିବା କର୍ମୀମାନଙ୍କ ମଧ୍ୟରେ ଅସାଧାରଣ ଉତ୍ସାହ ଓ ଦେଶପ୍ରେମର ଭାବନା ପରିଲକ୍ଷିତ ହୋଇଥିଲା । କଟକ ସଦର ବିଜେପି ପକ୍ଷରୁ ଏପରି ଭବ୍ୟ ଓ ଶୃଙ୍ଖଳିତ ଆୟୋଜନ ଦଳୀୟ କର୍ମୀଙ୍କ ମଧ୍ୟରେ ଏକତା, ସମନ୍ୱୟ ଓ ସଂଗଠନର ଦୃଢ଼ତାକୁ ପ୍ରତିଫଳିତ କରିଥିବା ଦେଖାଯାଇଥିଲା ।

# ଗୋଟିଏ ସମବାୟ ସମିତି ଦୁଇ ଜାତୀୟ ପତାକା

ନିରାକାରପୁର(ସବ୍ୟ):ନିୟମାନୁସାରେ ଗୋଟିଏ ଅନୁଷ୍ଠାନରେ ଗୋଟିଏ ଜାତୀୟ ପତାକା ଉତ୍ତୋଳନ କରାଯିବାର ବିଧି ରହିଥିବା ବେଳେ, ଗୋଷ୍ଠୀକନ୍ଦଳ ଯୋଗୁଁ ଗୋଟିଏ ସମବାୟ ସମିତିରେ ଦୁଇଟି ଅଲଗା ଅଲଗା ଜାତୀୟ ପତାକା ଉତ୍ତୋଳନ ହୋଇଥିବା ଦେଖିବାକୁ ମିଳିଛି ।ଏଭଳି ଏକ ଅଭାବନୀୟ ଦୃଶ୍ୟ ଓଡ଼ିଶା ରାଜ୍ୟ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ହଜ ପଂଚାୟତ ନିଧିପୁରସ୍ଥିତ ଜାଗେଶ୍ୱରୀ ସେବା ସମବାୟ ସମିତି ଲିଃରେ ଦେଖିବାକୁ ମିଳିଛି ।ମିଳିଥିବା ସୂଚନା ମୁତାବକ, ଆଜି ସମିତିରେ ଦୁଇଟି ପତାକା ଉତ୍ତୋଳନ କରାଯାଇଥିବା ଦେଖିବାକୁ ମିଳିଥିଲା ।ଅନ୍ତର୍କନ୍ଦଳ ଓ ଗୋଷ୍ଠୀକନ୍ଦଳ ଯୋଗୁଁ ଗୋଟିଏ ସରକାରୀ ଅନୁଷ୍ଠାନ ପରିସରରେ ଏପରି ଦୁଇଟି ପତାକା ଉତ୍ତୋଳନ କରାଯିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚା ଓ ଅସନ୍ତୋଷ ସୃଷ୍ଟି ହୋଇଛି ।

# ଛାତ୍ରଛାତ୍ରୀଙ୍କ ଦେଶପ୍ରେମରେ ମୁଖରିତ ବଡଝରିଲୋ

ଫୁଲନଖରା ,(ସବ୍ୟ): :କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ପଞ୍ଚାୟତର ବଡଝରିଲୋସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଅଖଣ୍ଡତାର ଭାବନାକୁ ଉଜ୍ଜୀବିତ କରି ୮୦ତମ ସ୍ୱାଧୀନତା ଦିବସ ଅତ୍ୟନ୍ତ ଉତ୍ସାହ ଓ ଗର୍ବର ସହ ପାଳିତ ହୋଇଯାଇଛି । ଶନିବାର ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଭବ୍ୟ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା । ବିଦ୍ୟାଳୟର ସଭାପତି ଦୀପକ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମାଜସେବୀ ତଥା ଆଇନଜୀବୀ କବିନାରାୟଣ ଜେନା ମୁଖ୍ୟ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବାରଙ୍ଗ ଖଣ୍ଡ କାର୍ଯ୍ୟବାହ ନିହାର ରଞ୍ଜନ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସ୍ୱାଧୀନତା ଦିବସ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରଭାତ ଫେରିରେ ଯୋଗଦେଇ ଈଶ୍ୱରପୁର ଓ ବଡଝରିଲୋ ଅଞ୍ଚଳ ପରିକ୍ରମା କରିଥିଲେ । ହାତରେ ତ୍ରିରଙ୍ଗା ପତାକା ଧରି ଦେଶପ୍ରେମମୂଳକ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଫେରିଥିଲେ । ବିଦ୍ୟାଳୟର ଏହି ପ୍ରୟାସ ଅନ୍ୟ ଶିକ୍ଷାନୁଷ୍ଠାନ ପାଇଁ ମଧ୍ୟ ଏକ ଅନୁକରଣୀୟ ଉଦାହରଣ ବୋଲି ଉପସ୍ଥିତ ଅତିଥି ଓ ଅଭିଭାବକମାନେ ପ୍ରଶଂସା କରିଥିଲେ । ବିଦ୍ୟାଳୟର ସମ୍ପାଦିକା ପ୍ରିୟଦର୍ଶିନୀ ମହାପାତ୍ର ଉପସ୍ଥିତ ଅତିଥି, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ ସଂସ୍ପର୍ଶରେ ମହିଳା ମୃତ

ଅସ୍ତରଙ୍ଗ,(ସବ୍ୟ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବିଦ୍ୟୁତ ସେକସନ ଅଧୀନ ବଳଭଦ୍ରପୁର ଗ୍ରାମରେ ସୋମବାର ଦିନ ସକାଳେ ଘଟିଛି ଏକ ଅଘଟଣ । ବଳଭଦ୍ରପୁର ଗ୍ରାମର ଭାବ ଦାସ (୬୦) ନାମକ ଜଣେ ମହିଳା ତାଙ୍କ ନିଜ ବିଲରେ କାମ କରୁଥିବା ବେଳେ, ବିଲରେ ଥିବା ବିଦୁତ ଖୁଣ୍ଟ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିବା ଜଣା ପଡିଛି ।ଭାବ ଦାସ, ବିଲକୁ ଯାଇ କେିଛି ମାଛ, ଗୋଧି, ସାପ ଆଦି ମରି ବିଲରେ ପଡିଛନ୍ତି । ସେହି ମଲା ଜୀବ ଗୁଡିକୁ କାଢ଼ିବାକୁ ଗଲାବେଳେ, ବିଦୁତ ଖୁଣ୍ଟରେ ଆର୍ଥିଙ୍ଗ ତାରଟିରେ ବିଦ୍ୟୁତ ସରୋବହବ ଥିବାରୁ ତାଙ୍କ ଦେହରେ ବାଜି ଯାଇଥିଲା । ଯାହା ଫଳରେ କି ସେ ସେହି ଠାରେ ପଡ଼ିଯାଇ ପାଟି କରିବାରୁ ଲୋକମାନେ ଆସି ପହଂଚି ଥିଲେ ମଧ୍ୟ ବିଦୁତ ସରୋବରାହ ଖୁଣ୍ଟରେ ଥିବାରୁ କେହି ଉଦ୍ଧାର କରି ନ ଥିଲେ ।

# ସିସିଲୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ

ବାଲିଅନ୍ତା ,(ସବ୍ୟ): ଜୟଦେବ ନିର୍ବାଚନ ମଣ୍ଡଳୀ ପୁରଣ ପ୍ରଧାନ ପଞ୍ଚାୟତ ସିସିଲୋ ଉଚ୍ଚ ବିଦ୍ୟାଳୟ ପରିସରରେ ୮୦ ତମ ସ୍ୱାଧୀନତା ଦିବସ ଡଃ ରାଧାନାଥ ପ୍ରହରାଜଙ୍କ ନେତୃତରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗୁଳି ଚରଣ ପରିଡା,ବିଧାୟକଙ୍କ ପ୍ରତିନିଧି ମାନସ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟା କୁନ ମୁନ ଲେଙ୍କା, ପରିଚାଳନା କମିଟି ସଦସ୍ୟ ମାଗୁଣି ଚରଣ ସେଠୀ, ପୂର୍ବତନ ଶିକ୍ଷକ ସର୍ବେଶ୍ୱର ନାୟକ, ଏସ ଏମ ସି ଉପସଭାପତି ମମତା ମାଝୀ, ମନୋଜ କୁମାର ଓଝା ଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ର, ଛାତ୍ରୀ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ ।

# ବୃଦ୍ଧାଶ୍ରମରେ ନୂତନ ବସ୍ତ୍ର ବାଣ୍ଟିଲେ ପୋଲିସ



ନିମାପଡା,(ସବ୍ୟ): ପବିତ୍ର ସ୍ୱାଧିନତା ଦିବସରେ ନିମାପଡା ଚଅଁରପଦା ସ୍ଥିତ ପତିତ ପାବନ ସେବା ସଦନରେ ନିମାପଡା ପୁଲିସ ସଦନର ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ଗହଣରେ ସ୍ୱାଧିନତା ଦିବସ ପାଳନ କରିଛି। ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀ,ଆଇଆଇସି ସମରେନ୍ଦ୍ର ପାଇକରାୟ ବୃଦ୍ଧାଶ୍ରମକୁ ଯାଇ ବୃଦ୍ଧ,ବୃଦ୍ଧା ,ଦିବ୍ୟାଙ୍ଗ ମାନଙ୍କୁ ସାଢୀ,ଗାମୁଛା ବଂଟନ କରିଛନ୍ତି। ପୁଲିସର ଏଭଳି ମହତ କାର୍ଯ୍ୟକୁ ବେଶ ପ୍ରଶଂସା କରାଯାଇଛି।

# ଉଦୟନାଥ କଲେଜରେ ଗ୍ରନ୍ଥାଗାରିକ ଦିବସ

କଣ୍ଟାପଡ଼ା,(ସବ୍ୟ): କଣ୍ଟାପଡ଼ା ବ୍ଲକ ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦାଳୟରେ ୧୩୪ତମ ବାର୍ଷିକ ଗ୍ରନ୍ଥାଗାରିକ ଦିବସ ପାଳନ ହୋଇଛି । ଏହି ଉପଲକ୍ଷେ ପଣ୍ଡିତ ଗୋଦାବରୀଶ ମିଶ୍ର କେନ୍ଦ୍ରୀୟ ଗ୍ରନ୍ଥାଗାର ଓ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ ଗ୍ରନ୍ଥାଗାରିକ ପବିତ୍ରମୋହନ ପ୍ରଧାନ ଓ ବିଭାଗୀୟ ମୁଖ ଡଃ.ପ୍ରିୟଙ୍କା ମଞ୍ଜରୀ ବେହେରା ଗ୍ରନ୍ଥାଗାରିକ ବିଜ୍ଞାନର ଜନକ ଡଃ.ଏସ ଆର ରଂଗନାଥନ ଓ କଲେଜର ପ୍ରତିଷ୍ଠାତା ତ୍ରିଲୋଚନ କାନୁନଗୋଙ୍କ ଫଟୋଚିତ୍ରରେ ମାଲାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅଧକ୍ଷା ଲୁଲୁମିନା ଦାଶ ଗ୍ରନ୍ଥାଗାରକୁ ଏକ ଜୀବନ୍ତ ବିଜ୍ଞାନ ବୋଲି କହିଥିଲେ । ବରିଷ୍ଠ ଅଧାପିକା ମିଲି ଭୂୟାଁ ଓ ଡଃ.କବିତା ମିଶ୍ର ଗ୍ରନ୍ଥାଗାରର ସଦୁପଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ମୁଖ ଗ୍ରନ୍ଥାଗରିକ ଶ୍ରୀଯୁକ୍ତ ପ୍ରଧାନଙ୍କୁ ଅଧକ୍ଷା ସମ୍ବର୍ଦ୍ଧିତ କରିଥିଲେ । ଏତଦ ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ନିରୁପମା ମିଶ୍ର, ସଭା କାର୍ଯ ସଂଚାଳନ କରିଥବଲାବେଳେ ସୌଭାଗ ଭୋଇ ସହଯୋଗ କରିଥିଲେ । ସହକାରୀ ଗ୍ରନ୍ଥାଗାରିକା ସ୍ୱର୍ଣ୍ଣଲତା ସାହୁ ସମସ୍ତଙ୍କୁ ଧନବାଦ ଜଣାଇଥିଲେ ।

# ଟାଙ୍ଗୀ ସାମ୍ବାଦିକ ସଂଘର ସ୍ୱାଧୀନତା ଦିବସ ପାଳିତ

ଟାଙ୍ଗୀ/କୁହୁଡ଼ି, (ସବ୍ୟ): ୮୦ତମ ସାଧୀନତା ଦିବସ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ମହାସମାରୋହରେ ପାଳିତ ହୋଇଯାଇଛି । ଟାଙ୍ଗୀ ସାମ୍ବାଦିକ ସଂଘ ତରଫରୁ ଉପଦେଷ୍ଟା ଭାଗିରଥି ଛୋଟରାୟ ପତାକା ଉତ୍ତୋଳନ କରିବାଥିବା ବେଳେ ସଭାପତି ରବୀନ୍ଦ୍ର କୁମାର ରଣା, ସମ୍ପାଦକ ସନ୍ତୋଷ ଚୌଧୁରୀ, ସହ ସମ୍ପାଦକ କାହ୍ନୁଚରଣ ବେହେରା, ବିଜୟ ବାହୁବଳେନ୍ଦ୍ର, ରମେଶ ନାଇଡୁ ଓ ମହେଶ ନାୟକ ଉପସ୍ଥିତ ଥିଲେ । କୁହୁଡିର ବିଭିନ୍ନ ଶିକ୍ଷାନୁଷ୍ଠାନ ପୂର୍ବ ସେନାନୀ ସଙ୍ଗ କାର୍ଯ୍ୟାଳୟରେ ରିଜିଓନାଲ ପବ୍ଲିକ ଲାଇବ୍ରେରୀ , ଜନତା ଉଚ୍ଚ ବିଦ୍ୟାଳୟ, ଡିଏଭି ଗୁରୁକୁଳ, ସରସତୀ ବିଦ୍ୟା ମନ୍ଦିର, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଜନତା ମହାବିଦ୍ୟାଳୟ, କ୍ଷେତ୍ରବାସୀ ବାଳିକା ମଧ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥିଲା

# ବାଲିପାଟଣାର ୧୭ ପଞ୍ଚାୟତରେ ସ୍ୱାଧୀନତା ଦିବସ ପାଳିତ

ବାଲିପାଟଣା ,(ସବ୍ୟ): ବାଲିପାଟଣାର ୧୭ ଗ୍ରାମ ପଞ୍ଚାୟତର ବିଭିନ୍ନ ଅନୁଷ୍ଠାନ , ବିଦ୍ୟାଳୟ , ମହାବିଦ୍ୟାଳୟ , ସରକାରୀ କାର୍ଯ୍ୟାଳୟରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବାଲିପାଟଣାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଗଦେବୀ ବିଦ୍ୟା ମନ୍ଦିରରେ ସ୍ଥାୟୀ ସଭାପତି ଦିଲୀପ କୁମାର ଓଝା ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ବିଦ୍ୟାଳୟ ନିର୍ଦ୍ଦେଶକ ଗଙ୍ଗାଧର ଓଝା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁକାନ୍ତି ଷଡଙ୍ଗି, ସବିତା ମୁଖି, ଛବିତା ମହାପାତ୍ର , ଉର୍ମିଳା ସେନାପତି , ଲିପିକା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ସେହିପରି କୁଶଭଦ୍ରା ଯୋଗ ଶିକ୍ଷା ମନ୍ଦିରରେ ସଭାପତି ରଘୁନାଥ ଲେଙ୍କା ପତାକା ଉତ୍ତୋଳନ କରିଥିବା ବେଳେ ସଂପାଦକ ମୂରଲୀ ଧର ସାହୁ ଅଭିଭାଷଣ ରଖିଥିଲେ । ବାଲିପାଟଣା ବ୍ଲକରେ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଭ୍ରାଂସୁ ଶେଖର ପାଢୀ ,ଥାନାରେ ଆଇ.ଆଇ.ସି ସୁର୍ଯ୍ୟାଂଶୁ ଶେଖର ପାଢୀ ,ତହସିଲ କାର୍ଯ୍ୟାଳୟରେ ତହସିଲଦାର କଳ୍ପନା ଦାସ , ଗାରେଡି ପାଞ୍ଚଣ ସେବା ସମବାୟ ସମିତି ରେ ଉପ ସଭାପତି ମିନୁ ସେନାପତି , ତୁରନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଜଗନ୍ନାଥ ମହାନ୍ତି , ଆଦର୍ଶ ଶିଶୁ ନିକେତନରେ ସଭାପତି ସୁରେନ୍ଦ୍ର ସାହୁ ଓ ଲୋକ ଜନଶକ୍ତି କାର୍ଯ୍ୟାଳୟରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଚିତରଂଜନ ମଲ୍ଲୀକ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ । ଲୋକ ଜନଶକ୍ତି ପାର୍ଟିର ଅନିତା ନାୟକ ,ଧିରେନ୍ଦ୍ର ଭୋଇ ଉପସ୍ଥିତ ଥିଲେ ।

# ଏମଜି ହେକଫରର ୭ ବର୍ଷ ପୂର୍ତ୍ତି, ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ

ବାଲିଅନ୍ତା, (ସବ୍ୟ): ଭାରତରେ ଏମଜି ହେକଫରର ୭ ବର୍ଷ ପୂର୍ତ୍ତି ଅବସରରେ ଜେଏସଡବ୍ଲ୍ୟୁ ଏମ ମୋଟର ଇଣ୍ଡିଆ ପକ୍ଷରୁ ସ୍ୱନ୍ତ୍ର ଆନିଭର୍ସରୀ ପ୍ରୋଗ୍ରାମ ଘୋଷଣା କରାଯାଇଛି । ଅଗଷ୍ଟ ୨୦୨୬ରେ ଯୋଗ୍ୟ ଏମ ହେକଫର ବୁକିଂ କରୁଥିବା ଗ୍ରାହକଙ୍କୁ ଏକ୍ସଚେଞ୍ଜ, ଲୟାଲଫି, କର୍ପୋରେଟ ଲାଭ ଓ ଆନିଭର୍ସରୀ ରିହାତି ସମେତ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିବ ।ନୂଆ ଏମଜି ହେକଫରର ପ୍ରାରମ୍ଭିକ ମୂଲ୍ୟ ୧୧.୯୯ ଲକ୍ଷ ଟଙ୍କା (ଏକ୍ସ-ଶୋ'ରୁମ) ରହିଛି । ଗ୍ରାହକଙ୍କୁ ୮୪ ମାସ ପର୍ଯ୍ୟନ୍ତ ୧୦୦% ଅନ-ରୋଡ ପ୍ରାଇସ ଫଣ୍ଡିଂ ସହ ଆକ୍ସେସରିଜ ପାଇଁ ମଧ୍ୟ ୧୦୦% ଫଣ୍ଡିଂ ସୁବିଧା ମିଳିବ । ନୂଆ ହେକଫରରେ ସେଲାଡନ ବ୍ଲୁ ଓ ପର୍ଲ ହଓ୍ୱାଇଟ ଭଳି ନୂଆ ଏକ୍ସଟେରିୟର ରଙ୍ଗ ଏବଂ ନୂଆ ଇଣ୍ଟେରିୟର କଲର୍ ଥିମ ଯୋଡ଼ାଯାଇଛି ।

# ସମ୍ପାଦକୀୟ

## ସଂଗ୍ରାମ ସରିନାହିଁ...

ସ୍ୱାଧୀନତାର ଅଣାଅଶୀ ବର୍ଷ ଅତିକ୍ରମ କରି ଅଶୀ ବର୍ଷରେ ଆମେମାନେ ପାଦ ପକାଇବା ପରେ ମଧ୍ୟ ଆମେମାନେ ଯେପରି ନିଜକୁ ପରାଧୀନ ମନେ କରୁଛୁଁ । ଏ ଦେଶକୁ ମୁକ୍ତ କରିବାକୁ ସଂଗ୍ରାମ ଯେପରି ସରିନାହିଁ । ଅରି ଅର୍ଥାତ୍ ତତ୍କାଳୀନ ଇଂରେଜ ଶାସକ ହୁଏତ ଭାରତରୁ ଚାଲି ଯାଇଛନ୍ତି, ମାତ୍ର ନିଜର ଶାସକ ଅରି ରୂପରେ ଆମମାନଙ୍କୁ ସତେ ଯେପରି ଇଂରେଜମାନଙ୍କ ପରି ଶାସନ କରି ଚାଲିଛନ୍ତି । ସେଥିପାଇଁ ତ ଶିକ୍ଷା ବା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏବେ ବି ଆମେ ପରାଧୀନତା ଶୃଙ୍ଖଳରେ ବାନ୍ଧି ହୋଇ ରହି ଯାଇଛୁଁ ।

ଗତ ଦୁଇ ବର୍ଷ ତଳେ 'ହର ଘର ତ୍ରିରଙ୍ଗା' (ପ୍ରତ୍ୟେକ ଘରେ ତ୍ରିରଙ୍ଗା) ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେପି ପକ୍ଷରୁ ଯେଉଁ ନିବେଦନ କରି ଆହ୍ୱାନ ଦେଇଥିଲେ, ତାହାକୁ ଭାରତୀୟମାନେ ଆନନ୍ଦ ମନରେ ଗ୍ରହଣ କରିଥିଲେ । ଘରେ ଘରେ ଜାତୀୟ ପତାକା ଶୋଭା ପାଇଥିଲା । ମାତ୍ର ଦୁଇ ବର୍ଷ ମାସ କେତେଟା ପରେ ସେ ଆନନ୍ଦ ଓ ଆବେଗ ସତେ ଯେପରି ଫିକା ପଡ଼ି ଯାଇଛି । ରୋଗରୁ ଆମେମାନେ ପ୍ରାୟ ମୁକ୍ତି ପାଇ ପାରି ନାହୁଁ । ଦେଶର ଆର୍ଥିକ ଅବସ୍ଥା ଭଲ ଆଡକୁ ଗତି କରୁଥିଲେ ମଧ୍ୟ ଅନେକ ସାଧାରଣ ଲୋକେ ଉପଯୁକ୍ତ ଚିକିତ୍ସା ଅଭାବରୁ ଅକାଳରେ ପ୍ରାଣ ହରାଇଛନ୍ତି, ଆଉ ଅନେକ ରୋଗରେ ପଡ଼ି ଶଯ୍ୟାଶାୟୀ । ରାସ୍ତା ଦୁର୍ଘଟଣା ମଧ୍ୟ ପ୍ରାୟ ଦିନକୁ ଦିନ ବଢ଼ିବାକୁ ଲାଗିଛି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ ବଢୁଛି ପଛକେ ସହଜରେ ହ୍ରାସ ପାଇ ପାରୁ ନାହିଁ ।

ଗତ ୨୦୧୬ରେ କଂଗ୍ରେସ ସରକାରର ଅବସାନ ଘଟାଇ ଯେତେବେଳେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଓ ତାହାର ସହଯୋଗୀ ଦଳ, ଜାତୀୟ ଗଣତାନ୍ତ୍ରିକ ମେଣ୍ଟରେ ସାମିଲ ହୋଇ କ୍ଷମତାସୀନ ହେଲେ, ସେତେବେଳେ ସମୁଦାୟ ଦେଶରେ ଏକ ବିରାଟ ପରିବର୍ତ୍ତନ ହେବ ବୋଲି ଭାରତୀୟମାନେ ଆଶା କରିଥିଲେ । ତାହା ହିଁ ହେଲା । ଯାହା ଜଣାଯାଉଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ଦେଶକୁ ନୂତନ ଦିଗ୍‌ଦର୍ଶନ ଦେଇ ପାରିବେ । ସାଧାରଣ ଲୋକଙ୍କ ଦୁଃଖକୁ ଲାଘବ କରି ପାରିବେ । ତାଙ୍କର ଦୀର୍ଘ ବାର ବର୍ଷର ଶାସନ କାଳ ମଧ୍ୟରୁ ତାହା ହିଁ ପ୍ରମାଣିତ ହୋଇ ପାରିଛି । ଗତ ଅଗଷ୍ଟ ୧୫ରେ ନୂଆ ଦିଲ୍ଲୀର ଲାଲକିଲାଠାରେ ୮୦ ତମ ସ୍ୱାଧୀନତା ଦିବସରେ ସେ ଏ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଉଲ୍ଲେଖ କରିଥିଲେ । ଦେଶର ସ୍ୱାଧୀନତା ପାଇଁ ଚରମ ତ୍ୟାଗ ସ୍ୱୀକାର କରି ଯେଉଁମାନେ ବଳିଦାନ ଦେଇଥିଲେ ବା ଦେଶ ପାଇଁ କିଛି କରିଥିଲେ, ସେମାନଙ୍କୁ ସେ ସ୍ମରଣ କରିଥିଲେ । ସ୍ମରଣ କରିବା ମଧ୍ୟ ସ୍ୱାଭାବିକ । ମାତ୍ର ସେହି ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଭାରତ ସରକାର ବା ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଚିହ୍ନଟ କରି ପାରିଲେ ନାହିଁ । ସ୍ୱାଧୀନତା ପ୍ରାପ୍ତିର ଏତେ ବର୍ଷ ପରେ ସେମାନେ ସିନା ଆମ ଗହଣରେ ନାହାନ୍ତି, କିନ୍ତୁ ସେମାନଙ୍କ ସ୍ମୃତି ରକ୍ଷା ପାଇଁ ସେମାନଙ୍କ ଅଞ୍ଚଳରେ ବିଶେଷ କିଛି କରାଯାଇ ପାରିଲା ନାହିଁ କିମ୍ବା ସେମାନଙ୍କ ପରିବାରବର୍ଗଙ୍କୁ ସରକାରୀ ବା ବେସରକାରୀ ସଂଗଠନଗୁଡ଼ିକ ପଚାରିଲେ ମଧ୍ୟ ନାହିଁ । ଗାନ୍ଧିଜୀ ଓ ନେତାଜୀଙ୍କ ପରିବାରବର୍ଗଙ୍କ ପ୍ରତି କେନ୍ଦ୍ର ବା ରାଜ୍ୟ ସରକାରଙ୍କର କେତେ ବା ଦରଦ ଅଛି ?

ସେ ଯାହା ହେଉ, ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ରଚିତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନ ସମୟରେ ଲାଲକିଲାରେ ତାହା ଗାନ କରାଯାଇ ଉଭୟ କବି ଓ ତାଙ୍କର ଜାତୀୟ ଗୀତଟିକୁ ଉପଯୁକ୍ତ ସମ୍ମାନ ଦିଆଯାଇଛି । ବଙ୍କିମଚନ୍ଦ୍ରଙ୍କ ପରିବାରରୁ କେତେଜଣଙ୍କୁ ସ୍ୱାଧୀନତା ଦିବସରେ ସମ୍ମାନିତ କରାଗଲା କି ନାହିଁ, ଏ ଲେଖକକୁ ଜଣା ନାହିଁ ।

୨୦୪୭ରେ ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ପଣ ହିଁ ଆମମାନଙ୍କୁ ପ୍ରେରଣା ଦେଇଛି । ସେହିପରି ୨୦୩୬ରେ ଯେତେବେଳେ ଓଡ଼ିଶା ତାହାର ଶତବାର୍ଷିକ ପାଳନ କରିବାକୁ ତତ୍ପର, ସେତେବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଜ୍ୟର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ଚିହ୍ନଟ କରିବା ଲାଗି ଏକ ନୂତନ ପଦକ୍ଷେପ ନିଅନ୍ତୁ । ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ଓ କଳାକାରମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରିବାକୁ ଅର୍ଥ ଏବଂ ସଂସ୍କୃତି ବିଭାଗକୁ ଆମର ବିନମ୍ର ନିବେଦନ ।

**୨୦୪୭ରେ ବିକାଶଶୀଳ ଭାରତକୁ ବିକଶିତ ଭାରତରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ପଣ ହିଁ ଆମମାନଙ୍କୁ ପ୍ରେରଣା ଦେଇଛି । ସେହିପରି ୨୦୩୬ରେ ଯେତେବେଳେ ଓଡ଼ିଶା ତାହାର ଶତବାର୍ଷିକ ପାଳନ କରିବାକୁ ତତ୍ପର, ସେତେବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଜ୍ୟର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ଚିହ୍ନଟ କରିବା ଲାଗି ଏକ ନୂତନ ପଦକ୍ଷେପ ନିଅନ୍ତୁ । ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ଓ କଳାକାରମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରିବାକୁ ଅର୍ଥ ଏବଂ ସଂସ୍କୃତି ବିଭାଗକୁ ଆମର ବିନମ୍ର ନିବେଦନ ।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନିଟ୍ ଏବେ ୟୁଜିସି-ନେଟ୍ ପରୀକ୍ଷାରେ, ପୁନଶ୍ଚ ବିଭ୍ରାଟ କାହିଁକି ?



ଅଭୟ ଦ୍ୱିବେଦୀ

'କମିଟି ଜାଣିବାକୁ ପାଇଥିଲା ଯେ ଇଂରାଜୀ, ବାଣିଜ୍ୟ ଓ ସମାଜବିଜ୍ଞାନ ଏହି ତିନୋଟି ପ୍ରଶ୍ନପତ୍ରରେ ବହୁସଂଖ୍ୟକ ତଥ୍ୟଗତ, ମୁଦ୍ରଣଗତ ଓ ଅନୁବାଦଗତ ତ୍ରୁଟି ରହିଛି । ଏହି ତ୍ରୁଟି ମଧ୍ୟରେ ପ୍ରମୁଖ ବିଦ୍ୱାନମାନଙ୍କ ନାମର ଭୁଲ ବନାନ, ପୁସ୍ତକର ବିକୃତ ଶୀର୍ଷକ,ପ୍ରଶ୍ନର ଶବ୍ଦବିନ୍ୟାସରେ ତ୍ରୁଟି, ବ୍ୟାକରଣଗତ, ଲିଙ୍ଗ ଓ ବଚନର ଅସଙ୍ଗତି, ବିରାମଚିହ୍ନର ତ୍ରୁଟି, ପ୍ରଚଳିତ ଓ ପ୍ରତିଷ୍ଠିତ ଧାରଣା ନିମନ୍ତେ ଅଣ-ମାନକ ନୂତନ ଶବ୍ଦର ବ୍ୟବହାର ଏବଂ ପୂର୍ବ ବର୍ଷର ଅନେକ ପ୍ରଶ୍ନପତ୍ରର ପୁନରାବୃତ୍ତି ଅନ୍ତର୍ଭୁକ୍ତ । ନିରପେକ୍ଷ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ସ୍ୱାର୍ଥରେ ଏହି ତିନୋଟି ପ୍ରଶ୍ନପତ୍ରର ପୁନଃପରୀକ୍ଷା ନିମନ୍ତେ କମିଟି ସୁପାରିଶ କରିଥିଲା । 'ନାସନାଲ ଟେଷ୍ଟିଂ ଏଜେନ୍ସି' ଏହି ନିଷ୍କର୍ଷରେ ଉପନୀତ ହୋଇଛି ଯେ – ଏହି ତ୍ରୁଟିଗୁଡ଼ିକର ଯଥାର୍ଥ ସମାଧାନ କେବଳ ତିନୋଟି ବିଷୟ : ଇଂରାଜୀ,ବାଣିଜ୍ୟ ଓ ସମାଜବିଜ୍ଞାନର ପୁନଃପରୀକ୍ଷା ମାଧ୍ୟମରେ ସମ୍ଭବ ହେବ । ଇଂରାଜୀ ଓ ବାଣିଜ୍ୟ ବିଷୟର ପୁନଃପରୀକ୍ଷା ସେପ୍ଟେମ୍ବର ୯ ତାରିଖରେ ଏବଂ ସମାଜବିଜ୍ଞାନ ବିଷୟର ପୁନଃପରୀକ୍ଷା ସେପ୍ଟେମ୍ବର ୧୦ ତାରିଖରେ ହେବ ।'

କେନ୍ଦ୍ରସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା 'ନାସନାଲ ଟେଷ୍ଟିଂ ଏଜେନ୍ସି' ତରଫରୁ ଚଳିତ ଅଗଷ୍ଟ ମାସ ୧୬ ତାରିଖରେ ଏହି ଘୋଷଣାନାମା ପ୍ରକାଶ ପାଇଛି । ପରୀକ୍ଷାର୍ଥୀମାନଙ୍କ ଏ ସଂପର୍କରେ ବ୍ୟାପକ ଅଭିଯୋଗ ଆଧାରରେ ଏକ ତଦନ୍ତ କମିଟି ଗଠିତ ହୋଇ ଏହି ରିପୋର୍ଟ ପ୍ରଦାନ କରିଛି । ଜୁନିୟର ରିସର୍ଚ୍ଚ ଫେଲୋସିପ୍ ଓ ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ଯୋଗ୍ୟତା ଏବଂ ପିଏଚ.ଡ଼ି କାର୍ଯ୍ୟକ୍ରମରେ ନାମଲେଖା ନିମନ୍ତେ ଚଳିତ ବର୍ଷ ଜୁନ୍ ୨୨ତାରିଖରୁ ୩୦ ତାରିଖ ମଧ୍ୟରେ ୮୭ଟି ବିଷୟରେ ନାସନାଲ ଟେଷ୍ଟିଂ ଏଜେନ୍ସି ଆନୁକୂଲ୍ୟରେ ୟୁଜିସି-ନେଟ୍ ପରୀକ୍ଷା ଆୟୋଜିତ ହୋଇଥିଲା । ୨୦୨୬ ମସିହା ମେ ମାସରେ ୩ ତାରିଖରେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟକୁ ନେଇ ସାରା ଦେଶ ପ୍ରକମ୍ପିତ ହୋଇଥିଲା। ମେ ୧ ତାରିଖରୁ ପ୍ରଶ୍ନପତ୍ର ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିଲା । ପ୍ରବଳ ପ୍ରତିବାଦ ଏବଂ ବିରୋଧ ହେବାରୁ ମେ ୧୨ ତାରିଖରେ ଏହି ପରୀକ୍ଷା ବାତିଲ କରାଗଲା ବୋଲି ଏଜେନ୍ସି ତରଫରୁ ଘୋଷଣା କରାଯିବା ପରେ ଦେଶରେ ଭୂକଂପ ସୃଷ୍ଟି ହୋଇଥିଲା। ସତେ ଯେମିତି ଏନଟିଏ ସଂକଳ୍ପ ନେଇଛି- ଆମେ ମୁଣ୍ଡ ଖାଇବୁ, କିନ୍ତୁ ସୁଧୁରିବୁ ନାହିଁ ।

**ନାସନାଲ ଟେଷ୍ଟିଂ ଏଜେନ୍ସି : କଣ ଓ କାହିଁକି ?** ପ୍ରଶ୍ନ ଉଠୁଛି – ନାସନାଲ ଟେଷ୍ଟି ଏଜେନ୍ସି ଦ୍ୱାରା ପରିଚାଳିତ ଏହି ସମସ୍ତ ପ୍ରତିଯୋଗିତା ପରୀକ୍ଷାରେ ପ୍ରଶ୍ନପତ୍ରକୁ ନେଇ ବାରମ୍ବାର ବିଭ୍ରାଟ ଘଟୁଛି କାହିଁକି ? ଯୁବ ପିଢ଼ି ପାଇଁ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା କେବଳ ଗୋଟିଏ ଦିନର ଘଟଣା ନୁହେଁ । ଏହା ହେଉଛି ଶୈଶବର ସ୍ୱପ୍ନ, ପରିବାରର ବିଶ୍ୱାସ ଏବଂ ଅସୁମାରୀ ସ୍ୱପ୍ନ ଆଖିରେ ଧରି ଆଗକୁ ବଢ଼ିବାର ପ୍ରଲମ୍ବିତ ମୁହୂର୍ତ୍ତ । ତେଣୁ ପ୍ରଶ୍ନପତ୍ର ବିଭ୍ରାଟ ଫଳରେ ଯେତେବେଳେ ପରୀକ୍ଷା ବାତିଲ ହୁଏ, ସେତେବେଳେ ପ୍ରଶାସନିକ ବ୍ୟବସ୍ଥା ଉପରୁ ଆସ୍ଥା ତୁଟିଯାଏ, ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଏ ଏବଂ ସେହି ମୁହୂର୍ତ୍ତ ପର୍ଯ୍ୟନ୍ତ ଆସିବା ପାଇଁ ଯେଉଁ ଧୈର୍ଯ୍ୟ ଏବଂ ସାମର୍ଥ୍ୟ ଥାଏ ତାହା ମଧ୍ୟ ଧୂଳିସାତ ହୋଇଯାଏ । କେତେ ସଂଚୟ, କେତେ ଋଣ ପାଣିରେ ଧୋଇଯାଏ ।

୨୦୦୨ ରୁ ୨୦୨୬ ମସିହା ମଧ୍ୟରେ ପ୍ରାୟ ୫୦ଟି ପ୍ରମୁଖ ପ୍ରତିଦ୍ୱନ୍ଦିତାମୂଳକ ପରୀକ୍ଷାରେ, ଯେଉଁଥିରେ ଆବେଦନକାରୀଙ୍କ ସଂଖ୍ୟା ଏକ ଲକ୍ଷରୁ ଊର୍ଦ୍ଧ୍ୱ, ସେଥିରେ ପ୍ରଶ୍ନପତ୍ର ବିଭ୍ରାଟ ଘଟିଛି । ଏହି ସମସ୍ତ ପରୀକ୍ଷା ପରିଚାଳନା ପାଇଁ ୨୦୧୭ ମସିହାରେ କ୍ୟାବିନେଟ ଅନୁମୋଦନ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଏକ ସ୍ୱୟଂଶାସିତ ଅନୁଷ୍ଠାନ 'ନାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)' ଗଠନ କରାଗଲା । ସେହି ସଂସ୍ଥାର ୱେବ୍ ସାଇଟରେ ଉଲ୍ଲେଖ ଅଛି – 'ଜାତୀୟ ପରୀକ୍ଷା ଏଜେନ୍ସି ହେଉଛି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସରକାରୀ ଅନୁଷ୍ଠାନ। ଇଂଜିନିୟରିଂ, ଡାକ୍ତରୀ, ଫାର୍ମାସୀ, ମ୍ୟାନେଜମେଣ୍ଟ, ଗବେଷଣା ଆଦି କ୍ଷେତ୍ରରେ ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ନାମଲେଖା ନିମନ୍ତେ ପ୍ରବେଶିକା ପରୀକ୍ଷା ପରିଚାଳନା ନିମନ୍ତେ ଏହା ଅଗ୍ରଣୀ ସଂସ୍ଥା ଭାବେ ପ୍ରତିଷ୍ଠା କରାଯାଇଛି । ପ୍ରାର୍ଥୀଙ୍କର ଯୋଗ୍ୟତା ଓ ଦକ୍ଷତାର ନିରପେକ୍ଷ ମୂଲ୍ୟାଙ୍କନ କରିବା ସର୍ବଦା ଏକ ଆହ୍ୱାନ ହୋଇ ରହିଆସିଛି । ବିଶେଷକରି ଅନ୍ତର୍ଜାତୀୟ ଗବେଷଣା-ଆଧାରିତ ମାନଦଣ୍ଡ ସହ ସମନ୍ୱୟ ରକ୍ଷା କରି ପରୀକ୍ଷା ପରିଚାଳନାରେ ଦକ୍ଷତା, ସ୍ୱଚ୍ଛତା ଏବଂ ତ୍ରୁଟିମୁକ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବା ଏକ ଜଟିଳ କାର୍ଯ୍ୟ ।

ଏହି ସମସ୍ତ ଆହ୍ୱାନର ମୁକାବିଲା ନିମନ୍ତେ ଜାତୀୟ ପରୀକ୍ଷା ଏଜେନ୍ସିକୁ ପରୀକ୍ଷା ପ୍ରସ୍ତୁତି, ପରିଚାଳନା, ଉତ୍ତରପତ୍ର ମୂଲ୍ୟାଙ୍କନ ସହିତ ପରୀକ୍ଷାର ପ୍ରତ୍ୟେକ ପର୍ଯ୍ୟାୟରେ ସର୍ବୋତ୍ତମ ପ୍ରଣାଳୀ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଶ୍ରେଷ୍ଠ ଦକ୍ଷତାର ସହ ବିଶ୍ୱସନୀୟ ଏବଂ ଉଚ୍ଚମାନର ବ୍ୟବସ୍ଥା ଗଢ଼ିତୋଳିବାର ଦାୟିତ୍ୱ ଅର୍ପଣ କରାଯାଇଛି ।' ବିଡ଼ମ୍ବନା, ଯେଉଁ ସଂସ୍ଥାକୁ ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ ପରୀକ୍ଷା ପରିଚାଳନା ନିମନ୍ତେ ଗଠନ କରାଯାଇଥିଲା, ମାତ୍ର ଦୁଇ/ତିନି ବର୍ଷ ମଧ୍ୟରେ ସେଥିରେ ପୁଳା ପୁଳା ଆବର୍ଜନା ଦେଖିବାକୁ ମିଳିଲା । ୨୦୨୪ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ପରେ , ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଯଦିଓ ପରୀକ୍ଷା ପୂର୍ଣ୍ଣ ଭାବେ ବାତିଲ କରାଗଲା ନାହିଁ, ୧୫୬୩ ଜଣ ବିଦ୍ୟାର୍ଥୀଙ୍କ ପୁନଃ ପରୀକ୍ଷା ଆୟୋଜନ କରାଯାଇଥିଲା । ସେତେବେଳକୁ ଦେଶବାସୀଙ୍କର ଧୈର୍ଯ୍ୟର ସୀମା ପାରି ହୋଇ ଯାଇଥିଲା । ୨୦୨୬ ମସିହା ପ୍ରଶ୍ନପତ୍ର ଲିକ୍ , ସାରା ଦେଶରେ ସୁନାମୀ ସୃଷ୍ଟି କରିଥିଲା । ଏନଟିଏ ଉପରେ ନିଟ୍-ୟୁଜି,ଜେଇଇ ମେନ୍ ସମେତ ୨୦ରୁ ଊର୍ଦ୍ଧ୍ୱ ଜାତୀୟସ୍ତରର ପରୀକ୍ଷା ପରିଚାଳନା ଦାୟିତ୍ୱ ନ୍ୟସ୍ତ ରହିଛି । ଏହି ଦୃଷ୍ଟିରୁ ସଂସ୍ଥାର ଗୁରୁତ୍ୱ ଆକଳନ କରାଯାଇ ପାରେ ।

**ପ୍ରଧାନମନ୍ତ୍ରୀଙ୍କ ଘୋଷଣା :** ୨୦୨୬ ମସିହା ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପରେ ଏନ୍‌ଟିଏ ସଂସ୍ଥାର କାର୍ଯ୍ୟଧାରା, ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଶାସନିକ ଓ ସାଂଗଠନିକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ବିଭିନ୍ନ ମନ୍ତ୍ରଣାଳୟରେ କାର୍ଯ୍ୟାନୁଭବ ଥିବା ଚାରି ଜଣ ପ୍ରମୁଖ ପ୍ରଶାସକଙ୍କୁ ଅତିରିକ୍ତ ମହାନିର୍ଦ୍ଦେଶକ ଓ ମହାନିର୍ଦ୍ଦେଶକ ପାହ୍ୟାରେ ନିଯୁକ୍ତି ଦିଆଯାଇଛି । ତିନୋଟି ନୂତନ ବିଶେଷଜ୍ଞ ପଦବୀ – ମୁଖ୍ୟ ଆର୍ଥିକ ଅଧିକାରୀ, ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଏବଂ ମାନବସମ୍ବଳ ମହାପ୍ରବନ୍ଧକ ସୃଷ୍ଟି କରାଯାଇଛି । ଜୁଲାଇ ମାସରେ ସଂସ୍ଥାର ୪୭ ଜଣ ଅଧିକାରୀଙ୍କୁ ଦୁର୍ନୀତି ଅଭିଯୋଗରେ ବହିଷ୍କାର କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଜୁଲାଇ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଘୋଷଣା କରିଥିଲେ – 'ପ୍ରଶ୍ନପତ୍ର ଲିକ୍ ମାମଲାର ବିଚାର ନିମନ୍ତେ ଆମେ ଫାଷ୍ଟଟ୍ରାକ ଅଦାଲତ ଗଠନ କରିଛୁ । ଆସନ୍ତାକାଲି ସଂସଦରେ ଏହି ପ୍ରସଙ୍ଗରେ କଠୋର ବ୍ୟବସ୍ଥା ସମ୍ବଳିତ ଏକ ନୂତନ ଆଇନ ପ୍ରଣୟନ ଦିଗରେ ଅଗ୍ରସର ହେଉଛୁ । କିନ୍ତୁ ଆମକୁ ଭବିଷ୍ୟତ ସଂପର୍କରେ ଚିନ୍ତା କରିବାକୁ ପଡ଼ିବ ।

ଆମର ପରୀକ୍ଷା ବ୍ୟବସ୍ଥା ଯେପରି ଅଧିକ ବିଶ୍ୱସନୀୟ, ସ୍ୱଚ୍ଛ ଏବଂ ସର୍ବାଧିକ ପ୍ରଯୁକ୍ତିବିଦ୍ୟା ଆଧାରିତ ହୋଇପାରିବ, ସେଥି ନିମନ୍ତେ ସମସ୍ତ ଦିଗକୁ ବିଚାରକରି ବିଶ୍ୱବିଖ୍ୟାତ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଶ୍ରୀ ନନ୍ଦନ ନିଲେକାନୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚକ୍ଷମତାସଂପନ୍ନ ଟ୍ୟାକ୍ସଫୋର୍ସ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଟ୍ୟାକ୍ସଫୋର୍ସ ପରୀକ୍ଷା ବ୍ୟବସ୍ଥାର ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିବ । ଏହାର ସୁପାରିଶ ଆଧାରରେ ପରୀକ୍ଷା ପ୍ରଣାଳୀକୁ ଅଧିକ ବିଶ୍ୱସନୀୟ, ସୁଦୃଢ଼ ଓ ନିର୍ଭରଯୋଗ୍ୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରାଯିବ ।'

ପରୀକ୍ଷା ପରିଚାଳନାରେ ସୁଧାର ଆଣିବା ପାଇଁ ୨୦୨୪ ମସିହା ଜୁନ ମାସରେ ଶିକ୍ଷା ମନ୍ତ୍ରଣାଳୟ ତରଫରୁ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ମହାକାଶ ବିଜ୍ଞାନୀ ଡ.କେ.ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ସମୁଦାୟ ସାତ ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା ଏବଂ କମିଟି ୨୦୨୪ ଅକ୍ଟୋବର ମାସରେ ରିପୋର୍ଟ ପ୍ରଦାନ କରିଥିଲା । ଏଥିରେ ପରୀକ୍ଷା ପରିଚାଳନାର ପ୍ରତିଟି କ୍ଷେତ୍ର- ପ୍ରଶ୍ନପତ୍ର ମୁଦ୍ରଣ, ପରିବହନ, ପରୀକ୍ଷାର୍ଥୀଙ୍କ ପରିଚୟପତ୍ର ପ୍ରମାଣ, ପରୀକ୍ଷାକେନ୍ଦ୍ରର ପରିଚାଳନା ଓ ଅଭିଯୋଗର ପ୍ରତିକାର – ଏହି ସମସ୍ତ କ୍ଷେତ୍ରରେ ଥିବା ଦୋଷ ଦୁର୍ବଳତା ଚିହ୍ନଟ କରାଯାଇ ଜାତୀୟ ପରୀକ୍ଷା ସଂସ୍ଥାର ସାଂଗଠନିକ କ୍ଷମତାକୁ ସୁଦୃଢ଼ କରିବା ନିମନ୍ତେ ସମୁଦାୟ ୧୦୧ଟି ପରାମର୍ଶ ଦିଆଯାଇଥିଲା । ଅନେକ କ୍ଷେତ୍ରରେ କମିଟିର ସୁପାରିଶଗୁଡ଼ିକ କାର୍ଯ୍ୟକ୍ଷମ ହେଉ ନ ଥିବାରୁ, ରିପୋର୍ଟରେ ଏକ ଉଚ୍ଚ କ୍ଷମତାସଂପନ୍ନ ପରିଚାଳନା କମିଟି ଅଧୀନରେ ସୁପାରିଶର ଅଗ୍ରଗତି ସମୀକ୍ଷା ପାଇଁ ପରାମର୍ଶ ଦିଆ ଯାଇଥିଲା । ସରକାର ତାହାକୁ ଗ୍ରହଣ କରି ଡ.କେ.ରାଧାକୃଷ୍ଣନଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସଂପନ୍ନ ପରିଚାଳନା କମିଟି ଗଠନ କରିଥିଲେ ।


**ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ:** ଜାତୀୟ ପରୀକ୍ଷା ଏଜେନ୍ସିକୁ ଭାଙ୍ଗି ପାର୍ଲାମେଣ୍ଟରେ ଆଇନ ପ୍ରଣୟନ ଦ୍ୱାରା ନୂତନ ସଂସ୍ଥା ଗଠନ କରି ସମସ୍ତ ପରୀକ୍ଷା ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରିବା ସହ କେ.ରାଧାକୃଷ୍ଣନ କମିଟିର ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ସଂସ୍ଥା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ମାମଲାର ଶୁଣାଣୀ ସମୟରେ ଉଚ୍ଚତମ ନ୍ୟାୟାଳୟ ଡ.ରାଧାକୃଷ୍ଣନଙ୍କୁ ବ୍ୟକ୍ତିଗତ ଭାବେ ଏକ ଶପଥପତ୍ର ଦାଖଲ କରି ତାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ଦିଆ ଯାଇଥିବା ସୁପାରିଶଗୁଡ଼ିକର କାର୍ଯ୍ୟାନ୍ୱୟନର ସ୍ଥିତି ସଂପର୍କରେ ନ୍ୟାୟାଳୟକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ଦେଲେ । ସାଧାରଣତଃ ନ୍ୟାୟାଳୟ , ସରକାରଙ୍କ ଠାରୁ ସ୍ଥିତି ରିପୋର୍ଟ ଆହ୍ୱାନ କରିଥାନ୍ତି, କିନ୍ତୁ ବିରଳ ପଦକ୍ଷେପ ଭାବେ କମିଟିର ଅଧ୍ୟକ୍ଷଙ୍କ ଠାରୁ ପୂର୍ଣ୍ଣାଙ୍ଗ ସ୍ଥିତି ଜାଣିବାକୁ ଚାହିଁଲେ । ଡ.ରାଧାକୃଷ୍ଣନଙ୍କ ସତ୍ୟପାଠରେ ଉଲ୍ଲେଖ ଅଛି- 'ପ୍ରାୟ ୬୦ଟି ମଧ୍ୟରୁ ଅଧିକାଂଶ ସୁପାରିଶର କାର୍ଯ୍ୟ ପ୍ରକ୍ରିୟା ସମାପ୍ତ ହୋଇସାରିଛି ଏବଂ ଅବଶିଷ୍ଟ ପ୍ରକ୍ରିୟାଧୀନ ରହିଛି ।'

'ଅଧିକାଂଶ ସୁପାରିଶର କାର୍ଯ୍ୟ ପ୍ରକ୍ରିୟା ସମାପ୍ତ ହୋଇ ସାରିଛି' ଏହି ଦାବି ଉପରେ ନ୍ୟାୟାଳୟ ପ୍ରଶ୍ନ କରିଥିଲେ- 'ଏହା ସତ୍ତ୍ୱେ ୨୦୨୬ ମସିହାରେ ପ୍ରଶ୍ନପତ୍ର ପ୍ରଘଟ ହେଲା କିପରି? ଏହି କ୍ଷେତ୍ରରେ ଦୁଇଟି ସମ୍ଭାବନା ମଧ୍ୟରୁ ଗୋଟିଏ ସତ୍ୟ ହୋଇଥିବ – କମିଟିର ସୁପାରିଶ ତ୍ରୁଟିପୂର୍ଣ୍ଣ ଥିଲା ଅଥବା ସେଗୁଡ଼ିକ କାର୍ଯ୍ୟକାରୀ କରିବାରେ ପ୍ରଭାବଶାଳୀ ନୀରିକ୍ଷଣ କରାଯାଇ ନଥିଲା।' ଲୋକସେବା ଆୟୋଗର କାର୍ଯ୍ୟପଦ୍ଧତିକୁ ପ୍ରଶଂସା କରି ନ୍ୟାୟାଳୟ ମତ ରଖିଥିଲେ – 'ଏତେ ବର୍ଷ ମଧ୍ୟରେ ପ୍ରଶାସନିକ ସେବା ପରୀକ୍ଷାରେ ଆଦୌ ତ୍ରୁଟି ପରିଲକ୍ଷିତ ହୋଇନଥିବାବେଳେ, ଏନଟିଏ ଦ୍ୱାରା ଆୟୋଜିତ ପରୀକ୍ଷାରେ ସାଂଘାତିକ ବ୍ୟତିକ୍ରମ କାହିଁକି ?' ନ୍ୟାୟାଳୟ ଦେଶବାସୀଙ୍କର ମନର ପ୍ରଶ୍ନ ପଚାରିଛନ୍ତି । ଏବେ ନିଲେକାନି କମିଟି ରିପୋର୍ଟକୁ ଅପେକ୍ଷା ରହିଲା। ଆଶା କରାଯାଏ, ଏହି ଦୁଇଟି କମିଟି ରିପୋର୍ଟର ସମନ୍ୱୟରେ ସମସ୍ତ ସମସ୍ୟାର ସମାଧାନ ସମ୍ଭବ ହେବ । ସରକାର ଆଉ ଦେଶବାସୀଙ୍କର ଧୈର୍ଯ୍ୟର ପରୀକ୍ଷା କରନ୍ତୁ ନାହିଁ ।

**'ଅଧିକାଂଶ ସୁପାରିଶର କାର୍ଯ୍ୟ ପ୍ରକ୍ରିୟା ସମାପ୍ତ ହୋଇ ସାରିଛି' ଏହି ଦାବି ଉପରେ ନ୍ୟାୟାଳୟ ପ୍ରଶ୍ନ କରିଥିଲେ- 'ଏହା ସତ୍ତ୍ୱେ ୨୦୨୬ ମସିହାରେ ପ୍ରଶ୍ନପତ୍ର ପ୍ରଘଟ ହେଲା କିପରି? ଏହି କ୍ଷେତ୍ରରେ ଦୁଇଟି ସମ୍ଭାବନା ମଧ୍ୟରୁ ଗୋଟିଏ ସତ୍ୟ ହୋଇଥିବ – କମିଟିର ସୁପାରିଶ ତ୍ରୁଟିପୂର୍ଣ୍ଣ ଥିଲା ଅଥବା ସେଗୁଡ଼ିକ କାର୍ଯ୍ୟକାରୀ କରିବାରେ ପ୍ରଭାବଶାଳୀ ନୀରିକ୍ଷଣ କରାଯାଇ ନଥିଲା।' ଲୋକସେବା ଆୟୋଗର କାର୍ଯ୍ୟପଦ୍ଧତିକୁ ପ୍ରଶଂସା କରି ନ୍ୟାୟାଳୟ ମତ ରଖିଥିଲେ – 'ଏତେ ବର୍ଷ ମଧ୍ୟରେ ପ୍ରଶାସନିକ ସେବା ପରୀକ୍ଷାରେ ଆଦୌ ତ୍ରୁଟି ପରିଲକ୍ଷିତ ହୋଇନଥିବାବେଳେ, ଏନଟିଏ ଦ୍ୱାରା ଆୟୋଜିତ ପରୀକ୍ଷାରେ ସାଂଘାତିକ ବ୍ୟତିକ୍ରମ କାହିଁକି ?' ନ୍ୟାୟାଳୟ ଦେଶବାସୀଙ୍କର ମନର ପ୍ରଶ୍ନ ପଚାରିଛନ୍ତି । ଏବେ ନିଲେକାନି କମିଟି ରିପୋର୍ଟକୁ ଅପେକ୍ଷା ରହିଲା। ଆଶା କରାଯାଏ, ଏହି ଦୁଇଟି କମିଟି ରିପୋର୍ଟର ସମନ୍ୱୟରେ ସମସ୍ତ ସମସ୍ୟାର ସମାଧାନ ସମ୍ଭବ ହେବ । ସରକାର ଆଉ ଦେଶବାସୀଙ୍କର ଧୈର୍ଯ୍ୟର ପରୀକ୍ଷା କରନ୍ତୁ ନାହିଁ ।**

**ଭଦ୍ରାଣୀ, ସାଳନ୍ଦୀ ନଗର,**
**ଭଦ୍ରକ-୭୫୬୧୦୦**
**ମୋ-୯୪୩୭୧୯୧୩୫୦**
email-saiabhay19@gmail.com

# ଅଦୃଶ୍ୟ ବେଦନାର ଦାର୍ଶନିକ ଅନ୍ୱେଷଣ



ଡା. ରାଜାରାମ ଷଡ଼ଙ୍ଗୀ

ପୃଥିବୀର ସଭ୍ୟତା ମଣିଷକୁ ପ୍ରାୟ ସବୁକିଛି ମାପିବାର କଳା ଶିଖାଇଛି । ଆମେ ପୃଥିବୀର ବ୍ୟାସାର୍ଦ୍ଧ ମାପିଛୁ, ସମୁଦ୍ରର ଗଭୀରତା ମାପିଛୁ, ଆଲୋକର ବେଗ ନିର୍ଣ୍ଣୟ କରିଛୁ, ପରମାଣୁର ଭାରଠାରୁ ଆରମ୍ଭ କରି ଗ୍ରହ-ନକ୍ଷତ୍ରର ଓଜନ ପର୍ଯ୍ୟନ୍ତ ହିସାବ ରଖିଛୁ । କିନ୍ତୁ ଯେଉଁ କ୍ଷେତ୍ରରେ ମଣିଷ ଆଜି ମଧ୍ୟ ନିରୁପାୟ, ସେ ହେଉଛି ବେଦନାର ପରିମାପ ।

କୌଣସି ତରାଜୁ ନାହିଁ ଯାହା ଅବହେଳାର ଭାର ମାପି ପାରିବ । କୌଣସି ଯନ୍ତ୍ର ନାହିଁ ଯାହା ବିଶ୍ୱାସଘାତର ଘନତାକୁ ନିର୍ଣ୍ଣୟ କରିପାରିବ, କୌଣସି ସୂତ୍ର ନାହିଁ ଯାହା ଏକ ନିରବ ଲୁହର ମୂଲ୍ୟକୁ ଗଣନା କରିପାରିବ । ସେଥିପାଇଁ ବୋଧହୁଏ କୁହାଯାଏ, କଷ୍ଟର କୌଣସି ଓଜନ ନାହିଁ, କିନ୍ତୁ ତାହାକୁ ବୋହିବା ପୃଥିବୀର ସବୁଠାରୁ କଠିନ କାର୍ଯ୍ୟ ।

ଜୀବନର ସବୁଠାରୁ ଭାରୀ ବୋଝ କାନ୍ଧରେ ନୁହେଁ, ବିବେକରେ ରହେ । ଶରୀରରେ ବୋହିଥିବା ଭାର ଦିନକ ମଧ୍ୟରେ ତଳେ ରଖି ଦିଆ ଯାଇପାରେ, କିନ୍ତୁ ମନରେ ଜମିଥିବା ଯନ୍ତ୍ରଣାକୁ କେଉଁଠି ରଖିବେ ? ଦିନ ଶେଷରେ ଶ୍ରମିକ ତା'ର ଯନ୍ତ୍ରପାତିକୁ ତଳେ ରଖି ଘରକୁ ଫେରିପାରେ, କିନ୍ତୁ ଯେଉଁ ମଣିଷ ସାରାଦିନ ଅପମାନ, ଏକାକୀପଣ ଓ ନୀରବ ଅବହେଳାକୁ ବୋହି ଚାଲିଥାଏ, ସେ ରାତିରେ ମଧ୍ୟ ସେହି ବୋଝକୁ ଛାଡ଼ିପାରେ ନାହିଁ ।

ଆମ ସମାଜର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ଆମେ ଦୃଶ୍ୟମାନ ଘା' ପାଇଁ ଔଷଧ ଖୋଜୁଛୁ, କିନ୍ତୁ ଅଦୃଶ୍ୟ ଘା'କୁ ଅବହେଳା କରୁଛୁ । ଭଙ୍ଗା ହାତ ଦେଖି ଆମେ ସହାନୁଭୂତି ଦେଖାଉଛୁ, କିନ୍ତୁ ଭଙ୍ଗା ମନକୁ କହୁଛୁ ସମୟ ସବୁ ଠିକ୍ କରିଦେବ । ଯେତେବେଳେ ସମୟ ସବୁବେଳେ ଆରୋଗ୍ୟ କରେ ନାହିଁ ଅନେକ ସମୟରେ ସମୟ କେବଳ ବେଦନାକୁ ନୀରବତାର ଆବରଣ ପିନ୍ଧାଇ ଦିଏ ।

ମହାଭାରତର କର୍ଣ୍ଣଙ୍କୁ ଆମେ ତାଙ୍କର ପରାକ୍ରମ ପାଇଁ ସ୍ମରଣ କରୁଛୁ, କିନ୍ତୁ ତାଙ୍କ ଜୀବନର ପ୍ରକୃତ ବେଦନା ଥିଲା ସାମାଜିକ ପରିଚୟର ଅଭାବ । ରାମାୟଣରେ ସୀତାଙ୍କ ବନବାସ କେବଳ ଜଙ୍ଗଲର ଯାତ୍ରା ନୁହେଁ ସେ ଥିଲା ସମାଜରେ ସନ୍ଦେହର ଭାର ବୋହିବାର ଅନନ୍ତ ଯାତ୍ରା । ଗୌତମ ବୁଦ୍ଧ ରାଜପ୍ରାସାଦ ଛାଡ଼ିଥିଲେ ଦୁଃଖର ଉତ୍ତର ଖୋଜିବା ପାଇଁ । ଏହି ତିନୋଟି ଜୀବନ ଆମକୁ ଏକ ସତ୍ୟ ଶିଖାଏ ଯେ,ବାହ୍ୟ ଭାରଠାରୁ ଅନ୍ତରର ଭାର ଅଧିକ ଅସହ୍ୟ ।

ଆଜିର ଡିଜିଟାଲ୍ ଯୁଗରେ ଏହି କଷ୍ଟ ଆହୁରି ନିରବ ହୋଇପଡ଼ିଛି । ସାମାଜିକ ଗଣମାଧ୍ୟମରେ ଆମେ ହସୁଥିବା ମୁହଁ, ସଫଳତାର ଛବି ଓ ଉତ୍ସବର ଦୃଶ୍ୟ ଦେଖୁଛୁ । କିନ୍ତୁ ସେହି ହସର ଅନ୍ତରାଳରେ କେତେ ନିଦ୍ରାହୀନ ରାତି, କେତେ ଅପୂର୍ଣ୍ଣ ସ୍ୱପ୍ନ, କେତେ ଅବ୍ୟକ୍ତ କାନ୍ଦଣା ଲୁଚି ରହିଛି, ତାହା କୌଣସି ପରଦା ଦେଖାଏ ନାହିଁ । ମଣିଷ ଆଜି ନିଜର ସଫଳତାକୁ ପ୍ରକାଶ କରିବାରେ ବ୍ୟସ୍ତ, କିନ୍ତୁ ନିଜର ଯନ୍ତ୍ରଣାକୁ ଲୁଚାଇବାରେ ଆହୁରି ବ୍ୟସ୍ତ ।

ସମାଜର ସଭ୍ୟତାର ପ୍ରକୃତ ପରୀକ୍ଷା ଅଟ୍ଟାଳିକାର ଉଚ୍ଚତାରେ ନୁହେଁ, ବରଂ ସେ ଅନ୍ୟର ନୀରବ ବେଦନାକୁ କେତେ ଅନୁଭବ କରିପାରୁଛି ସେଥିରେ ରହିଛି । ଯେଉଁ ସମାଜରେ ସହାନୁଭୂତି କମିଯାଏ, ସେଠାରେ ପ୍ରଯୁକ୍ତି ବଢ଼ିପାରେ, କିନ୍ତୁ ମାନବିକତା କ୍ଷୀଣ ହୁଏ । ଆମେ ମଣିଷକୁ ତାଙ୍କ ସଫଳତାରେ ନୁହେଁ, ତାଙ୍କ ସଂଘର୍ଷରେ ବୁଝିବାକୁ ଶିଖିବା ଉଚିତ ।

ଜୀବନର ଏକ ବିଚିତ୍ର ସତ୍ୟ ହେଉଛି ଯେଉଁମାନେ ସବୁଠାରୁ ଅଧିକ କଷ୍ଟ ବୁହନ୍ତି, ସେମାନେ ହିଁ ଅନ୍ୟକୁ ସବୁଠାରୁ ଅଧିକ ସାହସ ଦିଅନ୍ତି । ଯେଉଁମାନେ ଭିତରେ ଭାଙ୍ଗି ପଡ଼ିଛନ୍ତି, ସେମାନେ ବାହାରେ ଅନ୍ୟକୁ ଧରି ରଖନ୍ତି । ଏହି ନୀରବ ମହାନତାର କୌଣସି ପୁରସ୍କାର ନାହିଁ, କୌଣସି ସମ୍ବାଦ ଶୀର୍ଷକ ନାହିଁ କିନ୍ତୁ ଏହା ହିଁ ମାନବ ସଭ୍ୟତାର ସବୁଠାରୁ ବଡ଼ ଶକ୍ତି । ତେଣୁ, ଆମେ କାହାକୁ ବିଚାର କରିବା ପୂର୍ବରୁ ଥରେ ଭାବିବା ଉଚିତ ଯେ,ସେ ହୁଏତ ଏମିତି ଏକ ଯୁଦ୍ଧ ଲଢୁଛି, ଯାହା ଆମ ଆଖିକୁ ଦେଖାଯାଏ ନାହିଁ ।

ଏକ ସ୍ନେହପୂର୍ଣ୍ଣ କଥା, ଏକ ସମ୍ମାନଭରା ବ୍ୟବହାର କିମ୍ବା ଏକ ସହୃଦୟ ସ୍ପର୍ଶ, ହୁଏତ କାହାର ଅଦୃଶ୍ୟ ବୋଝକୁ କିଛିଟା ହାଲୁକା କରିଦେବ ।

ଶେଷରେ ଏତିକି କହିହେବ କଷ୍ଟର କୌଣସି ଓଜନ ନାହିଁ, କିନ୍ତୁ ସେହି କଷ୍ଟକୁ ନେଇ ଯିଏ ଜୀବନର ପଥ ଚାଲିଯାଏ, ସେହି ହିଁ ପ୍ରକୃତ ଅର୍ଥରେ ମଣିଷ । କାରଣ ମଣିଷର ମହତ୍ତ୍ୱ ତା'ର ସୁଖରେ ନୁହେଁ ବରଂ ନୀରବ ବେଦନାକୁ ମର୍ଯ୍ୟାଦାର ସହ ବୋହି ମଧ୍ୟ ମାନବିକତାକୁ ବଞ୍ଚାଇ ରଖିବାର କ୍ଷମତାରେ ନିହିତ ।

**ମହାଭାରତର କର୍ଣ୍ଣଙ୍କୁ ଆମେ ତାଙ୍କର ପରାକ୍ରମ ପାଇଁ ସ୍ମରଣ କରୁଛୁ, କିନ୍ତୁ ତାଙ୍କ ଜୀବନର ପ୍ରକୃତ ବେଦନା ଥିଲା ସାମାଜିକ ପରିଚୟର ଅଭାବ । ରାମାୟଣରେ ସୀତାଙ୍କ ବନବାସ କେବଳ ଜଙ୍ଗଲର ଯାତ୍ରା ନୁହେଁ ସେ ଥିଲା ସମାଜରେ ସନ୍ଦେହର ଭାର ବୋହିବାର ଅନନ୍ତ ଯାତ୍ରା । ଗୌତମ ବୁଦ୍ଧ ରାଜପ୍ରାସାଦ ଛାଡ଼ିଥିଲେ ଦୁଃଖର ଉତ୍ତର ଖୋଜିବା ପାଇଁ । ଏହି ତିନୋଟି ଜୀବନ ଆମକୁ ଏକ ସତ୍ୟ ଶିଖାଏ ଯେ,ବାହ୍ୟ ଭାରଠାରୁ ଅନ୍ତରର ଭାର ଅଧିକ ଅସହ୍ୟ ।**

**ପଡିଆବାହାଲ, ସମ୍ବଲପୁର**
**ମୋ-୯୪୩୭୪୦୫୪୫୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବନ୍ୟାରେ...

ବନ୍ୟାରେ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକର ୯୭ଟି ପଞ୍ଚାୟତ, ୪୫୩ଟି ଗାଁ ଓ ୨ଟି ପୌରାଞ୍ଚଳର ୨ ଲକ୍ଷ ୩ ହଜାର ୮୭୮ ଜଣ ପ୍ରଭାବିତ ହୋଇଛନ୍ତି । ଭଦ୍ରକର ୪ଟି ବ୍ଲକ, ୩୯ଟି ପଞ୍ଚାୟତ, ୧୩୪ଟି ଗାଁର ୧ ଲକ୍ଷ ୯୬ ହଜାର ୨୪୦ ଜଣ ପ୍ରଭାବିତ ହୋଇଥିବା ବେଳେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ, ୧୧୭ଟି ପଞ୍ଚାୟତ, ୨୭୦ଟି ଗାଁର ୨ ଲକ୍ଷ ୨ ହଜାର ୬୭୨ ଜଣ ପ୍ରଭାବିତ ହୋଇଥିଲେ ।

ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକ, ୬୩ଟି ପଞ୍ଚାୟତ, ୧୩୪ଟି ଗାଁର ୧ ଲକ୍ଷ ୪୩ ହଜାର ୭୧୫ ଜଣ ପ୍ରଭାବିତ ହୋଇଛନ୍ତି। କେନ୍ଦୁଝରରର ୧୩ଟି ବ୍ଲକ, ୭୮ଟି ପଞ୍ଚାୟତ, ୧୮୭ଟି ଗାଁର ୧୧,୯୫୩ ଜଣ, ମୟୂରଭଞ୍ଜ ଜିଲ୍ଲାର ୨୨ଟି ବ୍ଲକ୍, ୫୪ଟି ପଞ୍ଚାୟତ, ୧୨୬ଟି ଗାଁର ୨୬ ହଜାର ୭୪୧ ଜଣ ପ୍ରଭାବିତ ହୋଇଛନ୍ତି। ମୋଟ୍ ୬୬ଟି ବ୍ଲକର ୪୪୮ଟି ପଞ୍ଚାୟତ, ୧୩୦୪ଟି ଗାଁ, ୧୦ଟି ପୌରାଞ୍ଚଳ, ୬୪ ୱାର୍ଡର ୭ ଲକ୍ଷ ୮୫ ହଜାର ୧୯୯ ଜଣ ପ୍ରଭାବିତ ହୋଇଛନ୍ତି । ବନ୍ୟା କ୍ଷତିଗ୍ରସ୍ତଙ୍କୁ ମଧ୍ୟରୁ ୨ ଲକ୍ଷ ୭୭ ହଜାର ୬୫୫ ଜଣଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତରିତ କରାଯାଇଛି ।

ଅବପାତ ପ୍ରଭାବରେ ସୋମବାର ସକାଳ ୮.୩୦ ସୁଦ୍ଧା ବାଲେଶ୍ୱରର ଭୋଗରାଇ ଠାରେ ସର୍ବାଧିକ ୨୧୭ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆରେ ୧୬୪ ମିମି, କୁସୁମିରେ ୧୪୪ ମିମି, କପ୍ତିପଦାରେ ୧୩୮ ମିମି, ଜସିପୁରରେ ୧୩୫ ମିମି, ସୁକ୍ରୁଲିରେ ୧୩୪ ମିମି, ରରୌଣାରେ ୧୩୦ ମିମି, ଉଦାଳାରେ ୧୨୫ ମିମି, କେନ୍ଦୁଝର ଜିଲ୍ଲାର ଚମ୍ପୁଆରେ ୧୨୧ ମିମି, ସମ୍ବଲପୁର ଜିଲ୍ଲାର ବଟଗାଁରେ ୧୨୦ ମିମି, ବେତନଟୀ ଓ ବାଲିମୁଣ୍ଡଳିରେ ୧୧୩ ମିମି, ବାଲେଶ୍ୱରର ଜୟପୁର ଓ ଜଳେଶ୍ୱରରେ ୧୧୨ ମିମି, ବାଲେଶ୍ୱରରେ ୧୦୮ ମିମି, ବାରିପଦାରେ ୧୦୭ ମିମି, ଦେବଗାଁରେ ୧୦୪ ମିମି ବର୍ଷା ରେକର୍ଡ କରାଯାଇଛି ।

ଆସନ୍ତାକାଲି (ମଙ୍ଗଳବାର) ପାଇଁ ସୁନ୍ଦରଗଡ଼, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ହୋଇପାରେ। ଏହି ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାର ପ୍ରବଳ ବର୍ଷା ହେବାର ସମ୍ଭାବନା ହୋଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ କେତେକ ଜିଲ୍ଲାରେ ବର୍ଷ ଜାରି ରହିବାରେ ସମ୍ଭାବନା ଅଛି ।

## ବନ୍ୟାଞ୍ଚଳରେ...

ଯାଇ ଯାଜପୁର ଜିଲ୍ଲାର ଧର୍ମଶାଳାରେ ପହଞ୍ଚିଥିଲେ। କ୍ଷେତ୍ରସ୍ତରରେ ଉପସ୍ଥିତ ରହି ସ୍ଥାନୀୟ ପ୍ରଶାସନ କରୁଥିବା ଉଦ୍ଧାର କାର୍ଯ୍ୟର ତଦାରଖ କରିଛନ୍ତି। ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଛନ୍ତି ବିପନ୍ନଙ୍କ ନିକଟରେ ତୁରନ୍ତ ରିଲିଫ, ସ୍ୱାସ୍ଥ୍ୟସେବା ଓ ଜରୁରୀ ଯୋଗାଣ ପହଞ୍ଚାଇବା ସହ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ସେହିଭଳି ଦଶରଥପୁର ଅନ୍ତର୍ଗତ କସପା ପଞ୍ଚାୟତ ଓ ତରପଡା ପଞ୍ଚାୟତ ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ବୁଲିଛନ୍ତି । ରାମଚନ୍ଦ୍ରପୁର, ବାଲଦା, ଦୋଭାବିବ ଗ୍ରାମରେ ଲୋକଙ୍କ ସହ ଆଲୋଚନା କରିଛନ୍ତି । ତରପଡା ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ରିଲିଫ ଖାଦ୍ୟର ତଦାରଖ କରିଛନ୍ତି । ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି । ଇଶାନ୍ତପୁର, ଶ୍ୟାମସୁନ୍ଦରପୁର, ବାଲିଘାଇ, କସପା ଆଦି ନିକଟ ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଧାମନଗରପୁର ନିର୍ବାଚନ ମଣ୍ଡଳୀ ଓ ତିହିଡି ଗସ୍ତ କରିଛନ୍ତି । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତରେ ସାମିଲ ହୋଇଛନ୍ତି । ସ୍ଥାନୀୟ ଜିଲ୍ଲା ପ୍ରଶାସନର ଅଧିକାରୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଛନ୍ତି ।

## ବୈତରଣୀରେ...

ମିଲିମିଟର ବର୍ଷା ହୋଇଥିବା ବେଳେ,ଆନନ୍ଦପୁର ଠାରେ ୩୮.୮ ମିଲିମିଟର, ଆଖୁଆପଦା ଠାରେ ୨୯.୮ ମିଲିମିଟର,ସୋମପାଟଣା ଠାରେ ୯୭.୪ ମିଲିମିଟର ଓ ଚମ୍ପୁଆ ଠାରେ ସର୍ବାଧିକ ୧୨୧.୪ମିଲିମିଟର ବର୍ଷା ହୋଇଥିବାର ରେକର୍ଡ କରାଯାଇଛି । ବୈତରଣୀ ନଦୀର ଆଖୁଆପଦା ଠାରେ ବନ୍ୟାଜଳ ବିପଦ ସଙ୍କେତର ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ସେଠାରେ ସତର୍କ ସଙ୍କେତ ୧୭.୮୩ ମିଟର ଥିବାବେଳେ ବିପଦ ସଙ୍କେତ ହେଉଛି ୧୮.୩୩ ମିଟର । ସୋମବାର ଦିନ ୧୦ଟା ୨୬ମିନିଟରେ ବନ୍ୟାଜଳ ବିପଦ ସଙ୍କେତ ଅତିକ୍ରମ କରିଥିବାବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତର ଉର୍ଦ୍ଧ୍ୱରେ ଅର୍ଥାତ ୧୯.୦୭ ମିଟରରେ ପ୍ରବାହିତ ହେଉଛି । ଏହା କ୍ରମଶଃ ବୃଦ୍ଧି ପାଉଥିବା ଧାମନଗର ଜଳସଂପଦ ବିଭାଗରୁ ସୂଚନା ମିଳିଛି । ବୈତରଣୀ ନଦୀର ତୃତୀୟ ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡି ନଥିବାବେଳେ ପୁଣି ଏକ ବନ୍ୟା ତଳିଆ ଅଂଚଳର ଲୋକଙ୍କୁ ଭୟଭୀତ କରିଛି । ଧାମନଗର ବ୍ଲକର ହଜାର ହଜାର ହେକଟର ଚାଷ ଜମି ବନ୍ୟା ପାଣିରେ ବୁଡି ରହିଥିବାବେଳେ ଲଗାତାର ବନ୍ୟା ଏବର୍ଷ ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଧାମନଗର ଅଂଚଳର ବହୁ ଗ୍ରାମ ଏବେବି ପାଣିଘେରରେ ରହିଛି । ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଅହରହ ବନ୍ୟାଂଚଳ ଗସ୍ତ କରି ବନ୍ୟା ପରିସ୍ଥିତିର ମୁକାବିଲା କରୁଛନ୍ତି । ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୬୫ମି.ମି. ବର୍ଷା ହୋଇଛି । ଜଳସ୍ତର ଘଣ୍ଟାପ୍ରତି ୭ ମି.ମି. ବେଗରେ ବୃଦ୍ଧି ପାଉଛି । କଣ୍ଟିଘାଇରେ ୭ଫୁଟ ଉଚ୍ଚତାର ବନ୍ୟାଜଳ ବ୍ୟାପକ ଭାବେ ଜନବସତିକୁ ପ୍ରବାହିତ ହୋଇ ୫ଟି ପଞ୍ଚାୟତକୁ ବୁଡାଇ ଦେଇଛି । ଏହିସବୁ ପଞ୍ଚାୟତର ପ୍ରାୟ ୬୨ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି । ହଜାର ହଜାର ହେକଟର ଚାଷଜମି ବନ୍ୟାଜଳରେ ବୁଡି ରହିଛି । ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତରାସ୍ତା,ବନ୍ଦାଳୋ ଗ୍ରାମ୍ୟ ଉନ୍ନୟନ ରାସ୍ତା ଆଦି ବନ୍ୟାଜଳରେ ବୁଡି ରହି ଯାତାୟାତ ବାଧାପ୍ରାପ୍ତ ହୋଇଛି ।

## ଛାତ୍ରଙ୍କ...

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଚିଠି ଲେଖିଥିଲେ। ଝାଡ଼ଖଣ୍ଡରେ ଜେପିଏସସି ଓ ଜେଏସଏସସି-ସିଜେଏଲ ପରୀକ୍ଷାରେ ହୋଇଥିବା ଅନୀୟ ମିତତାକୁ ନେଇ ୨୪ ଦିନ ହେଲାଣି ଝାଡ଼ଖଣ୍ଡରେ ପ୍ରତିବାଦ ଚାଲିଛି । ରାହୁଲ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଝାଡ଼ଖଣ୍ଡ ସରକାର ପ୍ରତିବାଦକାରୀଙ୍କ ସହ ଆଲୋଚନା କରନ୍ତୁ । କଂଗ୍ରେସ ଦଳ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଶାନ୍ତିପୂର୍ଣ୍ଣ ପ୍ରତିବାଦ ହେଉଛି ଅଧିକାର ବୋଲି ବିଶ୍ୱାସ କରେ। ଏହା ଗଣତନ୍ତ୍ରର ଏକ ପ୍ରମୁଖ ସ୍ତମ୍ଭ । ଆମେ ପ୍ରଶ୍ନପତ୍ର ଲିକ୍ ଓ ଶିକ୍ଷା ବ୍ୟବସ୍ଥାରେ ହୋଇଥିବା ଅନୀୟ ମିତତାକୁ ନେଇ ଚାଲିଥିବା ଛାତ୍ର ଆନ୍ଦୋଳନକୁ ସମର୍ଥନ କରୁଛୁ । ତେବେ ଝାଡ଼ଖଣ୍ଡ ସରକାର ଛାତ୍ରମାନଙ୍କ ସହ ଆଲୋଚନା କରିଥିବାରୁ ଆମେ ଏହାକୁ ସମର୍ଥନ କରୁଛୁ । ମୋର ବିଶ୍ୱାସ ଯେ ପ୍ରତିବାଦକାରୀଙ୍କ ପକ୍ଷରୁ ଯେଉଁ ଦାବି ଉଠିଛି ତାହା ସମ୍ପର୍କରେ ଚୁକ୍ତି କରାଯାଉଛି । କେତେକ ଛାତ୍ର ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନସନରେ ଅଛନ୍ତି । ମୋର ପ୍ରସ୍ତାବ ହେଉଛି ଯେ, ବ୍ୟକ୍ତିଗତ ଭାବେ ପ୍ରତିବାଦକାରୀ ଛାତ୍ରଙ୍କ ପ୍ରତିନିଧି ସହ ବ୍ୟକ୍ତିଗତ ଭାବେ ସାକ୍ଷାତ କରନ୍ତୁ । ସରକାର ସେମାନଙ୍କ ସମାଧାନକୁ ସମାଧାନ କରିବା ପାଇଁ ପ୍ରତିବାଦ ଆଣନ୍ତୁ । ଯୁବକମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ ଓ ସମ୍ପତ୍ତି । ଏହି ସଙ୍କଟ ସମୟରେ ଆମେ ସେମାନଙ୍କୁ ସହୃଦୟତାର ସହ ଆଲୋଚନା କରିବା ଓ ସମର୍ଥନ ଦେବା । ସୂଚନା ଯୋଗ୍ୟ ଝାଡ଼ଖଣ୍ଡରେ ଜେଏମଏମ ସହ କଂଗ୍ରେସ ମିଳିତ ଭାବେ ସରକାର ଗଠନ କରିଛି । ଏହାଛଡା ରାହୁଲ ତାଙ୍କ ଚିଠିରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ପ୍ରସ୍ତାବ ରଖିଛନ୍ତି ।

## ଇଡି...

କାର୍ଯ୍ୟାନୁଷ୍ଠାନ ନକରିବାକୁ କହିଛନ୍ତି । ଏହି ମାମଲାଟି ଅଗଷ୍ଟ ୨୦ ତାରିଖରେ ଆହ୍ଲାବାଦ ହାଇକୋର୍ଟର ତାଲିକାଭୁକ୍ତ ହୋଇଥିଲା । ବରିଷ୍ଠ ଆଇନଜୀବୀ କପିଲ ଶିବଲଙ୍କ ରାହୁଲଙ୍କ ପକ୍ଷ ରଖି କହିଥିଲେ ଯେ, ଆବେଦନକାରୀ ଏସ ବିଗ୍ନୀସିସିର ତାଙ୍କର ବିଶ୍ୱସ ନିୟତାକୁ ନେଇ କୌଣସି ତଥ୍ୟ ପ୍ରଘଟ କରିନାହାନ୍ତି । ଯାହା ଆଇନ ସମ୍ପର୍କରେ ଅଜ୍ଞ ବୋଲି ଦର୍ଶାଉଛି । ଏହା ଏକ ଉଦ୍ଦେଶ୍ୟମୂଳକ ଘଟଣା ବୋଲି ଯାହାକୁ ଆଇନ ସ୍ୱୀକୃତୀ ଦିଏ ନାହିଁ । ଏହାଛଡା ସିବିଆଇ ଗୁରୁତ୍ୱପୂର୍ଣ୍ଣ ମଧ ପ୍ରଶ୍ନ ଉଠାଉଛନ୍ତି । ସିବିଆଇ ଓ ଇଡି ପକ୍ଷରୁ ଅତିରିକ୍ତ ସଲିସେଟର ଜେନେରାଲ ପକ୍ଷ ରଖିଥିଲେ । ସେ କହିଥିଲେ ଯେ, ସିବିଆଇ ଓ ଇଡି ଏଥିରେ କୌଣସି ଭୂମିକା ନାହିଁ । ଯଦି ଅଭିଯୋଗକାରୀ ଧତବ୍ୟ ଅପରାଧୀ ଦର୍ଶାଇଛନ୍ତି ଯେ, ଏହା ଗୁରୁତର । ଯାହା ପ୍ରକୃତ ନ୍ୟାୟ ମୂଳନୀତି । ଜଷ୍ଟିସ ବାଗଚୀ ତଦନ୍ତକାରୀ ସଂସ୍ଥା ଉପରେ ପ୍ରଶ୍ନ ଉଠାଇ କହିଥିଲେ ଯେ ଯଦି ଏହା ଅତ୍ୟନ୍ତ ଗୁରୁତର ତାହା ହେଲେ ସଂସ୍ଥା ଗୁଡିକ ନୀରବ କାହିଁକି ରହିଥିଲେ । ସେମାନେ କଣ କୋର୍ଟର ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ କି ? ଆଉ କାହିଁକି ପଦକ୍ଷେପ ନେଲେ ନାହିଁ । ସୁପ୍ରିମକୋର୍ଟ କହିଥିଲେ ଯେକୌଣସି ବ୍ୟକ୍ତି ବିରୋଧରେ ଆଦେଶ ଦେବା କାରଣରୁ ସୁଯୋଗ ଦେବା ନାଗରିକ ନ୍ୟାୟର ମୌଳିକ ନିୟମ ଯାହା କରାଯିବ ଉଚିତ ।

## ସାର...

ଏଭଳି କସରତ କରିବା ସମସ୍ତଙ୍କୁ ବ୍ୟଥିତ କରିଛି । ସରକାରୀ ସ୍ତରରେ ସାର ମିଳିବାରେ ବିଳମ୍ବ ହେଉଥିବାରୁ କିଛି ଅସାଧୁ ବ୍ୟବସାୟୀ ଏହାର ଅହେତୁକ ସୁଯୋଗ ନେଉଛନ୍ତି । ବାଧ ହୋଇ ଚାଷୀମାନେ ବାହାର ବଜାରରୁ ଚଢ଼ା ଦରରେ ଅର୍ଥାତ୍ ଏକ ବସ୍ତା ୟୁରିଆ ସାର ୭୦୦ ଟଙ୍କା ଏବଂ ଡିଏପି ସାର ୨୫୦୦ ଟଙ୍କା ଦେଇ କିଣିବାକୁ ବାଧ ହେଉଛନ୍ତି । ଚାଷୀ କୁଳର ଏପରି ଦୟନୀୟ ସ୍ଥିତି ପ୍ରଶାସନର କାର୍ଯ୍ୟକାରିତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ ସାରର କଳାବଜାରୀ ବନ୍ଦ କରାଯାଇ ସମସ୍ତ ଚାଷୀଙ୍କୁ ସହଜରେ ସାର ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

# ଶିକ୍ଷୟିତ୍ରୀଙ୍କୁ ପୁନଃ ଅବସ୍ଥାପିତ ଦାବିରେ ଅନଶନ

ଖଇରା (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧିନ ପାଣିସାଉଁଳିସ୍ଥିତ ଦର୍ଶନ ପ୍ରସାଦ ଉପ୍ରା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟତ୍ରୀ ଲତିକା ଖଟୁଆଙ୍କୁ ରୁଢିଙ୍ଗିଆ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯିବା ପ୍ରତିବାଦରେ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ତରଫରୁ ସୋମବାର ବିଦ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ ହୋଇଛି । ପରିଚାଳନା କମିଟିର ସଭାପତି ଅନନ୍ତ ପ୍ରସାଦ ବାରିକଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ଚନ୍ଦ୍ରମଣି ମହାନ୍ତି,କମିଟି ସଭ୍ୟ ଶୁଭଲକ୍ଷ୍ମୀ ଜେନା,ମାନସ ରଞ୍ଜନ ମିଶ୍ର, ରମେଶ ଚନ୍ଦ୍ର ଦାସ, ଅନୁସୂୟା ନାୟକ, ଶ୍ରଦ୍ଧାଞ୍ଜଳୀ ରାଉତ, ସବିତା ରଣା, ଅଙ୍ଗନୱାଡି କର୍ମୀ ପ୍ରମୋଦିନି ମଙ୍ଗଲ,ଆଶା କର୍ମୀ ସନ୍ଧ୍ୟାରାଣୀ ମହାନ୍ତି ଙ୍କ ସମେତ ଶତାଧିକ ଅଭିଭାବକ ଏହି ଧାରଣାରେ ସାମିଲ ହୋଇଛନ୍ତି । ବଦଳି ଶିକ୍ଷକଙ୍କୁ ପୁନଃଅବସ୍ଥାପିତ କରାନଯିବା ଯାଏ ଅନଶନ ଜାରି ରହିବ ବୋଲି ଅନଶନକାରୀ ପ୍ରକାଶ କରିଛନ୍ତି । ଉକ୍ତ ବିଦ୍ୟାଳୟରେ ଇଂରାଜୀ ପଢାଉଥିବା ବିଇଡି ତାଲିମପ୍ରାପ୍ତ ଶିକ୍ଷୟତ୍ରୀ ଶ୍ରୀମତୀ ଖଟୁଆ ଙ୍କୁ ରୁଢିଙ୍ଗିଆ ସ୍କୁଲକୁ ବଦଳି କରାଯାଇଥିଲା ।ଖଇରା ଗୋଷ୍ଠୀ ଶିକ୍ଷାଧିକାରିଣୀଙ୍କୁ ଅନୁରୋଧ ପରେ ମଧ ସେ କର୍ଣ୍ଣପାତ ନକରିବାରୁ ସେମାନେ ଅନଶନରେ ବସିବାକୁ ବାଧ ହୋଇଥିଲେ । ତେବେ ପ୍ରଥମ ଦିନ ଶେଷରେ କୌଣସି ଅଧିକାରୀ ଧରାଣାସ୍ଥଳକୁ ଯାଇ ନଥିବା ଜଣାଯାଇଛି ।

## AFFIDAVIT

I GIRIJA PRIYADARSHANI JENA, D/o. Ashok Kumar Jena, R/o. At/ PO: Andhaipally, PS: Bhadrak (R), Dist: Bhadrak, Odisha-756112, I have changed my name to GIRIJA PRIYADARSANI JENA vide Affidavit No. 1770, dated 29/06/ 2026. Henceforth, I shall be known as GIRIJA PRIYADARSANI JENA instead of GIRIJA PRIYADARSHANI JENA. Both names refer to one and the same person. I shall be known as Girija priyadarsani jena for all future purposes .

## AFFIDAVIT

By virtue of an affidavit sworn before The Executive Magistrate, Binjharpur on dtd. 10.08.2026 I Mrs.Saina Khatun, D/O - .SkJalal Akbar, Vill/P.O - Sasanda, Dist - Jajpur, Odisha,Pin 755027 have changed my name from" Payal Sutar" to "Saina Khatun".Henceforth, I shall be known as "Saina Khatun" for all purpose.

Sd/Saina khatun

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-M-UGM-PUI-45-2026

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ରକ୍ଷଣାବେକ୍ଷଣ ଅବସରରେ କୋଚିଙ୍ଗ୍ ଡିପୋ, ପୁରୀ ଠାରେ BG ରେଲୱେ କୋଚ୍‌ଗୁଡ଼ିକରେ ଅବୋରାତ୍ର ସାଧାରଣ ସାଜସଜ୍ଜା (General Furnishing), ବଢ଼େଇ କାମ (Carpentry), ପାଇପ୍ ଲାଇନ୍ (Plumbing), ସୁଚିଂ ଓ ଯାତ୍ରୀ ସୁବିଧା ଦେଖାଶୁଣା କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ(₹) : 10,65,55,816.84, EMD (₹) : 6,82,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 24 ମାସ ।

ବିକ୍ରି ଆରମ୍ଭ ହେବା ତାରିଖ : ତା.18.08.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.09.2026 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର କାଗଜପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର/ ପୁରୀ

PR-366/R/26-27

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha

ଜଟଣୀ ପୌର ପରିଷଦ, ଜଟଣୀ

OFFICE OF THE MUNICIPAL COUNCIL : JATANI

13001/1555/2627

ସ୍ଥାନ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦

E-mail-municipalityjatni@gmail.com, Phone. No. 0674-2490826

No. 6586 / Jatani, Date- 14/08/2026

### "E" PROCUREMENT NOTICE

Bid documents consisting of work, estimated cost, cost of tender paper, EMD, time of completion, class of contractor and the set of terms & conditions of contract and other necessary documents can be seen in Govt, website i.e https://tendersodisha.gov.in.

| | | |
|---|---|---|
| 1. | Tender Reference No. | EO/JMC/ 94/2026-27 |
| 2. | Tender I.D NO. | 2026_ORULB_138313 |
| 3. | Name of the Work | Civil construction work as mentioned in website |
| 4. | No. of works | 01 No. |
| 5. | Estimated Cost | Rs. 6224668.85/- |
| 6. | Period of Completion | 180 days |
| 7. | Date and time of bidding | 10.00 AM of 17.08.2026 to 5.30 PM of 07.09.2026 |
| 8. | Last date and time for receipt of bids in the portal | 07.09.2026 upto 5.30 PM |
| 9. | Bids received online shall be opened on | 08.09.2026 at 11.30 AM |
| 10 | Name and address of the Officer inviting Bid | Executive Officer, Jatani Municipality |

Further details can be seen from the procurement portal i.e. https://tendersodisha.gov.in

Sd/- Executive Officer
Jatni Municipality

OIPR : 13001/13041/1/26-27/0021

## GOVERNMENT OF ODISHA
## RURAL WATER SUPPLY & SANITATION ORGANISATION
## OFFICE OF THE SUPERINTENDING ENGINEER, RWS&S DIVISION, ANGUL:AT:TALCHER

25001/948/2627

At- Beghuabole, Po.- Hatatota, Talcher, Dist.- Angul, Pin- 759100 (Ph. No./ Fax-06760-240762, E-mail: eerwssang@gmail.com)

INVITATIONS FOR BIDS (IFB) [e-Procurement]

Bid Identification No. 12/SE/RWSS/2026-27 Dt. 13.08.2026

| | | |
|---|---|---|
| 1 | The Superintending Engineer, RWS&S Division, Angul on behalf of Governor of Odisha invites lump sum bid in DOUBLE cover system in ONLINE MODE from eligible contractors for pipe line work in Angul District. | |
| 2 | Name of the work | PWS Work. |
| 3 | No. of Work | 03 (Three) Nos. |
| 4 | Value of the Work | Rs. 50.71 Lakhs to Rs. 66.40 Lakhs |
| 5 | Concerned tender inviting authority | Superintending Engineer, RWS&S Division, Angul :at: Talcher |
| 6 | Security amount (Rs.) (Online) | Nil |
| 7 | Cost of Bid documents (Rs.) (Online) | Rs. 10,000/- |
| 8 | Class of Bidder | "B" Class |
| 9 | Period of Completion | 120 days |
| 10 | Availability of bid documents in the website | From date. 25.08.2026 at 11.00 A.M to date. 07.09.2026 till 5.30 P.M |
| 11 | Last Date & Time of seeking tender clarification | Up to 02.09.2026 till 5.30 P.M |
| 12 | Date of Opening of Bid | On date. 08.09.2026 at 12.00 Noon |

The bidders have to participate in the tender through ONLINE bidding only. Further details can be had from the website i.e http://tendersorissa.gov.in. Subsequent corrigendum / addendum if required shall only be appeared in the above website.

Sd/- Superintending Engineer
RWS&S Division, Angul : at : Talcher

OIPR : 25001/25195/1/26-27/0004

## GOVERNMENT OF ODISHA : OFFICE OF THE SUPERINTENDING ENGINEER
## MINOR IRRIGATION DIVISION, KHORDHA

Tel No (06755) 221502 E-mail: eemidkhurda@yahoo.co.in

Letter No. 3760 Dt. 14.08.2026

32001/696/2627

### Invitation for Bids
### Bid Identification No. SEMIDKHD 09/2026-27

| | | |
|---|---|---|
| 1. | The Superintending Engineer, Minor Irrigation Division, Khordha, on behalf of the Governor of Odisha,invites Percentage Rate Bids in Single Cover system in Online Mode only for civil works in MIPs under Impt.To Diversion Wier Scheme as detailed in the table below from the eligible Class of Contractors. | |
| 2. | Nature of Work | Civil works in MIPS under Impt. To D/W Scheme in different Blocks of Khordha District. |
| 3. | No.of Works | 09 (NINE) Nos.Only |
| 4. | Estimated.Cost | Rs.20.87 to 41.25 Lakhs |
| 5. | Cost of Bid Document | Rs.6000/-through online) only. |
| 6. | Class of Contractor | "C" and"B" Class as applicable |
| 7. | Availability of Bid Documents Online | 10.30A.M of Dt.19.08.2026 to 5.30P.M of Dt.28.08.2026 |
| 8. | Last Date and Time for receipt of Bids in the Portal | 5.30 P.M of Dt. 28.08.2026 |
| 9. | Date of Opening of Bids | 11.30A.M of Dt.29.08.2026. |
| 10. | The Bidders shall have to participate in online bidding only. Further details can be seen from the website https://tenders odisha.gov.in. Any addendim/ Crrigendum / Cancellation of Bid can also be seen in the said website.The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | |

OIPR : 32001/32042/1/26-27/0006

Sd/- Superintending Engineer Minor Irrigation Division, Khordha.

## GOVERNMENT OF ODISHA : OFFICE OF THE EXECUTIVE ENGINEER
## RURAL WORKS ELECTRICAL DIVISION BHUBANESWAR

E-Mail- eerwel_bbsr @yahoo.co.in

25001/943/2627

### e-Procurement Notice No -EERWELBBSR- 21/2026-27

| | | |
|---|---|---|
| 1. | Name of the work | (i) Electrical installation work for shifting of Line and S/S due to Construction of Bridge over river Dhanua on Danapada to Belamara road Under R.W.E.S Khordha.8.07 lakhs.<br>(ii) Electrical installation work for shifting of 11KV OH line due to construction of High Level Bridge over river Dhanua at- Krushnapur ch.7.23Km on Chanahat Rajas road to Balanga road Under R.W.E.S Khordha 5.88 lakhs.<br>(iii) Supply Installation, Testing & Commissioning of Fire Fighting, Fire Detection, PA System and Fire Extinguisher Under R.W.E.S Jagatsinghpur-23.52 lakhs. |
| 2. | Estimated Cost | 5.88 to 23.52 lakhs (Excluding GST) |
| 3. | Periodof completion | 180 days |
| 4. | Date and time of availability of Bid documents in the portal | From Dt. 19.08.2026 at 12.00 A.M.to Dt.28.08.2026 up to 5.00 P.M |
| 5. | Date & Time of opening of tender | Dt. 29.08.2026 at 01:00 P.M. |
| 6. | Procurement officer/ Name and address of the officer inviting Bids. | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Esplanade Mall. Dist. -Khordha Odisha. Pincode-751010 |

Further details can be seen from the Govt. Website www..tenderorissa.gov.in

Sd/- Executive Engineer
Rural Work Electrical Division, Bhubaneswar

OIPR : 25001/25168/1/26-27/0009

## GOVT. OF ODISHA : DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER, DRAINAGE DIVISION, JAGATSINGHPUR-754103

32001/701/2627

### e-procurement Notice No. SEDD-JSPUR-05/2026-27

email Id :- eeddjspur@gmail.com

| | | |
|---|---|---|
| 1. | Total number of works | 06 (Six) nos. of Package |
| 2. | Bid Identification No. | As per DTCN |
| 3. | Estimated Cost | Rs.16.44 lakhs to 85.95 lakhs |
| 4. | Period of completion | 10 (Ten) Calendar Month |
| 5. | Availability of Tender On - Line. | From 18.08.2026 at 16.30 Hours to 01.09.2026 upto 17.30 Hours. |
| 6. | Date of Opening of Technical Bid. | 02.09.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 7. | Class of Contractor | "C" & "B" Class & "C" & "D" |
| 8. | EMD required | As per DTCN. |
| 9. | Cost of Tender paper | Rs.10,000/- & Rs.6,000/- |
| 10. | Procurement Officer | Superintending Engineer, Drainage Division, Jagatsinghpur-754103 |

Tender will be accepted if registered in the CDMS Portal.

Further details can be seen from the Govt, web site www.tendersorissa.gov.in. Addendum / Corrigendum/ Cancellation if any required will be published only in Govt, web site www.tendersorissa.gov.in

Sd/- Superintending Engineer
Drainage Division, Jagatsinghpur

OIPR : 32001/32568/1/26-27/0002

## OFFICE OF THE PROJECT DIRECTOR (R&R),
## BRUTANGA IRRIGATION PROJECT, DASHAPALLA, NAYAGADA.

Email: pdrrbrutanga@gmail.com

Notice No. 01/PDRR/2026-27 Date. 13.08.2026.

### NOTICE INVITING RFP(Request for Proposal)

32001/704/2627

### Bid Identification No- PD(R&R)-RFP-01/2026-27

Requests for Proposal are invited from the eligible govt, registered firms for conducting Socio economic survey of 41 villages (Fully Submerged and Partially Submerged) under Brutanga irrigation project. Dashapalla.

| | | |
|---|---|---|
| 1 | The PROJECT DIRECTOR(R&R), Brutanga Irrigation Project, Dashapalla, Nayagada on behalf of the Collector, Nayagada invites sealed Bids from reputed organization (Govt, or Pvt. or autonomous or institution or NGO) of State and National repute for **"ENGAGEMENT OF FACILITATING AGENCY FOR SURVEY & CENSUS, PREPARATION OF REHABILITATION & RESETTLEMENT SCHEME AND VILLAGE WISE SURVEY REPORT OF BRUTANGA IRRIGATION PROJECT, DASHAPALLA, NAYAGADA IN 41 NO'S OF VILLAGES UNDER** Brutanga Irrigation Project, Dashapalla as details in the scope of work in this Tender. The interested and eligible organizations with valid Registration Certificate as a Society / Trust / Cooperative, as detailed in Tender, may participate in this Tender process for the same in OFF-ONLINE mode. (For details visit website: www.nayagada.odisha.gov.in.) | |
| 2 | Name of the Work | Carrying of Proposal for adoption of Direct selection/single source selection for engagement of an Agency to conduct the Socio economic survey of villages under Brutanga irrigation project. Dashapalla. |
| 3 | Tender Paper Cost | Rs. 10.000/-( non-refundable) to be submitted in shape of DD from Nationalized /Scheduled Bank Drawn in Favour of "The Project Director (R&R). Brutanga Irrigation Project. Dashapalla". |
| 4 | Security Deposit | Rs. 1. 00.000/- to be submitted in shape of DD from Nationalised /Scheduled Bank Drawn in favour of 'The Project Director (R&R). Brutanga Irrigation Project, Dashapalla". |
| 5 | Place Where Works will be executed | Socio economic survey of 41 villages under Brutanga irrigation project. Dashapalla. Nayagada, Odisha( for more details see tender documents) |
| 6 | Availability of BID Document in the Website | Dt.21.08.2026 to Dt. 17.09.2026 |
| 7 | Last Date of Receipt of BID | Dt. 17.09.2026 up to 5:00 PM |
| 8 | Pre BID Meeting | Dt. 10.09.2026 |
| 9 | Date of Opening of Technical BID | Dt. 18.09.2026 at 11.00AM |
| 10 | Mode of Receipt of BIDs | Through Speed Post/Registered Post (Indian Post) & No other means. Address/ At-Office of The Project Director (R&R), Brutanga Irrigation Project. Dashapalla. Nayagada near KPD Women's College Pin-752084 |

Sd/- Project Director (R&R),
Brutanga Irrigation Project.
Dashapalla. Nayagada

OIPR : 32001/32544/1/26-27/0001

## OFFICE OF THE DHENKANAL MUNICIPAL COUNCIL
## DHENKANAL

13001/1557/2627

### E-Procurement Notice
### Tender Call Notice No.2678/DKLMPLTY/Date 13/8/2026

| | | |
|---|---|---|
| 1. | Name of the Work | Individual Civil Construction work Published the www.tenderodisha.gov.in website. |
| 2. | No of works put to tender | 5 Nos. of individual works |
| 3. | Estimated cost | Rs.12.55 Lakhs to 31.14 Lakhs |
| 4. | Period of completion | 90 Days. |
| 5. | Date and time of availability | from 11.00 hours of Dt.17.08.2026 to 17.30 of Dt.31.08.2026 of bid document in the portal. |
| 6. | Last date/Time for receipt of bids | 17.30 hours of Dt.31.08.2026 |
| 7. | Date and time of opening of bid | 11.00 hours of Dt. 01.09.2026 |
| 8. | Name and address of the Officer Inviting Bid | Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal https://tendersorissa.gov.in.

Sd/- Executive Officer
Dhenkanal Municipality

OIPR : 13001/13146/1/26-27/0009

## ZILLA SWASTHYA SAMITI, KANDHAMALA
(Under National Health Mission)

Office of the CDM&PHO-cum- District Mission Director, NHM, Kandhamal, Odisha, 762001

10001/465/2627

Adv. No. 8103 Date: 11/08//2026

### NOTICE INVITING RFP FOR PROVIDING PEST CONTROL SERVICE

Notice Inviting RFP for Providing Pest Control Service in The Office of the Chief District Medical & Public Health Officer Kandhamal from different agencies for Providing Pest Control Service to different health facilities including DHH in the district Kandhamal District. The RFP document with all information relating to the RFP process such as cost of tender paper, EMD, Eligibility Criteria, Terms & Conditions, etc. are available on the district website https://kandhamala.odisha.gov.in which may be downloaded for use. Interested agencies / parties may submit their tenders super-scribing as "RFP for Providing Pest Control Service" to the undersigned through Speed Post/ Registered Post/ Courier only, which should reach on or before 5.00 PM of 11.09.2026 positively and the same will be opened at 11:00 A.M. of 23.09.2026 in presence of the Participants, who wish to attend the RFP Opening Meeting. The undersigned reserves the right to reject any or all the tenders without assigning any reason thereof.

Sd/- CDM & PHO,
Kandhamal

OIPR : 10001/10015/1/26-27/0005

## ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନମ୍ବର-୩, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

ଓ.ଏସ.ଏସ. ମୋକଦ୍ଦମା ନମ୍ବର-୧୩୫୫/୨୦୨୧

ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ନୋଟିସ (ସି.ପି.ସି. ଅର୍ଡର ୫ ରୁଲ ୨୦ ମୁତାବକ)

୧. ତାରାକାନ୍ତ ମିଶ୍ର, ବୟସ-୫୨ ବର୍ଷ, ପିତା- ଧୀରେନ୍ଦ୍ର ନାଥ ମିଶ୍ର, ୨. ଶ୍ରୀମତୀ ନମିତା କୁମାରୀ ମହାପାତ୍ର, ବୟସ-୫୯ ବର୍ଷ, ସ୍ୱାମୀ-ଚନ୍ଦ୍ରଭାନୁ ମିଶ୍ର, ଉଭୟଙ୍କ ବାସସ୍ଥାନ ଗ୍ରା-ବରାହିପୁର, ପୋ-ଭେଟା, ଥା-ମାହାଙ୍ଗା, ଜି-କଟକ............... ବାଦୀ

ବନାମ

ପ୍ରାପ୍ତେଷୁ :

ପ୍ରତିବାଦୀ ନଂ-୧. କଳ୍ପତରୁ ମଙ୍ଗରାଜ, ପିତା-ହରମୋହନ ପାତ୍ର ୨. ଲିଙ୍ଗରାଜ ମଙ୍ଗରାଜ, ୩. ବିନୋଦ ମଙ୍ଗରାଜ ଉଭୟଙ୍କ ପିତା- ଭ୍ରମର ମଙ୍ଗରାଜ ୪. ଇଭମ ମଙ୍ଗରାଜ, ସ୍ୱାମୀ- ପୁରୁଷୋତ୍ତମ ମଙ୍ଗରାଜ ୫. ଚିନ୍ତୁ ରାଉତରାୟ, ସ୍ୱାମୀ- ଅଭିରାମ ରାଉତରାୟ ୬. ନିଧି ମଙ୍ଗରାଜ, ପିତା-ପଦନ ମଙ୍ଗରାଜ ୭. ନିତ୍ୟାନନ୍ଦ ମଙ୍ଗରାଜ ୮. କ୍ଷେତ୍ରବାସୀ ମଙ୍ଗରାଜ ଉଭୟଙ୍କ ପିତା- ନରୋତ୍ତମ ମଙ୍ଗରାଜ ୯ ଶରତ ମଙ୍ଗରାଜ, ପିତା- ବାଞ୍ଛାନିଧି ମଙ୍ଗରାଜ ୧୦. କୁବେର ମଙ୍ଗରାଜ, ପିତା-ନଟ ମଙ୍ଗରାଜ ୧୧. ଘନ ମଙ୍ଗରାଜ ୧୨. କାହ୍ନୁ ମଙ୍ଗରାଜ ଉଭୟଙ୍କ ପିତା- ମନି ମଙ୍ଗରାଜ ୧୩. ଇଶ୍ୱର ମଙ୍ଗରାଜ, ପିତା- ମଦନ ମଙ୍ଗରାଜ ୧୪. ଭାଗବତ ମଙ୍ଗରାଜ, ପିତା-ବିଦ୍ୟାଧର ମଙ୍ଗରାଜ ୧୫. ଲକ୍ଷ୍ମୀଧର ମଙ୍ଗରାଜ, ପିତା-ସୁରଥ ମଙ୍ଗରାଜ ୧୬. ସରଦାରୀ ମଙ୍ଗରାଜ ୧୭. ବଂଶୀଧର ମଙ୍ଗରାଜ ଉଭୟଙ୍କ ପିତା- ଯୋଗୀ ମଙ୍ଗରାଜ ୧୮. ହରି ମଙ୍ଗରାଜ ୧୯. ବଳରାମ ମଙ୍ଗରାଜ ୨୦. ଯୁଧିଷ୍ଠିର ମଙ୍ଗରାଜ ସମସ୍ତଙ୍କ ପିତା-ବୃନ୍ଦାବନ ମଙ୍ଗରାଜ ୨୧ କୁଣ୍ଠି ମଙ୍ଗରାଜ, ସ୍ୱାମୀ-ମଦନ ମଙ୍ଗରାଜ ୨୨. ସୁଦର୍ଶନ ମଙ୍ଗରାଜ, ପିତା-ଲିଙ୍ଗରାଜ ମଙ୍ଗରାଜ ପ୍ରତିବାଦୀ ନଂ-୧ ଠାରୁ ୨୨ଙ୍କର ବାସସ୍ଥାନ : ପୋ/ଥା-ବଢକା, ଜି-ଖୋର୍ଦ୍ଧା, ପିନ-୭୫୧୦୦୩ ୨୩. ବିଶ୍ୱରଂଜନ ନାୟକ, ପିତା-ଦୀରବର ନାୟକ ୨୪. ମମତା ସ୍ୱାଇଁ, ସ୍ୱାମୀ- ବିଶ୍ୱରଂଜନ ନାୟକ, ଉଭୟଙ୍କ ଗ୍ରାମ- ନୂଆ ରାଇଜ ପାଟଣା, ପୋ/ଥା-ପୁରୀଘାଟ, ପିନ-୭୫୩୦୦୯, ୨୫. ଗାୟତ୍ରୀ ସାମଲ, ସ୍ୱାମୀ- ରଶ୍ମିକାନ୍ତ ସାମଲ, ସା/ପୋ/ଥା-କୁଚିଣ୍ଡା, ଜି-ସମ୍ବଲପୁର ୨୬. ଶ୍ୟାମ ପ୍ରସାଦ ରଥ, ପିତା-କୃଷ୍ଣ ଚନ୍ଦ୍ର ରଥ, ସା/ପୋ-ପୀତାମ୍ବରପୁର ଶାସନ, ଥା-ବାଙ୍କି, ଜି-କଟକ, ୨୭. ଦୀପ୍ତି ଷଡ଼ଙ୍ଗୀ, ସ୍ୱାମୀ-ରଥୀନ୍ଦ୍ର ଷଡ଼ଙ୍ଗୀ, ସା-ରାଜେନ୍ଦ୍ର ନଗର, ପୋ/ଥା-ନୟାପଲ୍ଲୀ, ଜି-ଖୋର୍ଦ୍ଧା, ୭୫୧୦୧୨...... ପ୍ରତିବାଦୀମାନେ ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦୀମାନେ ନିମ୍ନୋକ୍ତ ଜମିକୁ ଦଖଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ ଦାଖଲ କରିଛନ୍ତି । ଉକ୍ତ ପ୍ରତିବାଦୀଙ୍କୁ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ନୋଟିସ ଜାରି ନହୋଇ ଫେରି ଆସିଛି । ଇତିମଧ୍ୟରେ ଉକ୍ତ କେସର ଶୁଣାଣି ଆସନ୍ତା ୨୪.୯.୨୦୨୬ ଦିବା ୩/୩୦ ଘଟିକାକୁ ସ୍ଥିର କରାଯାଇଛି । ଜମିର ବିବରଣୀ ନିମ୍ନରେ ବର୍ଣ୍ଣନା କରାଗଲା ।

ଜମିର ବିବରଣୀ

ମୌଜା-ସୁନ୍ଦରପୁର, ଥା-ବଢକା, ନଂ-୪୧, ତହସିଲ-ଭୁବନେଶ୍ୱର, ଜି-ଖୋର୍ଦ୍ଧା

| | ଖାତା ନଂ | ପ୍ଲଟ ନଂ | ରକବା | ସତ୍ୱ | କିସମ |
|---|---|---|---|---|---|
| ସାବକ | ୧୮ | ୧୦ | ଏ.୦.୨୧୨ ଡି. ଏ. ୮.୪୬୦ଡି ଭିତ୍ରୁ | ସ୍ଥିତିବାନ | ବଗାୟତ ଦୁଇ |
| ହାଲ | ୨୨ | ୧୦୯୭ | ଏ. ୦.୧୧୮ ଡି. ଏ. ୦.୧୩୦ ଡି ଭିତ୍ରୁ | ସ୍ଥିତିବାନ | ବଗାୟତ ଦୁଇ |

ଏଣୁ ମୃତ ଥିବା ବ୍ୟକ୍ତିଙ୍କର ଉତ୍ତରାଧିକାରୀମାନେ ଓ ଅନ୍ୟ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜଲାସର ଇଜଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରି ପକ୍ଷ ରଖିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଲକ୍ଷ୍ମୀଧର ନାୟକ / କୋର୍ଟ ଅଫିସର

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୬୨୨, କେନ୍ଦୁଝର- ରବିନାରାୟଣରାଜ- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାୟକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡ଼ଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### "ଦେଶର ପରବର୍ତ୍ତୀ ପିଢ଼ି ଗଢ଼ିବା ବିଶ୍ୱବିଦ୍ୟାଳୟ ଗୁଡ଼ିକର ଦାୟିତ୍ୱ'

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଦିବସ

କଟକ, (ସ୍ୱପ୍ର): ଆଜି ପଶ୍ଚିମ ଏସିଆ ଯୁଦ୍ଧର ଘନଘଟା ମଧ୍ୟରେ ଆଶାନ୍ତ ହୋଇ ଉଠିଥିବା ବେଳେ ଆମ ଦେଶ କିନ୍ତୁ ସଶକ୍ତ ଭାରତ ଭାବରେ ଉଭା ହେଉଛି । ଦେଶର ପରବର୍ତ୍ତୀ ପିଢ଼ି କିଭଳି ହେବେ ତାହା ନିର୍ଦ୍ଧାରଣ କରିବା, ସେମାନଙ୍କୁ ଗଢ଼ିବା ବିଶ୍ୱବିଦ୍ୟାଳୟ ଗୁଡ଼ିକର ପ୍ରମୁଖ ଦାୟିତ୍ୱ । ବିଦ୍ୟାର୍ଥୀମାନେ ମଧ୍ୟ ଯେ କୌଣସି କ୍ଷେତ୍ରରେ କାର୍ଯ୍ୟ କରନ୍ତୁ ନା କାହିଁକି, ସମ୍ପୃକ୍ତ କ୍ଷେତ୍ରର ଜଣେ ଜଣେ ନେତା ଭାବରେ ନିଜକୁ ପ୍ରତିପାଦିତ କରନ୍ତୁ । ୮୦ ତମ ସ୍ୱାଧୀନତା ଦିବସରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ ନିଜ ଅଭିଭାଷଣରେ କିଛି ଏପରି କହିଛନ୍ତି କୁଳପତି ପ୍ରଫେସର (ଡ.) ତେଜ ପରତାପ । ଏଥିରେ ବିଶ୍ୱବିଦ୍ୟାଳୟ



ନିରାପତ୍ତା ବାହିନୀ, ସମର ଶିକ୍ଷାର୍ଥୀ ବାହିନୀ, ରୋଭର୍ସ-ରେଞ୍ଜର୍ସ ଏବଂ ରେଡକ୍ରସ୍ କ୍ୟାଡେଟମାନଙ୍କୁ ସହକାରୀ ନିରାପତ୍ତା ଅଧିକାରୀ ବି. ବି. ଷଡ଼ଙ୍ଗୀ ମାର୍ଚ୍ଚପାଷ୍ଟ କରାଇଥିଲେ । ନିରାପତ୍ତା ଅଧିକାରୀ ସୁବେଦାର ଯାଦବ କୁଳପତିଙ୍କୁ ପତାକା ଉତ୍ତୋଳନ ସ୍ଥଳକୁ ପାଛୋଟି ନେଇଥିଲେ । ପତାକା ଉତ୍ତୋଳନ ପରେ ବିଶ୍ୱବିଦ୍ୟାଳୟର ପରଫର୍ମିଂ ଆର୍ଟ୍ସ ବିଭାଗ ବିଦ୍ୟାର୍ଥୀମାନେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ । ଏହି ଅବସରରେ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ସହ ସମସ୍ତ ବିଭାଗର ଡିନ୍ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ । ଦୁଇ ବିଦ୍ୟାର୍ଥୀ ଖୁସି ଚାନ୍ଦଗଡ଼କର ଏବଂ ଆନନ୍ଦ କ୍ରିଷ୍ଣନ୍ ମଞ୍ଚ ପରିଚାଳନା କରିଥିଲେ ।

### ଆଇଟି ସଚିବ ଓକାକ ଟେଣ୍ଡରର ଦୁର୍ନୀତିର ମାଷ୍ଟର ମାଇଣ୍ଡ : ଯୁବ କଂଗ୍ରେସ

## ୨୧ରେ ଓକାକ୍ କାର୍ଯ୍ୟାଳୟ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ଗଣଶିକ୍ଷା ବିଭାଗ, ଆଦର୍ଶ ବିଦ୍ୟାଳୟ ପ୍ରଭୃତିକୁ ଉନ୍ନତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ କରିବା ଆଳରେ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ଟେଣ୍ଡର କରାଇ ବ୍ୟାପକ ଅର୍ଥ ହରିଲୁଟ କରିବାକୁ ଷଡଯନ୍ତ୍ର କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର ଅଭିଯୋଗ କରିଛନ୍ତି । ଯୁବ




କଂଗ୍ରେସ ପକ୍ଷରୁ କୁହାଯାଉଛି ଯେ ଆଇଟି ସଚିବ ବିଶାଳ ଦେବ ତାଙ୍କର ଜଣାଶୁଣା ଏବଂ ପ୍ରିୟ କମ୍ପାନୀମାନଙ୍କୁ ସମସ୍ତ ବିଧି ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ହଜାର ହଜାର କୋଟି ଟଙ୍କାର ଟେଣ୍ଡର ଦେବାରେ ସଫଳ ହେଉଛନ୍ତି । ଏହି ମହାଦୁର୍ନୀତିର ଷଡଯନ୍ତ୍ରରେ ଆଇଟି ମନ୍ତ୍ରୀ , ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ସାମିଲ ଅଛନ୍ତି । ସୁତରାଂ ଅଗଷ୍ଟ ୨୧ ତାରିଖରେ ଆଇଟି ସଚିବ ବିଶାଳ ଦେବଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଉଭୟ ମନ୍ତ୍ରୀଙ୍କ ବହିଷ୍କାର ଓ ସମଗ୍ର ଦୁର୍ନୀତିର ହାଇକୋର୍ଟ ତତ୍ତ୍ୱାବଧାନରେ ପରିଚାଳିତ ନାୟିକ ତଦନ୍ତ ଦାବିରେ ଦୁର୍ନୀତିର ଗନ୍ତାଘର ଓକାକ କାର୍ଯ୍ୟାଳୟକୁ ପ୍ରଦେଶ ଯୁବ କଂଗ୍ରେସ ଘେରିବ । ମନ୍ତ୍ରୀ ଦୁର୍ନୀତିକୁ ସ୍ୱୀକାର କରିବା ସହ ୭ ଦିନ ଭିତରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ । ହେଲେ ୬ ମାସ ବିତିଗଲେ ବି ଫଳ ଶୂନ । ମନ୍ତ୍ରୀ ଯାହାଙ୍କୁ ତଦନ୍ତ ଦାୟିତ୍ୱ ଦେଲେ ସେ ହେଉଛନ୍ତି ବିଶାଳ ଦେବ ଏବଂ ସେହି ବିଶାଳ ଦେବ ହେଉଛନ୍ତି ସମସ୍ତ ଦୁର୍ନୀତିର ମାଷ୍ଟର ମାଇଣ୍ଡ ବୋଲି ଅଭିଯୋଗ କରିଛନ୍ତି ପୂର୍ବ ଯୁବ କଂଗ୍ରେସ ସଭାପତି ତଥା ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକୟାସିର ନୱାଜ୍ । କଳା ତାଲିକାଭୁକ୍ତ, ଠକ ଓ ଅସାଧୁ କମ୍ପାନୀକୁ କାମ ଦିଆଯାଇ ତାଙ୍କ ଠାରୁ କୋଟି କୋଟି ଲାଞ୍ଚ ହାସଲ ବ୍ୟବସ୍ଥାରେ ମନ୍ତ୍ରୀ ଓ ଆଇଟି ସଚିବ ରହିଛନ୍ତି ।

ଏହି ଟେଣ୍ଡର ସମ୍ପର୍କିତ ସମସ୍ତ ଫାଇଲ, ନୋଟସିଟ, ଯୋଗ୍ୟତା , ପ୍ରିବିଡ ପରିବର୍ତ୍ତନ, ଟେକ୍ନିକାଲ ଇଭାଲ୍ୟୁଏସନ, କମରସିଆଲ ଇଭାଲ୍ୟୁଏସନ, ବିଡ କମିଟି ରେକର୍ଡ ଅନୁମୋଦନ ପ୍ରକ୍ରିୟା, କମ୍ପାନୀ ଚୟନ ଏବଂ ସଂପୃକ୍ତ ଅଧିକାରୀ ଭୂମିକାର ସଂପୂର୍ଣ୍ଣ ତଦଦତି କରାଯାଉ । ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ଓ ଜାଭେଦ ଅକତର ଉପସ୍ଥିତ ଥିଲେ ।

## ମଦ ଜବତ,୩ ଗିରଫ

ଖଇରା,(ସବ୍ୟୁ): ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଲିଆ ଥାନା ଅନ୍ତର୍ଗତ ଗରସଙ୍ଗ ଓ ଅନ୍ତରା ଗ୍ରାମରେ ଚଢ଼ାଉ କରାଯାଇ ୧୫୦ ଲିଟର ଦେଶୀ ମଦ ଓ ୫.୪୦୦ ଲିଟର ବିଦେଶୀ ମଦ ଜବତ କରାଯିବା ସହିତ ଅନ୍ତରା ଗ୍ରାମର ରମାକାନ୍ତ ସାହୁ ଏବଂ ଗରସଙ୍ଗ ଗ୍ରାମର ମନୋରଞ୍ଜନ ବାରିକ ଓ ଗଗନ ବିହାରୀ ବେହେରା ଓରଫ ଗଙ୍ଗାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଲ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୩ ଗୋଟି ମାମଲା ରୁଜୁ କରାଯାଇଛି ।

## ଚାଷୀଙ୍କୁ ହଇରାଣ କରୁଛନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ଚାଷୀଙ୍କ ପ୍ରତି ସରକାରଙ୍କ ସାବତ ପୁଅ ବ୍ୟବହାରକୁ ନେଇ କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଏଆଇସିସି ମୁଖପାତ୍ର ଡଃ ହମିଦ ହୁସେନ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଓ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ମତ ରଖିଥିଲେ । ମୁଖପାତ୍ର ଡ଼ ହୁସେନ କହିଥିଲେ, ଓଡ଼ିଶା ସରକାରଙ୍କର ଚାଷୀମାନଙ୍କୁ ହଇରାଣ କରିବାର ଏକ ବହୁମୁଖୀ ଆଭିମୁଖ୍ୟ ରହିଛି ବୋଲି କହିଥିଲେ । ମୁଖ୍ୟତଃ ଏମଏସପି , ବୋନସ, ବୀମା ଏବଂ ସବସିଡିର ପ୍ରତିଶ୍ରୁତିବଦ୍ଧ ସହାୟତା ପୂରଣ ନକରିବା ଏବଂ ବହୁସ୍ତରୀୟ ଦୁର୍ନୀତି ତଥା ଶୋଷଣମୂଳକ କାର୍ଯ୍ୟକଳାପ ଯୋଗୁଁ ଏହା ଘଟୁଛି ।

ପ୍ରଥମ ଆକ୍ରମଣ ହେଉଛି ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟାକୁ ଜଟିଳ କରାଯାଉଛି । ପ୍ରତିଥର ଏହି ବିଷୟକୁ ଅଧିକ ଜଟିଳ କରିବା ପାଇଁ ନୂଆ ଏବଂ କଠିନ ସର୍ତ୍ତ ଅଣାଯାଉଛି । ଟୋକନ ଜାରି କରିବା ପାଇଁ ପ୍ରତିବର୍ଷ ପଞ୍ଜୀକରଣ କରିବାର କୌଣସି ଆବଶ୍ୟକତା ନାହିଁ । ଏହା ବଦଳରେ ପ୍ରତିବର୍ଷ ସାମାନ୍ୟ ସଂଶୋଧନ କଲେ ଉଦ୍ଦେଶ୍ୟ ପୂରଣ ହୋଇପାରିବ । ଏହା ବ୍ୟତୀତ,




ଏଗ୍ରି-ଷ୍ଟାକ ଚାଷୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି । ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ପତ୍ର ଜାରି କରିବା ଏବଂ ଟୋକନ ଜାରି ପାଇଁ ଚାଷୀଙ୍କ ପଞ୍ଜୀକରଣ ସହ ଏହାକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଏହା ପ୍ରତିଷ୍ଠା କରାଯାଇଛି । ଏହି ପ୍ରକ୍ରିୟାର ସରଳୀକରଣ ଆବଶ୍ୟକ ଏବଂ ପ୍ରକୃତ ଦାୟାଦମାନଙ୍କୁ କାର୍ଡ ଜାରି କରିବା ପାଇଁ କେବଳ ସାଧାରଣ ଉତ୍ତରାଧିକାରୀ ପ୍ରମାଣପତ୍ର ହିଁ ଯଥେଷ୍ଟ ହେବା ଉଚିତ । ଚାଷୀମାନଙ୍କୁ ସରକାରୀ ନିୟମକାନୁନରେ ଛନ୍ଦି ରଖିବା ପରିବର୍ତ୍ତେ, ବିଶେଷ କରି ଚାରିଆଡ଼େ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ଏହି ଦୁର୍ଦ୍ଦଶା ସମୟରେ ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ଉଚିତ । ଏହା ସହିତ ସାର ବଣ୍ଟନରେ ବ୍ୟାପକ ଦୁର୍ନୀତି ଏବଂ ଅପାରଗ ବ୍ୟବସ୍ଥା ମଧ୍ୟ ଯୋଡ଼ି ହୋଇଛି । ଲୋକଙ୍କ ସେବା କରିବାକୁ ଥିବା ରାଜନୈତିକ କାର୍ଯ୍ୟନିର୍ବାହୀ ଏବଂ ଅମଲାତନ୍ତ୍ର, ଚାଷୀଙ୍କ ଶୋଷଣର ମାଧ୍ୟମ ସାଜିଛନ୍ତି ।

ଚାଷୀଙ୍କ ଗଭୀର କ୍ଷତରେ ଲୁଣ ଛିଞ୍ଚି କୃଷିମନ୍ତ୍ରୀ ଏବଂ ନାଗରିକ ଯୋଗାଣ ମନ୍ତ୍ରୀମାନେ ଚାଷୀଙ୍କ ପ୍ରତି ଉଦାସୀନ ଏବଂ ଦାୟିତ୍ୱହୀନ ମନୋଭାବ ପ୍ରଦର୍ଶନ କରି ଉତ୍ତେଜନାମୂଳକ ବିବୃତି ଦେଉଛନ୍ତି । କୃଷି ମନ୍ତ୍ରୀ କହିଛନ୍ତି ଯେଉଁମାନେ ଗଞ୍ଜେଇ ଚାଷ କରୁଛନ୍ତି ଏବଂ ବନ୍ୟା ଦ୍ୱାରା ପ୍ରଭାବିତ ଫସଲଗୁଡ଼ିକୁ ଯେଉଁଥିରେ ବ୍ୟବସ୍ଥାରୁ ବାଦ ଦିଆଯିବ ବୋଲି କହିବା ଅତ୍ୟନ୍ତ ନିନ୍ଦନୀୟ । ଏହା ଦର୍ଶାଉଛି ଯେ ସରକାରଙ୍କ ପାଖରେ ଗଞ୍ଜେଇ ଚାଷୀଙ୍କ ସୂଚନା ରହିଛି, ତେବେ ଏହାକୁ ରୋକିବା ପାଇଁ ସେ କଣ ପଦକ୍ଷେପ ନେଉଛନ୍ତି । ପ୍ରତ୍ୟେକ ଚାଷୀଙ୍କ ପାଖରେ ସେମାନଙ୍କ ଜମି ପରିମାଣ ଅନୁପାତରେ ଟୋକନ ପହଞ୍ଚିବା ନିଶ୍ଚିତ କରାଯିବା ଉଚିତ ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫଟୋ ଶାଖା ସହକାରୀ ନିର୍ଦ୍ଦେଶକଙ୍କ ମାତୃ ବିୟୋଗ

ଭୁବନେଶ୍ୱର, (ସବ୍ୟୁ): ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫଟୋ ଶାଖାର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ବରାଳଙ୍କ ମାତା ଶ୍ରୀମତୀ ସ୍ନେହଲତା ବରାଳଙ୍କ ରବିବାର ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସ୍ୱର୍ଗୀୟା ବରାଳ ଜଣେ ମେଳାପୀ ଓ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ତାଙ୍କ ପୈତୃକ ଘର ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ। ତାଙ୍କ ବିୟୋଗରେ ବନ୍ଧୁ,



ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନେ ଗଭୀର ଶୋକ ପ୍ରକାଶ କରିବା ସହ ଦିବଙ୍ଗତ ଆତ୍ମାର ସଦଗତି କାମନା କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

## ନିସ୍ ଗ୍ଲୋବାଲ ସ୍କୁଲରେ ୮୦ତମ ସ୍ୱାଧୀନତା ଦିବସ

ଭୁବନେଶ୍ୱର,(ସବ୍ୟୁ): ସ୍ଥାନୀୟ ଛତାବର ସ୍ଥିତ ନିସ୍ ଗ୍ଲୋବାଲ ସ୍କୁଲ ଓ ନିସ୍ ଇଞ୍ଜିନିୟରିଙ୍ଗ କଲେଜ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡଃ ସୁଭାଷ ଚନ୍ଦ୍ର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏଥିରେ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷା ଜ୍ୟୋତିରେଖା ପତି, ଶିକ୍ଷକ ସରୋଜ କୁମାର ବେହେରା, ଶିକ୍ଷୟତ୍ରୀ ଶର୍ମିଳା ଦୀକ୍ଷିତ ଓ ଅନ୍ୟ ଶିକ୍ଷକ, କର୍ମଚାରୀ ମାନଙ୍କ ପ୍ରତ୍ୟକ୍ଷ




ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତା, ନାଚ ଗୀତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଷଣ କାରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ 'ନିର୍ମାଣାଧୀନ ଭାରତ'ର ଯାତ୍ରାକୁ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ସ୍ୱାଧୀନତା ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ୍ ନିଜର ୯ବେମିସ ଅଲ ଭାରତ -ଇନ ଦ ମେକିଙ୍ଗ ଅଭିଯାନ ମାଧ୍ୟମରେ ଦେଶର ରାଷ୍ଟ୍ର ନିର୍ମାଣ ଯାତ୍ରାକୁ ସମ୍ମାନ ଜଣାଇଛି । ଏହି ଅଭିଯାନରେ ଆଲୁମିନିୟମ୍, ପ୍ରଯୁକ୍ତି, ଦକ୍ଷତା ଓ ମାନବ ସମ୍ବଳ କିପରି ଏକ ଅଧିକ ସଶକ୍ତ, ଆତ୍ମନିର୍ଭର ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭାରତ ଗଠନରେ ଭୂମିକା ନେଉଛନ୍ତି, ତାହାକୁ ଉପସ୍ଥାପନ କରାଯାଇଛି । "ଭାରତ ନିର୍ମାଣ, ସମ୍ଭାବନାକୁ ବାସ୍ତବତାରେ ପରିଣତ କରିବା ବିଚାରଧାରାକୁ ଆଧାର କରି ଏହି ଅଭିଯାନ ଆଲୁମିନାକୁ ଆଲୁମିନିୟମରେ ପରିଣତ କରିବାର ପ୍ରକ୍ରିୟା ଓ ଭାରତର ଏକ ବିଶ୍ୱସ୍ତରୀୟ ପ୍ରତିଯୋଗୀତାମୂଳକ ଉତ୍ପାଦନ ଏବଂ ଅର୍ଥନୈତିକ ଶକ୍ତି ଭାବେ ନିରନ୍ତର ବିକାଶ ମଧ୍ୟରେ ଏକ ସୁନ୍ଦର ସାମଞ୍ଜସ୍ୟ ସୃଷ୍ଟି କରିଛି ।

୯ବେମିଶ ଅଲ ଭାରତର ମୁଖ୍ୟ ବିଷୟବସ୍ତୁ ହେଉଛି ଭାରତର ଭବିଷ୍ୟତକୁ ଗଢୁଥିବା ଲୋକ, ଚିନ୍ତାଧାରା ଓ ନବସୃଜନର ଉତ୍ସବର ଉତ୍ପାଦନ କ୍ଷେତ୍ରର ଉତ୍କର୍ଷ, ଦକ୍ଷତା ବିକାଶ, ଜୀବିକା ଏବଂ ମହିଳାଙ୍କ ବଢୁଥିବା ଅଂଶଗ୍ରହଣ ଭଳି ବିଭିନ୍ନ ପ୍ରସଙ୍ଗର କାହାଣୀ ମାଧ୍ୟମରେ ଦେଶର ପ୍ରଗତିକୁ ଆଗେଇ ନେଉଥିବା ବିଭିନ୍ନ ଶକ୍ତିକୁ ଏହି



ଅଭିଯାନ ଉଜାଗର କରିଛି। ଏହି ଚିନ୍ତାଧାରା ତିନିଟି ପ୍ରମୁଖ ବିଷୟବସ୍ତୁ ମାଧ୍ୟମରେ ପ୍ରକାଶ ପାଇଛି ଯଥା ଭବିଷ୍ୟତରେ ଜୀବନ ଗଢ଼ିବା, ଦକ୍ଷତାକୁ ଜୀବିକାରେ ଏବଂ ଶିକ୍ଷାକୁ ସୁଯୋଗରେ ପରିଣତ କରିବା) ଏବଂ ହାଲୁକା, ସ୍ମାର୍ଟ ଓ ଦାୟିତ୍ୱପୂର୍ଣ୍ଣ ପ୍ରଗତି। ଏହି ତିନୋଟି ବିଷୟ ଆଲୁମିନିୟମ କେବଳ ଏକ ଧାତୁ ଭାବେ ନୁହେଁ, ବରଂ ଭାରତର ବିକଶିତ ଆକାଂକ୍ଷାର ଏକ ମୂଳ ଉପାଦାନ ଏବଂ ନବସୃଜନ, ସ୍ଥାୟୀତ୍ୱ ଓ ମାନବକୈନ୍ଦ୍ରିକ ବିକାଶର ଏକ ଅନୁପ୍ରେରକ ଭାବେ ପ୍ରତିଷ୍ଠା କରୁଛି।

ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ଭାରତର ବିକାଶ ଯାତ୍ରା ଦେଶର ଲୋକଙ୍କ ଆକାଂକ୍ଷା, ପ୍ରତିଭା ଓ ଉଦ୍ୟମ ଦ୍ୱାରା ଆକାର ପାଉଛି। ୯ବେମିଶ ଅଲ ଭାରତ ମାଧ୍ୟମରେ ଆମେ ସେହି ଚିନ୍ତାଧାରା, ନବସୃଜନ ଓ ସାମୂହିକ ପ୍ରୟାସକୁ ସମ୍ମାନ ଜଣାଉଛୁ, ଯାହା ଦେଶକୁ ନିରନ୍ତର ଆଗକୁ ବଢ଼ାଉଛି। ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା, ଲାଞ୍ଜିଗଡ଼, ଭବାନୀପାଟଣା, ରାୟଗଡ଼ା ଓ ବାଲକୋର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ୯ବେମିଶ ଅଲ ଭାରତର ଭାବନା ପ୍ରତିଫଳିତ ହୋଇଥିଲା। କର୍ମଚାରୀ, ଛାତ୍ରଛାତ୍ରୀ ଓ ପାର୍ଶ୍ୱବର୍ତ୍ତୀ ସମୁଦାୟ ଏକାଠି ହୋଇ ଭାରତର ୮୦ତମ ସ୍ୱାଧୀନତା ଦିବସକୁ ଉତ୍ସାହର ସହ ପାଳନ କରିଥିଲେ। ଲାଞ୍ଜିଗଡ଼ରେ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ହାଇ-ମାଷ୍ଟ ଜାତୀୟ ପତାକା ଉତୋଳନ କରିଥିଲେ। ଏହାପରେ ପାରମ୍ପରିକ ପରେଡ୍ ଏବଂ ଉତ୍କୃଷ୍ଟ କାର୍ଯ୍ୟ କରିଥିବା କର୍ମଚାରୀ ଓ ସୁରକ୍ଷାକର୍ମୀଙ୍କୁ ସମ୍ମାନିତ କରାଯାଇଥିଲା।

ଝାରସୁଗୁଡ଼ା ଓ ବାଲକୋରେ ସ୍ୱାଧୀନତା ଦିବସ ପାଳନ ସହିତ ସୁରକ୍ଷା, ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ ସ୍ଥାୟୀତ୍ୱକୁ କେନ୍ଦ୍ର କରି କର୍ମଚାରୀ ଓ ସମୁଦାୟକୈନ୍ଦ୍ରିକ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଉତ୍ସବ ମାଧ୍ୟମରେ ୯ବେମିଶ ଅଲ ଭାରତ କାର୍ଯ୍ୟକ୍ଷେତ୍ରର ସୀମା ଅତିକ୍ରମ କରି ଶ୍ରେଣୀକକ୍ଷ, ଦକ୍ଷତା ବିକାଶ କେନ୍ଦ୍ର ଓ ସମୁଦାୟ ପର୍ଯ୍ୟନ୍ତ ପହଂଚିଥିଲା। ଏହା ଅଭିଯାନର ସେହି ବିଶ୍ୱାସକୁ ପ୍ରତିଫଳିତ କରିଛି ଯେ, ଲୋକ, ଦକ୍ଷତା, ପ୍ରଯୁକ୍ତି ଓ ସୁଯୋଗର ସମନ୍ୱିତ ପ୍ରୟାସରେ ହିଁ ଭାରତର ପ୍ରଗତି ନିର୍ମିତ ହୁଏ। ଏହି ପଦକ୍ଷେପଗୁଡ଼ିକ "ଭବିଷ୍ୟତ ଗଢ଼ି ଜୀବନ ଗଢ଼ିବା" ଏବଂ "ଦକ୍ଷତାକୁ ଜୀବିକାରେ ଓ ଶିକ୍ଷାକୁ ସୁଯୋଗରେ ପରିଣତ କରିବା" ଭଳି ଅଭିଯାନର ବାର୍ତ୍ତାକୁ ତୃଣମୂଳ ସ୍ତରରେ ସାକାର କରିଥିଲା। ଭାରତ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବା ବେଳେ, ବେଦାନ୍ତ ଆଲୁମିନିୟମ୍ ନବସୃଜନ, ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ, ଦକ୍ଷତା ବିକାଶ ଓ ସମୁଦାୟ ସହଭାଗିତା ମାଧ୍ୟମରେ ଏହି ଯାତ୍ରାକୁ ସହଯୋଗ କରିବାକୁ ପ୍ରତିବଦ୍ଧ। ଏହା ଏକ ଆତ୍ମନିର୍ଭର ଓ ବିଶ୍ୱସ୍ତରୀୟ ପ୍ରତିଯୋଗୀତାମୂଳକ ଭାରତ ଗଠନର ଦୃଷ୍ଟିକୋଣକୁ ସାକାର କରିବାରେ ନିଜର ଅବଦାନ ଜାରି ରଖିବ।

## ନାରାୟଣା ବିଦ୍ୟାଳୟରେ ସ୍ୱାଧୀନତା ଦିବସ

କଟକ, (ସ୍ୱପ୍ର) : କଟକ ନୂଆପଡା ସ୍ଥିତ ପୃଷ୍ଟିବଗିଚା ଠାରେ ଅବସ୍ଥିତ ନାରାୟଣା ଉଚ୍ଚବିଦ୍ୟାଳୟ ପରିସରରେ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଶୁଭ ଅବସରରେ ମୁଖ୍ୟ ଅତିଥିଭାବେ ଭାରତୀୟ ସେବା ନିବୃତ୍ତ ପ୍ରଶାସନିକ ଅଧିକାରୀ (ଆଇଏଏସ୍) ବସନ୍ତ କୁମାର ସ୍ୱାଇଁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସେ ନିଜର ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରାଇ ଛାତ୍ରଛାତ୍ରୀମାନଙ୍କୁ କିଛି ପାଠ ପଢିବା ସହିତ ସମାଜ ପାଇଁ କିଛି ଆଖି ଦୃଷ୍ଟିଆ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ । ବିଦ୍ୟାଳୟର ହେଡବୟ ହେଡଗାର୍ଲଙ୍କ ନେତୃତ୍ୱରେ ଚିତ୍ତାକର୍ଷକ ପରେଡ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମକ ବୋଧ ସଂଗୀତ, ନୃତ୍ୟ, ସାହସିକ ପିରାମିଡର କୌଶଳ ପରିବେଷଣ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ନିକୋଲାସ



ବାର୍ଲୋ ନିଜର ଉଦ୍‌ବୋଧନ ରେ ସ୍ୱାଧୀନତା ଦିବସ ପାଳନର ମହତ୍ତ୍ୱକୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇ. କିଡସ୍ ଉପାଧ୍ୟକ୍ଷା ଶ୍ରୀମତି ସଂଯୁକ୍ତା ଦେବୀ, ଇ. ଚାମ୍ପସର ଉପାଧ୍ୟକ୍ଷା ଶ୍ରୀମତି ରାଜେଶ୍ୱରୀ ମହାନ୍ତି ଓ ଇ. ଟେକନର ଡିନ କୌଶଳ ବୁଦ୍ଧଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା । ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷାଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମଟିରେ ଅନୁଷ୍ଠାନର ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହିତ ସହାୟତା କରିଥିଲେ ।

### ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

## ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି




ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ୧୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କୁମାରବନ୍ଧ ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଜ ରଞ୍ଜନଙ୍କ ସମେତ କୁମାର ବନ୍ଧ ଗ୍ରାମ ପଞ୍ଚାୟତର ସରପଞ୍ଚ କମଳ ଲୋଚନ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ସ୍ଥାନୀୟ ଗ୍ରାହକମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣ କରିବା ପାଇଁ ସେଣ୍ଟ ନାରୀ ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା-କୈନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଉଲ୍ଲେଖନୀୟ ବ୍ୟବସାୟିକ ଫଳାଫଳ ହାସଲ କରିଥିଲା। ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବୀ, ଉଦ୍ୟମ ପଞ୍ଜିକରଣ, ସିକେୱାଇସି ଓ ରିକେୱାଇସିର ଲାଭ ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କୀତ ସୂଚନା ପ୍ରଦାନ କରାଯାଇଥିଲା।

## ହିମାଳୟ ବେବିକେୟାର୍ 'ପିୟୋର ବିଗିନିଂସ୍ ଘି ପ୍ୟାକ୍' ପ୍ରଚଳନ କଲା

ଭୁବନେଶ୍ୱର (ସବ୍ୟୁ): ଶିଶୁମାନେ ଭଲ ପାଉଥିବା ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ବେବି କେୟାର୍ (ଶିଶୁ ଯତ୍ନକାରୀ) ବ୍ରାଣ୍ଡ ହିମାଳୟ ବେବିକେୟାର୍ ତାହାର ନୂତନ ହିମାଳୟ ବେବି ପିୟୋର ବିଗିନିଂସ୍ ଘି ଗିଫ୍ଟ ପ୍ୟାକ୍ ନିମନ୍ତେ ଏକ ନୂତନ ଏଆଇ ଆଧାରିତ ଡିଭିସି ଶୁଭାରମ୍ଭ କରିଛି, ଯାହା ପ୍ରଯୁକ୍ତି ଭିତ୍ତିକ କାହାଣୀ କଥନ, ସାଂସ୍କୃତିକ ପ୍ରାସଙ୍ଗିକତା ଏବଂ ଅଗ୍ରଣୀ ଉତ୍ପାଦ ଅବସ୍ଥିତିର ସମ୍ମିଶ୍ରଣ ଜରିଆରେ ପରିବର୍ତ୍ତନଶୀଳ ନବଜାତକ ଉପହାର ବର୍ଗରେ ନିଜର ଉପସ୍ଥିତିକୁ ସୁଦୃଢ଼ କରୁଛି। ନବଜାତକମାନଙ୍କୁ ଉପହାର ଦେବା ଭାରତୀୟ ପରିବାରଗୁଡିକରେ ଗଭୀର ଭାବରେ ଭାବପ୍ରବଣ ଏବଂ ପ୍ରତୀକାତ୍ମକ ବୋଲି ଅନ୍ତର୍ଦୃଷ୍ଟିକୁ ନେଇ ପରିକଳ୍ପନା କରାଯାଇଥିବା ଏହି ପ୍ରଚାର ଅଭିଯାନ ଏକ ଆଧୁନିକ ପ୍ରଚକ୍ଷୁ ଜରିଆରେ ପାରମ୍ପରିକ ଶିଶୁ ଉପହାର ପ୍ରଦାନ ବ୍ୟବସ୍ଥାକୁ ପୁନଃ ରୂପାୟିତ କରୁଛି। ଏହି ପ୍ରଚାର ଅଭିଯାନ ହିମାଳୟ ବେବି ପିୟୋର ବିଗିନିଂସ୍ ଘି ଗିଫ୍ଟ ପ୍ୟାକ୍‌କୁ ଆଧୁନିକ ପରିବାରଗୁଡିକ ଆବଶ୍ୟକ କରୁଥିବା ବିଶ୍ୱସନୀୟ, କୋମଳ ଏବଂ ଅର୍ଥପୂର୍ଣ୍ଣ ଶିଶୁ ଯତ୍ନକାରୀ ଉପହାର ଭାବରେ ଏକ ଚିନ୍ତନଶୀଳ ଏବଂ ଅଗ୍ରଣୀ ଉପହାର ସମାଧାନ ଆକାରରେ ଉପସ୍ଥାପିତ କରୁଛି। କୋମଳ, ଭାବପ୍ରବଣ ଭାବରେ ସଂଯୁକ୍ତ ଦୃଶ୍ୟାବଳୀ ଜରିଆରେ ଏହି ବିଜ୍ଞାପନ ଚଳଚ୍ଚିତ୍ର, ସାମ୍ପ୍ରତିକ ସମୟରେ ନବଜାତକକୁ ଉପହାର ଦେବା କିଭଳି ଅଧିକରୁ ଅଧିକ ବ୍ୟବହାର୍ଯ୍ୟ ଆଧାରିତ କ୍ରୟର ଉର୍ଦ୍ଧ୍ୱକୁ ଯାଇ ଯତ୍ନ, ଭାବପ୍ରବଣତା ଏବଂ ସଚେତନ ଅଭିଭାବକତ୍ୱର ସମ୍ପ୍ରସାରଣ ହୋଇଛି, ତାହା ପ୍ରଦର୍ଶିତ କରୁଛି। ଏଆଇ ପରିଚାଳିତ ସୃଜନଶୀଳତା ବ୍ୟବହାର ସହିତ ଏହି ଡିଭିସି, ହିମାଳୟ ବେବିକେୟାର୍‌ର ଡିଜିଟାଲ ପଦ୍ଧତିରେ ସଂଯୁକ୍ତ ପିତା ମାତାମାନଙ୍କ ସହିତ ମଜଭୁତ ନିୟୋଜନତାକୁ ଆଗେଇନେବା ନିମନ୍ତେ ସମକାଳୀନ ବିଷୟବସ୍ତୁ ଏବଂ ନବୋନ୍ମେଷୀ କାହାଣୀ କଥନ ଆଭିମୁଖ୍ୟ ଆପଣାଇବା ଉପରେ ନିରନ୍ତର ଦୃଷ୍ଟିନିବଦ୍ଧତାକୁ ପ୍ରତିଫଳିତ କରୁଛି।

## ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର (ସବ୍ୟୁ): ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନଏସଆଇ) ସୁକିନ୍ଦା , ଯାଜପୁର ରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି । ପ୍ରତିଷ୍ଠାନର ନିର୍ଦ୍ଦେଶକ ଇଂଜିନିୟର ଶ୍ରୀ ଜ୍ୟୋତିପ୍ରକାଶ ମଲିକ ଜାତୀୟ ପତାକା ଉତୋଳନ କରିଥିଲେ । ଜାତୀୟ ସଙ୍ଗୀତ ପରିବେଷଣ ପରେ ନିର୍ଦ୍ଦେଶକ ଶ୍ରୀ ମଲିକ ପ୍ରଥମେ ସେ ତାଙ୍କ ଅଭିଭାଷଣରେ ବୀର, ଶହିଦ , ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସାହସ, ତ୍ୟାଗ ଓ ବଳିଦାନ ପାଇଁ ତାଙ୍କର ସ୍ମୃତି ଚାରଣ କରିବା ସହିତ ଶତକୋଟି ନମନ କରିଥିଲେ । ମହାତ୍ମା ଗାନ୍ଧି, ନେତାଜୀ ସୁବାସ ଚନ୍ଦ୍ର ବୋଷ , ଝାନସୀ ରାଣୀ



ଲକ୍ଷ୍ମୀବାଇ, ବାଜି ରାଉତ, ବୀର ସୁରେନ୍ଦ୍ର ସାଏ ଓ ଶହିଦ ଲକ୍ଷ୍ମଣ ନାୟକ ଆଦି ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଦେଶ ପ୍ରେମ , ସଂଘର୍ଷ, ଆନ୍ଦୋଳନ ଓ ବଳିଦାନ ପାଇଁ ଆମେ ସ୍ୱାଧୀନତା ହାସଲ କରିଛେ ବୋଲି ମତ ବ୍ୟକ୍ତ କରିଥିଲେ ।

ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନଆଗାମି ଦିନରେ କିପରି ଏକ ବିଶ୍ୱ ସ୍ତରୀୟ ଅନୁଷ୍ଠାନରେ ପରିଣତ ହେବ ,ସେ ସମସ୍ତ କର୍ମଚାରୀ ମାନଙ୍କର ଆନ୍ତରିକ ସାହାଯ୍ୟ ସହଯୋଗ କାମନା କରିଥିଲେ । ଏହି ପରିପ୍ରେକ୍ଷିରେ ଅନୁଷ୍ଠାନର ବରିଷ୍ଠ ସହାୟକ ପ୍ରାଧ୍ୟାପକ ସତ୍ୟପ୍ରିୟ ଶତପଥି ତାଙ୍କ ବକ୍ତବ୍ୟ ପ୍ରସଙ୍ଗରେ ଅନୁଷ୍ଠାନର ଛାତ୍ର ମାନେ ଜେଏସଏଲ, ଟାଟା ଷ୍ଟିଲରେ ତାଙ୍କର ଭାଗିଦାରିତା କିପରି ଇଷ୍ପାତ ଶିଳ୍ପ ସମୃଦ୍ଧିରେ ସହାୟକ ହେବ ମତ ରଖିଥିଲେ । ପରେ ପରେ ଅନୁଷ୍ଠାନର ଟ୍ରେନର ମନୋଜ କୁମାର ଷଢ଼ଙ୍ଗୀ ଆଲୋଚନାରେ ଭାଗନେଇ କହିଥିଲେ ଯେ ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ବଳିଷ୍ଠ ନେତୃତ୍ୱ , ଦିଗଦର୍ଶନ, ପରାମର୍ଶ , ପ୍ରୋତ୍ସାହନ ଓ ଆମର ଶିକ୍ଷାଦାନ ଛାତ୍ର ମାନଙ୍କର ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ । ପରିଶେଷରେ ଉତ୍ସବକୁ ପରିଚାଳନା କରୁଥିବା ଉପ ବିଭାଗ ଅଧିକାରୀ କିଶୋର ଚନ୍ଦ୍ର ଖିଲାର କହିଥିଲେ ଯେ ଏକ ସଶକ୍ତ ,ବିକଶିତ ଓ ସମୃଦ୍ଧ ଭାରତ ଗଢ଼ିବାରେ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ର ଅବଦାନ କିପରି ଅତୁଟ ଓ ଅକ୍ଷୁର୍ଣ୍ଣ ରହିବ ସେ ସମସ୍ତ କର୍ମଚାରୀ ମାନଙ୍କର ଆନ୍ତରିକ ସାହାଯ୍ୟ ସହଯୋଗ କାମନା କରିଥିଲେ ।

## କାବେରୀ ଜଳ ବିବାଦ

# କର୍ଣ୍ଣାଟକକୁ ନିର୍ଦ୍ଦେଶ ପାଳନ କରିବାକୁ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟକର୍ଣ୍ଣାଟକ ସରକାରଙ୍କୁ ତାମିଲନାଡୁକୁ କାବେରୀ ଜଳ ଛାଡିବା ସମ୍ପର୍କରେ କାବେରୀ ଜଳ ପରିଚାଳନା ପ୍ରାଧିକରଣ(ସିଡବ୍ଲୁଏମଏ) ର ନିର୍ଦ୍ଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଜଳ ଛାଡିବା ନିର୍ଦ୍ଦେଶ ମାମଲାରେ ତାମିଲନାଡୁର ଆବେଦନର ଶୁଣାଣି ପାଇଁ ଅଗଷ୍ଟ ୨୪ ତାରିଖ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ଜଳ ଛାଡିବାର ବର୍ତ୍ତମାନର ସ୍ଥିତି କୋର୍ଟରେ ଉପସ୍ଥାପନ କରାଯିବା ପରେ ଏହି ମାମଲାର ଶୁଣାଣି କରାଯିବ। ଶୁଣାଣି



ସମୟରେ, ତାମିଲନାଡୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଏସ ବୈଦ୍ୟନାଥନ ଯୁକ୍ତି ଦେଇଥିଲେ ଯେ, କର୍ଣ୍ଣାଟକ ସିଡବ୍ଲୁଏମଏର ନିର୍ଦ୍ଦେଶ ପାଳନ କରୁନାହିଁ ଏବଂ ରାଜ୍ୟର ଚାଷୀ ଆବଶ୍ୟକ ପାଣି ପାଉନାହାନ୍ତି। ଅନ୍ୟପକ୍ଷରେ, କର୍ଣ୍ଣାଟକର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନ, ତାମିଲନାଡୁର ଦାବିକୁ ଖଣ୍ଡନ କରି କହିଛନ୍ତି,ପ୍ରାଧିକରଣଙ୍କ ପ୍ରାରମ୍ଭିକ ନିର୍ଦ୍ଦେଶ ଅନୁଯାୟୀ କର୍ଣ୍ଣାଟକକୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ୧୫ ଦିନ ପାଇଁ ପ୍ରତିଦିନ ୩,୫୦୦ କ୍ୟୁସେକ୍ ଜଳ ଛାଡିବାକୁ ବାଧ କରାଯାଇଥିଲା, ଯାହା ରାଜ୍ୟ ପୂରଣ କରିଛି ଏବଂ ବାସ୍ତବରେ ଏହି ସମୟ ମଧ୍ୟରେ ଯଥେଷ୍ଟ ଅଧିକ ଜଳ ଛାଡି ଧାର୍ଯ୍ୟ ସୀମାକୁ ଅତିକ୍ରମ ମଧ୍ୟ କରିଛି।ଦିବାନ ଖଣ୍ଡପୀଠଙ୍କୁ କହିଥିଲେ ଯେ ସୋମବାର ସକାଳେ ଜଳ ପ୍ରବାହ ୧୨,୬୦୭ କ୍ୟୁସେକକୁ ବୃଦ୍ଧି ପାଇଛି ଏବଂ ଜଳଭଣ୍ଡାର ଗେଟ୍ଗୁଡ଼ିକ ଖୋଲାଯାଇଛି ଏବଂ ରାଜ୍ୟ ସମ୍ମୁଖୀନ ହେଉଥିବା ଅସୁବିଧା ସତ୍ତ୍ୱେ କର୍ଣ୍ଣାଟକ ୧୨,୦୦୦ କ୍ୟୁସେକର ସିଡବ୍ଲୁଏମଏ-ନିର୍ଦ୍ଦେଶିତ ଜଳ ପ୍ରବାହ ବଜାୟ ଜାରି ରଖିବାକୁ ଚେଷ୍ଟା କରିବ।

# ହାତୀଙ୍କ ଯିବାଆସିବା ରାସ୍ତା ବନ୍ଦ ହେବ ନାହିଁ

ନୂଆଦିଲ୍ଲୀ : ହାତୀ କରିଡର ସମ୍ପର୍କରେ ସୁପ୍ରିମକୋର୍ଟରାଜ୍ୟଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। କୋର୍ଟ କହିଛନ୍ତି ଯେ, ହାତୀ ଫସଲ କ୍ଷତି କରୁଥିବାର ବାହାନା ଦେଖାଇ ସେମାନଙ୍କ ଯିବା ଆସିବା ବାଟରେ ବାଧା ସୃଷ୍ଟି କରାଯାଇପାରିବ ନାହିଁ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ବନ୍ୟପ୍ରାଣୀଙ୍କ ପାଇଁ କୌଣସି ବାଧା ସୃଷ୍ଟି ହେବା ଉଚିତ୍ ନୁହେଁ। ହାତୀ ପଲ ବହୁତ ଦୂର ଯାତ୍ରା କରନ୍ତି, ଏବଂ ଏହା ସେମାନଙ୍କର ସ୍ୱାଭାବିକ ଅଭ୍ୟାସ। ହାତୀ ଫସଲ ନଷ୍ଟ କରୁଥିବା କାରଣରୁ କୌଣସି ରାଜ୍ୟ ସରକାର ସେମାନଙ୍କ ପଥ ଅବରୋଧ କରିବାକୁ ଅନୁମତି ଦେଇପାରିବେ ନାହିଁ।ସୁପ୍ରିମକୋର୍ଟ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ଦେଶର ବିଭିନ୍ନ ରାଜ୍ୟରେ ହାତୀ କରିଡରର ନୂତନ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରଣାଳୟକୁ ଏହି ରାସ୍ତାଗୁଡ଼ିକରେ ଯେକୌଣସି ପ୍ରତିବନ୍ଧକ ଏବଂ ହାତୀଙ୍କ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ରିପୋର୍ଟ କରିବାକୁ ପଡିବ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ପରିବେଶ ମନ୍ତ୍ରଣାଳୟ ପୂର୍ବରୁ ହାତୀଙ୍କ ନିରାପଦ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ଜାରି କରିସାରିଛନ୍ତି। ମାତ୍ର ସ୍ଥାନୀୟ କାରଣଗୁଡ଼ିକ ଯୋଗୁଁ ଅନେକ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଉଛି।ହାତୀ ଘଉଡ଼ାଇବା ପାଇଁ କେଉଁଠାରେ ଏବଂ କିପରି ଗୁଳିଚାଳନା କିମ୍ବା ଅନ୍ୟାନ୍ୟ କଠୋର ପଦ୍ଧତି ବ୍ୟବହାର କରାଯାଉଛି ତାହାର ସୂଚନା ଦେବାକୁ ମଧ୍ୟ ସୁପ୍ରିମକୋର୍ଟ ମନ୍ତ୍ରଣାଳୟକୁ କହିଛନ୍ତି। ଶୁଣାଣି ସମୟରେ, ଆଇନଜୀବୀ କହିଥିଲେ ବେଳେବେଳେ ଲୋକଙ୍କ ଭିଡ଼ ଦ୍ୱାରା ହାତୀମାନଙ୍କୁ ଘଉଡ଼ା ଯାଇଥାଏ, ଯାହା ପରିସ୍ଥିତିକୁ ଆହୁରି ଖରାପ କରିଥାଏ। ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ ହାତୀମାନଙ୍କ ସ୍ୱାଭାବିକ ଗତିବିଧି ସମୟରେ ଗୁଳିଚାଳନା ଭଳି ପଦ୍ଧତି ବ୍ୟବହାରକୁ ରୋକିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ହାତୀ ଘଉଡ଼ାଇବା ପାଇଁ ବାଜା ବଜାଇ ନିଆଁ ହୁଳା ଧରି ଲୋକଙ୍କ ଭିଡ଼ ଉପରେ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ରହିଥିବା ମଧ୍ୟ ସେ କହିଥିଲେ। ସିଜେଆଇ କହିଛନ୍ତି ଯେ, ଏନେଇ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଉଚିତ୍ ଏବଂ ପଦକ୍ଷେପଗୁଡ଼ିକ ବିଷୟରେ କୋର୍ଟକୁ ଅବଗତ କରାଯିବା ଉଚିତ୍।

# ବିଜେପି ଆଇଟି ସେଲରୁ ଅମିତ ମାଲବ୍ୟ ବିଦା

ନୂଆଦିଲ୍ଲୀ : ବିଜେପି ଜାତୀୟ ସଭାପତି ନୀତିନ ନବୀନ ସୋମବାର ତାଙ୍କର ନୂଆ ଟିମ୍ ଘୋଷଣା କରିଛନ୍ତି। ବଡ଼ ସାଂଗଠନିକ ଅଦଳବଦଳରେ ବିଜେପି ସୋମବାର ଅମିତ ମାଲବ୍ୟଙ୍କୁ ଦଳର ଆଇଟି (ସୂଚନା ଓ ପ୍ରଯୁକ୍ତି ବିଦ୍ୟା) ଓ ସାମାଜିକ ଗଣମାଧ୍ୟମ ବିଭାଗର ମୁଖ୍ୟ ପଦରୁ ହଟାଇ ଦେଇଛି। ଏହାଦ୍ୱାରା ମାଲବ୍ୟଙ୍କର ୧୧ ବର୍ଷର କାର୍ଯ୍ୟକାଳର ଅନ୍ତ ଘଟିଛି। ଛତିଶଗଡ଼ର ରସାୟନ ବିଜ୍ଞାନ ପ୍ରଫେସର ତଥା ବିଜେପି ନେତା ଦୀପକ ମହସ୍କେଙ୍କୁ ସୋସିଆଲ ମିଡିଆ ବିଭାଗର ନୂତନ ସଂଯୋଜକ ଭାବରେ ନିଯୁକ୍ତ କରାଯାଇଛି। ଏହାସହିତ



ମହାରାଷ୍ଟ୍ରର ପ୍ରୀତି ଗାନ୍ଧୀ, ଦିଲ୍ଲୀର ଶିବାନନ୍ଦ ଦ୍ୱିବେଦୀ, ଉତ୍ତରାଖଣ୍ଡର ଆଲୋକ ଭଟ୍ଟ ଓ ହରିୟାଣାର ଅରୁଣ ଯାଦବ ସୋସିଆଲ ମିଡିଆ ସହ-ସଂଯୋଜକ ଭାବରେ ନିଯୁକ୍ତ ହୋଇଛନ୍ତି। ୨୦୧୫ରେ ତତ୍କାଳୀନ ବିଜେପି ସଭାପତି ଅମିତ ଶାହଙ୍କ ନେତୃତ୍ୱରେ ଦଳର ଆଇଟି ଓ ସୋସିଆଲ ମିଡିଆ ମୁଖ୍ୟ ଭାବରେ ନିଯୁକ୍ତ ହୋଇଥିବା ମାଲବ୍ୟ ନବନିଯୁକ୍ତ ପଦାଧିକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ତାଙ୍କ ଉତ୍ତରାଧିକାରୀ ଭାବରେ ମହସ୍କେଙ୍କୁ ସ୍ୱାଗତ କରିଥିଲେ।ମହସ୍କେ ଛତିଶଗଡ଼ ବିଜେପିରେ ସାଂଗଠନିକ ଓ ଗଣମାଧ୍ୟମ କାର୍ଯ୍ୟକଳାପରେ ସକ୍ରିୟ ଅଛନ୍ତି ତଥା ବିଜେପିର ଜାତୀୟ ମୁଖପାତ୍ର ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କୁ ସମ୍ପ୍ରତି ଛତିଶଗଡ଼ ମେଡିକାଲ୍ ସର୍ଭିସେସ୍ କର୍ପୋରେସନର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ତାଙ୍କର ଜାତୀୟ ସ୍ତରୀୟ ସଂଗଠନିକ ଭୂମିକାରେ ନିଯୁକ୍ତିକୁ ଛତିଶଗଡ଼ର ଜଣେ ନେତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ରାଜ୍ୟ ୟୁନିଟ୍ ପାଇଁ ଏକ ପ୍ରୋତ୍ସାହନ ଭାବରେ ଦେଖାଯାଉଛି। କୃଷି ଓ ଉଦ୍ୟାନ କୃଷି, ନିର୍ବାଚନ-ତଥ୍ୟ ବିଶ୍ଳେଷଣ, ସରକାରୀ କମ୍ପାନୀରେ ବୋର୍ଡ ପଦବୀ ଓ ଛତିଶଗଡ଼ ସରକାରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ମହସ୍କେ ଅଛନ୍ତି।

# ଭାରତୀୟ ଦେଶଭକ୍ତି ଗୀତରେ ଉଡ଼ିଲା ପାକିସ୍ତାନୀ ପତାକା!

ନୂଆଦିଲ୍ଲୀ : ଭାରତୀୟ ଦେଶଭକ୍ତି ଗୀତ ବାଜୁଛି... ଆଉ ସେହି ଗୀତର ତାଳେ ତାଳେ ଲହରାଉଛି ପାକିସ୍ତାନୀ ପତାକା ! ଦୃଶ୍ୟଟି ଦେଖିଲେ ହୁଏତ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ। ପାକିସ୍ତାନର ସ୍ୱାଧୀନତା ଦିବସ ଅବସରରେ କିଛି ପାକିସ୍ତାନୀ ଅଭିନେତ୍ରୀଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଜୋରଦାର ଭାବେ ଭାଇରାଲ୍ ହେଉଛି। ଭିଡିଓରେ ପାକିସ୍ତାନୀ ପତାକା ହାତରେ ଧରି ଅଭିନେତ୍ରୀମାନେ ଉତ୍ସବ ପାଳନ କରୁଥିବା ବେଳେ ପଛରେ ବାଜୁଛି ଭାରତୀୟ ଦେଶଭକ୍ତି ଗୀତ। ଆଉ ଏହାକୁ ନେଇ ଉଭୟ ଦେଶର ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା ଓ ଟ୍ରୋଲିଂ। ପାକିସ୍ତାନରେ ପ୍ରତିବର୍ଷ ଅଗଷ୍ଟ ୧୪ରେ ସ୍ୱାଧୀନତା ଦିବସ ବା 'ୟୌମ୍-ଏ-ଆଜାଦି' ପାଳନ କରାଯାଏ। ଏହି ଦିନ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସେଲିବ୍ରିଟି ପର୍ଯ୍ୟନ୍ତ ସମସ୍ତେ ଦେଶପ୍ରେମର ରଙ୍ଗରେ ରଙ୍ଗିଯାଆନ୍ତି। କିନ୍ତୁ ଏଥର





କିଛି ପାକିସ୍ତାନୀ ଅଭିନେତ୍ରୀଙ୍କ ଏକ ଭିଡିଓ ନୂଆ ବିବାଦ ସୃଷ୍ଟି କରିଛି । ଭାଇରାଲ୍ ଭିଡିଓରେ ପାଞ୍ଚ ଜଣ ଅଭିନେତ୍ରୀ ପାକିସ୍ତାନୀ ପତାକା ଧରି ନାଚୁଥିବା ଦେଖାଯାଉଛି। କିନ୍ତୁ ଭିଡିଓର ପଛରେ ଯେଉଁ ଗୀତ ବାଜୁଛି, ତାହା ହେଉଛି ଆଲିଆ ଭଟ୍ଟ ଅଭିନୀତ ବଲିଉଡ୍ ଫିଲ୍ମ 'ରାଜି'ର ଲୋକପ୍ରିୟ ଗୀତ 'ଏ ୱତନ, ୱତନ ମେରେ, ଆବାଦ୍ ରହେ ତୁ...'। ଏହି ଗୀତଟି ଭାରତୀୟ ଦେଶଭକ୍ତି ଗୀତ ଭାବେ ବେଶ୍ ଲୋକପ୍ରିୟ। ତେବେ ଏଠାରେ କହିଦେଉଛି ଯେ, ଏହା ଭାରତର ଜାତୀୟ ସଙ୍ଗୀତ ନୁହେଁ, ବରଂ ଏକ ଭାରତୀୟ ଚଳଚ୍ଚିତ୍ରର ଦେଶଭକ୍ତି ଗୀତ। ତଥାପି ପାକିସ୍ତାନର ସ୍ୱାଧୀନତା ଦିବସ ଭଳି ଅବସରରେ ଏହି ଗୀତ ବ୍ୟବହାର ହେବା ଘଟଣାକୁ ନେଇ ପ୍ରଶ୍ନ ଉଠିଛି। ଭିଡିଓଟି ଭାଇରାଲ୍ ହେବା ପରେ ପାକିସ୍ତାନୀ ସୋସିଆଲ ମିଡିଆରେ ମଧ୍ୟ ଏହାକୁ ନେଇ ଆପତ୍ତି ଦେଖାଯାଇଛି। ଅନ୍ୟପଟେ, ଭାରତୀୟ ସୋସିଆଲ ମିଡିଆରେ ମଧ୍ୟ ଏହି ଭିଡିଓକୁ ନେଇ ବିଭିନ୍ନ ପ୍ରତିକ୍ରିୟା ଆସୁଛି। କିଛି ୟୁଜର ଏହାକୁ ମଜାଦାର ଭୁଲ୍ ବୋଲି କହିଛନ୍ତି । ତେବେ ଏହି ଭିଡିଓ ଜାଣିଶୁଣି ପ୍ରସ୍ତୁତ କରାଯାଇଥିଲା ନା ଗୀତ ଚୟନ କରିବା ବେଳେ ଭୁଲ୍ ହୋଇଥିଲା, ତାହା ସ୍ପଷ୍ଟ ନୁହେଁ । ଏବେ ଦେଖିବାର କଥା, ଏହି ଭାଇରାଲ୍ ଭିଡିଓକୁ ନେଇ ଅଭିନେତ୍ରୀମାନଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଆସୁଛି କି ନାହିଁ।

# ରାଞ୍ଚି ଛାତ୍ର ଆନ୍ଦୋଳନ : ସୋରେନଙ୍କୁ ଚିଠି ଲେଖିଲେ ରାହୁଲ

ନୂଆଦିଲ୍ଲୀ : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରାଞ୍ଚିରେ ଛାତ୍ର ପ୍ରତିବାଦ ସମ୍ପର୍କରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଚିଠି ଲେଖିଛନ୍ତି। ସେ ପରାମର୍ଶ ଦେଇଛନ୍ତି ଯେ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ସହିତ ସାକ୍ଷାତ କରି ଝାଡ଼ଖଣ୍ଡ ସରକାରଙ୍କ ସମସ୍ୟାର ସମାଧାନ କରନ୍ତୁ। କଂଗ୍ରେସ ଦଳ ବିଶ୍ୱାସ କରେ ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ଗଣତନ୍ତ୍ରର ମୂଳ ସ୍ତମ୍ଭ ମଧ୍ୟରୁ ଗୋଟିଏ। ଝାଡ଼ଖଣ୍ଡର ଛାତ୍ରମାନେ ରାଜ୍ୟ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ପ୍ରତିବାଦ କରୁଛନ୍ତି। ସେମାନଙ୍କର ପ୍ରତିବାଦ ଶାନ୍ତିପୂର୍ଣ୍ଣ ଏବଂ ସେମାନଙ୍କର ଦାବି ଯଥାର୍ଥ। କିଛି ଛାତ୍ର ଅନଶନରେ ଅଛନ୍ତି। ଆପଣ ପ୍ରତିବାଦ କରୁଥିବା ଛାତ୍ରଙ୍କ ପ୍ରତିନିଧିମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ସାକ୍ଷାତ କରନ୍ତୁ। ଦୟାକରି ପ୍ରତିବାଦ କରୁଥିବା ଛାତ୍ରମାନଙ୍କ କଥା ଶୁଣିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତୁ ଏବଂ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ।ଗତ



କିଛି ମାସ ଧରି, ଆମେ ପେପର ଲିକ୍ ଏବଂ ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ବିରୋଧରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କୁ ଆମର ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛୁ। ଆମେ ଏହା ମଧ୍ୟ ବିଶ୍ୱାସ କରୁ ଯେ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଆରଏସଏସ ଏବଂ ବିଜେପି ଦ୍ୱାରା ଅପହରଣ କରାଯାଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ଶୋଷଣ ଏବଂ ଅତ୍ୟାଚାରର ଏକ ଉପକରଣରେ ପରିଣତ କରାଯାଇଛି। ଏହା ଦଶନ୍ଧି ପୂର୍ବର ବ୍ୟବସ୍ଥା ନୁହେଁ।ଆପଣ ଗଠନ କରିଥିବା ଏକ କମିଟି ମାଧ୍ୟମରେ ଝାଡ଼ଖଣ୍ଡ ସରକାର ସେମାନଙ୍କ ସହିତ ଆଲୋଚନା ଆରମ୍ଭ କରିଥିବାରୁ ମୁଁ ଧନ୍ୟବାଦ ଜଣାଉଛି। ମୁଁ ବିଶ୍ୱାସ କରେ ଯେ ଛାତ୍ରଙ୍କ ଅନେକ ଦାବି ଉପରେ ସହମତି ହୋଇଛି। ତଥାପି, ପ୍ରତିବାଦ ଜାରି ରହିଛି ଏବଂ କିଛି ଛାତ୍ର ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଛନ୍ତି । ଭାରତର ଯୁବପିଢ଼ି ଦେଶର ଭବିଷ୍ୟତ। ଏହି ସଙ୍କଟ ସମୟରେ ଆମକୁ ସେମାନଙ୍କ ସହିତ ଏକତା ପ୍ରଦର୍ଶନ କରିବା ଏବଂ ସେମାନଙ୍କୁ ସମର୍ଥନ କରିବା ଉଚିତ।

# ଗୁଗଲ୍ କ୍ରୋମ୍ ପ୍ରତି ହ୍ୟାକିଂ ବିପଦ

ନୂଆଦିଲ୍ଲୀ: ଗୁଗଲ କ୍ରୋମ୍ ପ୍ରତି ବଡ଼ ଧରଣର ହ୍ୟାକିଂ ବିପଦ ଥିବା ସରକାରଙ୍କ ଇଣ୍ଡିଆନ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍ପନ୍ସ ଟିମ୍ (ସିଇଆର୍ଟି-ଇନ୍) ପକ୍ଷରୁ ବ୍ୟବହାରକାରୀମାନଙ୍କୁ ସତର୍କ କରାଯାଇଛି। ବିଶେଷ କରି ଡେସ୍କଟପରେ କ୍ରୋମ୍ ବ୍ୟବହାର କରୁଥିବା ଲୋକମାନଙ୍କ ପ୍ରତି ହ୍ୟାକିଂର ଅଧିକ ବିପଦ ରହିଛି। ସେଥିରେ ଥିବା ଦୁର୍ବଳତାକୁ ଉପଯୋଗ କରି ହ୍ୟାକରମାନେ ଯେକୌଣସି ସ୍ଥାନରେ ରହି ଆକ୍ରମଣ କରିପାରିବେ। ଏହି ସତର୍କତା ଗୁଗଲର ୱିଣ୍ଡୋ, ମ୍ୟାକ୍ଓଏସ୍ ଓ ଲିନକ୍ସ ବ୍ୟବହାରକାରୀମାନଙ୍କ ଉପରେ ମଧ୍ୟ ଲାଗୁ ହେଉଛି। ସୁରକ୍ଷା ଅଭାବକୁ ଦୂର କରିବା ଲାଗି ତୁରନ୍ତ କ୍ରୋମକୁ ଅପଡେଟ୍ କରିବାକୁ ସିଇଆର୍ଟି-ଇନ୍ ପକ୍ଷରୁ କୁହାଯାଇଛି। ଗୁଗଲ କ୍ରୋମର ଭି୮, ଟ୍ୟାବଷ୍ଟ୍ରିପ୍, ଏଚଟିଏମ୍ଏଲ୍, ଏକ୍ସଟେନ୍ସନ୍ ଓ ବ୍ଲିଙ୍କରେ ସମସ୍ୟା ରହିଛି।

# ସ୍ୱରେଜ କାମ ବେଳେ ମିଳିଲା ୯୮ କୋଟିର ସୁନା ଓ ବିରଳ ମୁଦ୍ରା



ବ୍ରସେଲ୍ସ : ସ୍ୱରେଜ ଲାଇନ କାମ ବେଳେ ମିଳିଛି ଗୁପ୍ତ ସମ୍ପତ୍ତିର ସନ୍ଧାନ। ମରାମତି ବେଳେ ମାଟି ତଳୁ ମିଳିଛି ଶ୍ରମିକମାନେ ଠାବ କରିଛନ୍ତି ପୁଳାପୁଳା ସୁନା ବାର୍ ଓ ବିରଳ କଏନ। ମାଟି ତଳୁ ବେଲଜିୟମର ଶ୍ରମିକମାନେ ଠାବ କରିଥିବା ଏହି ଜିନିଷଗୁଡ଼ିକର ମୂଲ୍ୟ ପ୍ରାୟ ୯ ନିୟୁତ ୟୁରୋ ବା ଭାରତୀୟ ମୁଦ୍ରାରେ ୯୮ କୋଟି ଟଙ୍କା ହେବ। ବେଲଜିୟମର ରାଜଧାନୀ ବ୍ରସେଲ୍ସ ଠାରୁ ୩୦ କିମି ଦୂର ସିଣ୍ଟ-ଗିଲିସ-ଡେଣ୍ଟ୍ରେମୋଣ୍ଡ ଠାରେ ନିୟମିତ ପାଇପ ଅଦଳବଦଳ କାମ ଚାଲିଥିଲା। ମିଇଳା ପାଣି ଯିବା ପାଇଁ ଖୋଳାଖୋଳି ବେଳେ ଏହି ଗୁପ୍ତ ସମ୍ପତ୍ତିର ସନ୍ଧାନ ମିଳିଛିଥିବା ଜଣାପଡ଼ିଛି। ମାଟି ଖୋଳା କାମ ଚାଲୁଥିବା ବେଳେ ପ୍ରଥମେ ଜଣେ ୧୮ ବର୍ଷୀୟ ଶ୍ରମିକ ଏହାକୁ ଦେଖିଥିଲେ। ଏହାପରେ ସେ ନିଜର ସାଥୀମାନଙ୍କୁ ଅବଗତ କରାଇଥିଲେ। ୧୮ ବର୍ଷୀୟ ଶ୍ରମିକ ଜଣଙ୍କ ଗୋଟିଏ ଗଣମାଧ୍ୟମକୁ କହିଛନ୍ତି ଯେ "ମାଟି ଖୋଳା ଚାଲିଥିବା ବେଳେ ସେଠାରେ କିଛି ରହିଥିବା ଦେଖାଯାଇଥିଲା।

# ମୋଦୀଙ୍କ ପାଇଁ ଚାକିରି ଛାଡିଲେ କନଷ୍ଟେବଲ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ପାଗଳ ଗୁଜରାଟର ଜଣେ କାର୍ଯ୍ୟରତ ପୁଲିସ୍ କନଷ୍ଟେବଲ। ମୋଦିଙ୍କ ପାଇଁ ତାଙ୍କ ଭଲ ପାଇବା ଏତେ ବଢ଼ି ଯାଇଛି ଯେ ଶେଷରେ ସେ ପୁଲିସ୍ ଚାକିରିରୁ ଦେଇଛନ୍ତି ଇସ୍ତଫା।ମୋଦିଙ୍କୁ ୨୦୨୯ରେ ପୁଣି ପ୍ରଧାନମନ୍ତ୍ରୀ କରାଇବା ଲକ୍ଷ୍ୟରେ ସେ ପ୍ରତିଜ୍ଞା କରି ପୁଲିସ୍ ଚାକିରି ଛାଡ଼ିଛନ୍ତି। ମୋଦି ୨୦୨୯ରେ ପ୍ରଧାନମନ୍ତ୍ରୀ ନ ହେବା ଯାଏ ସେ କୌଣସି ଚପଲ ପିନ୍ଧିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଏଥିସହ ସରକାରୀ ବିରୋଧୀ ପ୍ରଚାର ବିରୋଧରେ ଲଢ଼େଇ କରିବେ ବୋଲି ମଧ୍ୟ କହିଛନ୍ତି। ନିକଟରେ ଦିଲ୍ଲୀର ଯନ୍ତରମନ୍ତରରେ କକ୍ରୋଚ ଜନତା ପାର୍ଟି(ସିଜେପି) କରୁଥିବା ଆନ୍ଦୋଳନ ବେଳେ ସରକାରୀ ବିରୋଧୀ ପ୍ରଚାର ହୋଇଥିଲା। ଏହାକୁ ଦେଖି ତାଙ୍କ ଅନ୍ତର ଆତ୍ମା ବହୁତ କଷ୍ଟ ପାଇଥିଲା। ଏଥିପାଇଁ ସେ ଚାକିରିରୁ ଇସ୍ତଫା ଦେଇଥିବା କହିବାକୁ ମଧ୍ୟ ପଛାଇ ନାହାନ୍ତି। ଇସ୍ତଫା ଦେଇଥିବା ପୁଲିସ୍ କନଷ୍ଟେବଲ ଜଣଙ୍କ ହେଲେ ରାମଗର ମୋହନଗର ଗୋସାଇ। ସେ ଗାନ୍ଧିଧାମର ଆଦେସର ପୁଲିସ୍ ଷ୍ଟେସନରେ କନଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ଘଟିଥିବା ରାଜୀତିକ ଘଟଣାବଳୀ ତାଙ୍କୁ ବ୍ୟକ୍ତିଗତ ବଳିଦାନ ପାଇଁ ପ୍ରୋତ୍ସାହିତ କରିଥିବା ସେ କହିଛନ୍ତି। ପୁଲିସ୍ ପୋଷାକରେ ସେ ନିଜର ଗୋଟିଏ ଭିଡିଓ ରେକର୍ଡ କରିଛନ୍ତି। ଏଥିରେ ପୁଲିସ୍ ଚାକିରି ପାଇଁ ସେ କେତେ କଠିନ ପରିଶ୍ରମ କରିଥିଲେ, ସେକଥା ବି କହିଛନ୍ତି। ଗୋସାଇ କହିଛନ୍ତି, "ଅନେକ କଠିନ ପରିଶ୍ରମ ଓ ନିଷ୍ଠା ବଳରେ ମୁଁ ଏହି ସରକାରୀ ଚାକିରି ପାଇଥିଲି।"ଏହାପରେ ସେ ସେ ପୁଲିସ୍ ଚାକିରି ଛାଡ଼ିବାର ପ୍ରକୃତ କାରଣ କହିଛନ୍ତି। ବିରୋଧୀ ନେତୃତ୍ୱାଧୀନ ଆନ୍ଦୋଳନ ତାଙ୍କ କ୍ୟାରିୟର ପରିବର୍ତ୍ତନ ନିଷ୍ପତ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଦାବି କରିଛନ୍ତି। ସେ ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦି ଦେଶର ଯୁବଗୋଷ୍ଠୀଙ୍କ ସପକ୍ଷରେ ନେଇଥିବା ନିଷ୍ପତ୍ତି ଗୁଡ଼ିକ ବିଷୟରେ ସମସ୍ତଙ୍କୁ ଜଣାଇଛନ୍ତି।

## ଇସ୍ରାଏଲ ସାଂସଦଙ୍କ ବିବାଦୀୟ ମନ୍ତବ୍ୟ

# ପ୍ରତି ରାତିରେ ୩୦-୪୦ ଜଣଙ୍କୁ ହତ୍ୟା କରାଯିବା ଉଚିତ

ଜେରୁସାଲେମ : ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମେଣ୍ଟର କଠୋରପନ୍ଥୀ ଇସ୍ରାଏଲୀ ସାଂସଦ ଖୋଲାଖୋଲି ଭାବରେ ଗାଜାରେ ପ୍ରତିଦିନ ରାତିରେ ୩୦ ରୁ ୪୦ ଜଣଙ୍କୁ ହତ୍ୟା କରିବାକୁ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଜାତୀୟ ସୁରକ୍ଷା ମନ୍ତ୍ରୀ ଇଟାମାର ବେନ୍-ଗ୍ୱିର୍ ବ୍ରାସ୍ଲାଭସ୍କି ପୋଡକାଷ୍ଟରେ ପୂର୍ବତନ ଗାଜା ବନ୍ଧକ ରୋମ୍ ବ୍ରାସ୍ଲାଭସ୍କିଙ୍କ ସହ କଥାବାର୍ତ୍ତା ସମୟରେ ଏଭଳି ବିବୃତି ଦେଇଛନ୍ତି। ଉଭୟ ୭ ଅକ୍ଟୋବର ୨୦୨୩ରେ ହୋଇଥିବା ହମାସ ଆକ୍ରମଣ ବିଷୟରେ ଆଲୋଚନା କରୁଥିଲେ। ବେନ୍-ଗ୍ୱିର୍ ଗାଜାରେ ଇସ୍ରାଏଲର ସମ୍ପ୍ରତି ଆକ୍ରମଣ କମାଇବାକୁ ସମାଲୋଚନା କରିଥିଲେ। ସେ କହିଛନ୍ତି, ମୁଁ ପ୍ରଧାନମନ୍ତ୍ରୀଙ୍କ ସହ ସହମତ ନୁହେଁ। ମୁଁ ଭାବୁଛି ଗାଜାରେ ଟାର୍ଗେଟ ହତ୍ୟା କରାଯିବା ଉଚିତ୍। ପ୍ରତି ରାତିରେ ଲୋକଙ୍କୁ ହତ୍ୟା



କରାଯିବା ଉଚିତ୍।ପୂର୍ବରୁ, ବେନ୍-ଗଭିର୍ ଏବଂ ଅନ୍ୟାନ୍ୟ ଇସ୍ରାଏଲୀ ଅଧିକାରୀମାନେ ସମାନ ମନ୍ତବ୍ୟ ପାଇଁ କଡ଼ା ସମାଲୋଚନାର ଶିକାର ହୋଇଛନ୍ତି। ଏହି ମନ୍ତବ୍ୟଗୁଡ଼ିକ ମଧ୍ୟରୁ ଅନେକକୁ ଜାତିସଂଘ ବିଶ୍ୱ ଅଦାଲତରେ ନରସଂହାର ଉଦ୍ଦେଶ୍ୟର ପ୍ରମାଣ ଭାବରେ ଉପସ୍ଥାପିତ କରାଯାଇଛି। ତେବେ ଇସ୍ରାଏଲ ଗାଜାରେ ନରସଂହାର କରିବାକୁ ଅସ୍ୱୀକାର କରୁଛି।୨୦୨୩ ମସିହାରେ ହମାସର ନିଷ୍ଠୁର ଆକ୍ରମଣ ପରେ ଇସ୍ରାଏଲୀମାନଙ୍କ ମଧ୍ୟରେ ବେନ୍-ଗ୍ୱିର୍ଙ୍କ ଭଳି ଲୋକମାନେ ଅଧିକ ଲୋକପ୍ରିୟ ହୋଇଛନ୍ତି। ହମାସ ଆକ୍ରମଣରେ ପ୍ରାୟ ୧୨୦୦ ଲୋକ ପ୍ରାଣ ହରାଇଥିଲେ ଏବଂ ୨୫୧ ଜଣଙ୍କୁ ବନ୍ଧକ କରାଯାଇଥିଲା।ବେନ୍-ଗ୍ୱିର୍ ଦେଶର ସାମରିକ ବାହିନୀକୁ ନିୟନ୍ତ୍ରଣ କରନ୍ତି ନାହିଁ ଏବଂ ଗାଜା ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ, କିନ୍ତୁ ଇସ୍ରାଏଲର ଅତି ଦକ୍ଷିଣପନ୍ଥୀ ମଧ୍ୟରେ ଦଶନ୍ଧି ଧରି କାମ କରିବା ପରେ, ସେ ବର୍ତ୍ତମାନ ଦେଶର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ। ଇସ୍ରାଏଲର ସୁରକ୍ଷା ବ୍ୟବସ୍ଥାର ପ୍ରମୁଖ ଅଂଶ, ଦେଶର ଜେଲ୍ ଏବଂ ଜାତୀୟ ପୁଲିସ ବାହିନୀ ପରିଚାଳନା ଉପରେ ତାଙ୍କର ଯଥେଷ୍ଟ ନିୟନ୍ତ୍ରଣ ଅଛି। ପୂର୍ବରୁ ପାଲେଷ୍ଟାଇନୀ କଏଦୀମାନଙ୍କ ପାଇଁ ଖାଦ୍ୟ ରାସନ୍ ହ୍ରାସ କରିବାକୁ ଆହ୍ୱାନ କରିଥିଲେ। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ,ଇସ୍ରାଏଲ ପ୍ରାୟ ପ୍ରତିଦିନ ଗାଜା ଉପରେ ଆକ୍ରମଣ କରୁଛି। ଅକ୍ଟୋବରରେ ଯୁଦ୍ଧବିରାମ ଚୁକ୍ତି କାର୍ଯ୍ୟକାରୀ ହେବା ପରଠାରୁ ଏହି ଆକ୍ରମଣରେ ୧,୨୫୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।

# ଡ୍ରଗ୍ ଟେଷ୍ଟରେ ପଜିଟିଭ୍ ଆଉ ଦୁଇ ଏୟାର ଇଣ୍ଡିଆ ପାଇଲଟ୍

ନୂଆଦିଲ୍ଲୀ : ଏୟାର ଇଣ୍ଡିଆର ସଙ୍କଟ ଶେଷ ହେବାର ନା ଧରୁନି। ଏୟାର ଇଣ୍ଡିଆର ଏକ ବିମାନ ଟର୍ବୁଲାନ୍ସ ଘଟଣା ପରେ, ପାଇଲଟଙ୍କ ବ୍ୟବସ୍ଥାକୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏବେ ଆଉ ଦୁଇ ଜଣ ପାଇଲଟଙ୍କର ଡ୍ରଗ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଛି। ଏହି ଦୁଇ ପାଇଲଟଙ୍କ ଚୂଡ଼ାନ୍ତ ପରୀକ୍ଷା ଫଳାଫଳ ଅପେକ୍ଷାରେ ଥିବା ବେଳେ, ଚୂଡ଼ାନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ଡ୍ୟୁଟି ତଥା ଫ୍ଲାଇଟ୍ ରୋଷ୍ଟରରୁ ହଟାଇ ଦିଆଯାଇଛି। ପ୍ରାରମ୍ଭିକ ଡ୍ରଗ୍ ପରୀକ୍ଷାରେ ଦୁଇ ପାଇଲଟ୍ଙ୍କ ନମୁନା ପରୀକ୍ଷା ପଜିଟିଭ୍ ଆସିଛି। ଚୂଡ଼ାନ୍ତ ପରୀକ୍ଷଣ ରିପୋର୍ଟ ଆସିବାକୁ ୨୪ ରୁ ୪୮ ଘଣ୍ଟା କିମ୍ବା ତା'ଠାରୁ ଅଧିକ ସମୟ ଲାଗିପାରେ। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ହିଁ ଦୁଇ ପାଇଲଟ୍ଙ୍କ ବିରୋଧରେ ପରବର୍ତ୍ତୀ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ସ୍ପଷ୍ଟ ହେବ। ଇତିମଧ୍ୟରେ ଏୟାର ଇଣ୍ଡିଆରେ କାର୍ଯ୍ୟରତ ୫ ହଜାରରୁ ଅଧିକ ପାଇଲଟଙ୍କ ମଧ୍ୟରୁ ୩୦୦ରୁ ଅଧିକ ପାଇଲଟଙ୍କର ଡ୍ରଗ୍ ପରୀକ୍ଷା କରାଯାଇଛି। ପୂର୍ବରୁ, ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ ଟର୍ବୁଲାନ୍ସର ସମ୍ମୁଖୀନ ହେବା ପରେ, ଏୟାର ଇଣ୍ଡିଆ କହିଥିଲା ଯେ, ସମସ୍ତ ପାଇଲଟଙ୍କ ପାଇଁ ଡ୍ରଗ୍ ପରୀକ୍ଷା କରାଯିବ।

# ଚେଇସ୍ତା କୋଚର ନଜ୍ ପୁରସ୍କାର ୨୦୨୬

ନୂଆଦିଲ୍ଲୀ : ଇଣ୍ଡିଆନ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି (ଆଇଏସ୍ପିପି) ଏବଂ ଚେଇସ୍ତା କୋଚର ଫାଉଣ୍ଡେସନର ସହଭାଗିତାରେ ଚେଇସ୍ତା କୋଚର ନଜ୍ ପୁରସ୍କାର ୨୦୨୬ ଅନୁଷ୍ଠିତ ହୋଇଥିଲା । ଗ୍ରାମାଂଚଳ ଏବଂ ସ୍ୱଳ୍ପ ଆୟକାରୀ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନକୁ ମଜବୁତ କରିବାରେ ସାହାଯ୍ୟ କରିବା ପାଇଁ ହ୍ୱାଟ୍ସଆପ୍, ଏସ୍ଏମ୍ଏସ୍ ଏବଂ ସ୍ୱୟଂଚାଳିତ କଲ୍ ମାଧ୍ୟମରେ, ପାଠ୍ୟକ୍ରମ-ସଂଯୁକ୍ତ ମାଇକ୍ରୋ-ଲର୍ଣ୍ଣିଂ ବ୍ୟବହାର କରୁଥିବା ଏକ ସରକାରୀ ଡିଜିଟାଲ୍ ପ୍ୟାରେଂଟାଲ୍ ଏନଗେଜମେଂଟ ପ୍ରୋଗ୍ରାମ "ପ୍ରକାଶକ' ପାଇଁ ଓଡିଶାର ବିନାୟକ ଆଚାର୍ଯ୍ୟଙ୍କ ପ୍ରତିନିଧିତ୍ୱ କରୁଥିବା ଥିଙ୍କଜୋନ୍ କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ନୀତି ନିର୍ମାତା, ଆଚରଣଗତ ବୈଜ୍ଞାନିକ, ଶିକ୍ଷାବିତ୍, ସାମାଜିକ ଉଦ୍ୟୋଗୀ ଏବଂ ଜନନେତାମାନଙ୍କୁ ଏକତ୍ରିତ କରି ବ୍ୟାବହାରିକ ବିଜ୍ଞାନର ଅଭିନବ ପ୍ରୟୋଗକୁ ପାଳନ କରିବା ପାଇଁ ଏକତ୍ରିତ ହୋଇଥିଲେ ଯାହା ସମଗ୍ର ଭାରତରେ ବାସ୍ତବ ବିଶ୍ୱ ସାର୍ବଜନୀନ ନୀତି ଏବଂ ବିକାଶ ଆହ୍ୱାନର ସମାଧାନ କରିଥାଏ । ନୀତି ନିର୍ଦ୍ଧାରଣରେ ବ୍ୟାବହାରିକ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରି ଡକ୍ଟର ଅଶୋକ ଲାହିରୀ କହିଛନ୍ତି, "ସାର୍ବଜନୀନ ନୀତିରେ ଭାରତର ପରବର୍ତ୍ତୀ ଦିଗ କେବଳ ଉନ୍ନତ ଯୋଜନା ପ୍ରସ୍ତୁତ କରିବା ନୁହେଁ, ବରଂ ନାଗରିକମାନେ ପ୍ରକୃତରେ କିପରି ବ୍ୟବହାର କରୁଛନ୍ତି ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା । ବ୍ୟକ୍ତିଗତ ସ୍ୱାଧୀନତା ଛଡ଼ାଇ ନନେଇ ପସନ୍ଦ ଉପସ୍ଥାପନ କରିବାର ପଦ୍ଧତିକୁ ସୂକ୍ଷ୍ମ ଭାବରେ ପରିବର୍ତ୍ତନ କରି ନଜ୍ ଏହି ବ୍ୟବଧାନକୁ ଦୂର କରିବାରେ ସାହାଯ୍ୟ କରିପାରିବ। ସେ ବ୍ୟାବହାରିକ ଅଡିଟ୍, କ୍ଷେତ୍ର ପରୀକ୍ଷଣ ଏବଂ ଡିଜିଟାଲ ସାର୍ବଜନୀନ ଭିର୍ତ୍ତିଭୂମିର ସମ୍ଭାବନା ଉପରେ ଆଲୋକପାତ କରିଥିଲେ ଯାହା କାର୍ଯ୍ୟ କରୁଥିବା ହସ୍ତକ୍ଷେପ ପରୀକ୍ଷଣ, ମାପ ଏବଂ ଦ୍ରୁତ ଗତିରେ ମାପ କରିଥାଏ, ଯାହା ଶାସନକୁ ଅଧିକ ନାଗରିକ କୈନ୍ଦ୍ରିକ, ଫଳାଫଳ-ଆଧାରିତ ଏବଂ ଆର୍ଥିକ ଦୃଷ୍ଟିରୁ ଦକ୍ଷ କରିଥାଏ ।'

# ଦ୍ୱିଶା ଶର୍ମା ମୃତ୍ୟୁ ମାମଲା : ସିବିଆଇର ଚାର୍ଜସିଟ୍ ଦାଖଲ

ଭୋପାଳ : ମଧ୍ୟପ୍ରଦେଶର ଭୋପାଳରେ ଦ୍ୱିଶା ଶର୍ମା ମୃତ୍ୟୁ ମାମଲାରେ ସିବିଆଇ ଏକ ବଡ଼ ଖୁଲାସା କରିଛି। ସିବିଆଇ ୬୩୬ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରି ଏହାକୁ ଏକ ଆତ୍ମହତ୍ୟା ବୋଲି ପ୍ରକାଶ କରିଛି। ସିବିଆଇ କହିଛି ଯେ, ଦ୍ୱିଶାଙ୍କ ଦ୍ୱିତୀୟ ପୋଷ୍ଟମର୍ଟମ୍ ରିପୋର୍ଟରେ ମଧ୍ୟ ଆତ୍ମହତ୍ୟାକୁ ନିଶ୍ଚିତ କରାଯାଇଛି।ଦ୍ୱିଶା ଶର୍ମାଙ୍କ ପରିବାର ପ୍ରାରମ୍ଭିକ ପୋଷ୍ଟମର୍ଟମ ରିପୋର୍ଟକୁ ବିରୋଧ କରି କହିଥିଲେ ଯେ ତଥ୍ୟ ସହିତ ହେରଫେର୍ କରାଯାଇଛି। ଦ୍ୱିଶାଙ୍କ ବାପାମାଆ ଏବଂ ଭାଇ ଅଭିଯୋଗ କରିଥିଲେ, ପୋଷ୍ଟମର୍ଟମ ପୂର୍ବରୁ ତାଙ୍କ ଅଭିଯୁକ୍ତ ଶାଶୁ ଗିରିବାଲାଙ୍କ ପ୍ରଭାବ ଯୋଗୁଁ ତଥ୍ୟ ସହିତ ହେରଫେର୍ କରାଯାଇଥିଲା। ସେମାନେ ସନ୍ଦେହ କରୁଥିଲେ ଯେ ଦ୍ୱିଶାଙ୍କୁ ହତ୍ୟା କରାଯାଇଛି। ଦ୍ୱିଶାଙ୍କ ପରିବାରର ଆପତ୍ତି ପରେ, ଜବଲପୁର



ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଦିଲ୍ଲୀର ଏମସର ଏକ ଦଳ ଭୋପାଳରେ ପହଞ୍ଚି ଏମସରେ ପୁନର୍ବାର ଦ୍ୱିଶାଙ୍କ ପୋଷ୍ଟମର୍ଟମ୍ କରାଯାଇଥିଲେ। ତେବେ ଦ୍ୱିତୀୟ ପୋଷ୍ଟମର୍ଟମ୍ ରିପୋର୍ଟ ମଧ୍ୟ ଆତ୍ମହତ୍ୟାକୁ ନିଶ୍ଚିତ କରିଛି। ମଡେଲ-ଅଭିନେତ୍ରୀ ଦ୍ୱିଶା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ସିବିଆଇ ସମର୍ଥ ସିଂହ ଏବଂ ଗିରିବାଲା ସିଂହଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ପୂର୍ବରୁ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଦ୍ୱିଶା ଶର୍ମାଙ୍କ ଯୌତୁକ ଜନିତ ମୃତ୍ୟୁ ଅଭିଯୋଗରେ ଅଭିଯୁକ୍ତ ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ଗିରିବାଳା ସିଂହ ଏବଂ ତାଙ୍କ ପୁଅ ସମର୍ଥ ସିଂହଙ୍କ ନ୍ୟାୟିକ ହାଜତକୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ନିୟମିତ ମାଜିଷ୍ଟ୍ରେଟ ଛୁଟିରେ ଥିବାରୁ ଜଣେ ଡ୍ୟୁଟି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କୋର୍ଟର ଶୁଣାଣି କରାଯାଇଥିଲା। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଭୟ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ।ଦ୍ୱିଶା ଶର୍ମାଙ୍କ ପରିବାରର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଶୁଭାଙ୍ଗୀ ଦୀକ୍ଷିତ କହିଛନ୍ତି ଯେ ତଦନ୍ତ ଏବେ ବି ଜାରି ରହିଛି ବୋଲି ସିବିଆଇର ଯୁକ୍ତି ଶୁଣିବା ପରେ କୋର୍ଟ ସେମାନଙ୍କ ନ୍ୟାୟିକ ହାଜତ ବୃଦ୍ଧି ପାଇଁ ସିବିଆଇର ଆବେଦନକୁ ମଞ୍ଜୁର କରିଛନ୍ତି। କୋର୍ଟ ଶୁଣାଣି ସମୟରେ, ଅଭିଯୁକ୍ତମାନେ ସ୍ୱର ନମୁନା ପ୍ରଦାନ କରିବାରେ ସହଯୋଗ କରି ନଥିବା ସିବିଆଇର ଅଭିଯୋଗକୁ ବିରୋଧ କରିଥିଲେ। ପ୍ରତିପକ୍ଷ ମଧ୍ୟ ଅଭିଯୋଗ କରିଥିଲେ ଯେ ସ୍ୱର ନମୁନା ସଂଗ୍ରହ ପ୍ରକ୍ରିୟା ସମୟରେ ତଦନ୍ତକାରୀ ସଂସ୍ଥା ଅଧିକାରୀଙ୍କ ଆଚରଣ ଅନୁଚିତ ଥିଲା ଏବଂ କୋର୍ଟ ସମ୍ମୁଖରେ ଏହା ଉପରେ ଆପତ୍ତି ଉଠାଇଥିଲେ। ଦ୍ୱିଶାଙ୍କର ମେ' ୧୨ରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ୩୩ ବର୍ଷ ବୟସ୍କା ଦ୍ୱିଶା ୯ ଡିସେମ୍ବର ୨୦୨୫ରେ ସମର୍ଥଙ୍କୁ ବିବାହ କରିଥିଲେ।

# ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୬ ପ୍ରଥମ ବିଜୟ ଲକ୍ଷ୍ୟରେ ଭାରତୀୟ ମହିଳା ଦଳ

ଆମଷ୍ଟେଲଭିନ୍, ୧୭।୮ (ଏଜେନ୍ସି): ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୬ରେ ନିଜର ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ଭାରତୀୟ ମହିଳା ହକି ଦଳ ଅଗଷ୍ଟ ୧୮ ତାରିଖରେ ଆମଷ୍ଟେଲଭିନର ୱାଗେନର ହକି ଷ୍ଟାଡିୟମରେ ପୁଲ୍ ଡି'ର ଦ୍ୱିତୀୟ ମ୍ୟାଚ୍ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଭାରତ ଚଚୀନ୍ ବିପକ୍ଷରେ ୨-୨ ଗୋଲର ଲଢୁଆ ଡ୍ର' ସହ ନିଜର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା। ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚୀନ୍ ବିପକ୍ଷରେ ଭାରତୀୟ ଦଳ ଦୃଢ଼ତା, ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ମନୋଭାବର ଚମତ୍କାର ପ୍ରଦର୍ଶନ କରିଥିଲା। ଚୀନ୍ ବିପକ୍ଷରେ ଭାରତ ଆତ୍ମବିଶ୍ୱାସର ସହ ମ୍ୟାଚ୍ ଆରମ୍ଭ କରିଥିଲା। ନଭନୀତ ଓ ଦୀପିକା ନିଜର ଚମତ୍କାର ଫର୍ମ ଜାରି ରଖି ଭାରତ ପାଇଁ ଗୋଲ୍ ସ୍କୋର କରିଥିଲେ। ଚୀନ୍ ଦୁଇଥର ମ୍ୟାଚ୍କୁ ସମାନ ସ୍ଥିତିକୁ ଆଣିଥିଲେ ମଧ୍ୟ ଭାରତୀୟ ଦଳର ରକ୍ଷଣାତ୍ମକ ଶୃଙ୍ଖଳା ଓ ଲଢୁଆ ମନୋଭାବ ତାଙ୍କୁ ଏକ ମୂଲ୍ୟବାନ ପଏଣ୍ଟ ହାସଲ କରିବାରେ ସହାୟତା କରିଥିଲା। ଏହି ଫଳାଫଳ ଭାରତକୁ ଦକ୍ଷିଣ



## ଆଜି ପୁଲ୍ ଡି'ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ

ଆଫ୍ରିକା ବିପକ୍ଷ ମ୍ୟାଚ୍ ପୂର୍ବରୁ ଆତ୍ମବିଶ୍ୱାସ ଦେବ। ତେବେ ସକାରାତ୍ମକ ଗତିକୁ ତିନି ପଏଣ୍ଟରେ ପରିଣତ କରିବାର ଗୁରୁତ୍ୱକୁ ମଧ୍ୟ ଏହା ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ, ଦକ୍ଷିଣ ଆଫ୍ରିକା ନିଜର ପ୍ରଥମ ପୁଲ୍ ଡି' ମ୍ୟାଚ୍ରେ ଇଂଲଣ୍ଡଠାରୁ ୦-୪ ଗୋଲରେ ପରାସ୍ତ ହେବା ପରେ ଜୋରଦାର ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁବ। ଇଂଲଣ୍ଡ ବର୍ତ୍ତମାନ ପୁଲର ଶୀର୍ଷରେ ରହିଥିବା ବେଳେ ଭାରତ ଓ ଚୀନ୍ ନିଜର ପ୍ରଥମ ମ୍ୟାଚ୍ ଡ୍ର' କରିବା ପରେ ସମାନ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ପ୍ରଥମ ପର୍ଯ୍ୟାୟର ପ୍ରତ୍ୟେକ ପୁଲରୁ ଶୀର୍ଷ ଦୁଇଟି ଦଳ ପରବର୍ତ୍ତୀ ନକ୍‌ଆଉଟ୍ ପର୍ଯ୍ୟାୟକୁ ଯିବାରୁ ପ୍ରତ୍ୟେକ ପଏଣ୍ଟର ଗୁରୁତ୍ୱ ବଢ଼ିଯାଇଛି। ତେଣୁ ଭାରତ ଜାଣିଛି ଯେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଜୟ ତାଙ୍କର ପରବର୍ତ୍ତୀ ପର୍ଯ୍ୟାୟର ଯୋଗ୍ୟତା ଆଶାକୁ ଆହୁରି ମଜବୁତ କରିପାରିବ। ତେବେ ମୁଖ୍ୟ ପ୍ରଶିକ୍ଷକ ସ୍ପୋର୍ଡ ମାରିଜ୍ନେ ତାଙ୍କ ଖେଳାଳିମାନଙ୍କୁ ପଏଣ୍ଟର ଗଣିତ ଉପରେ ଧ୍ୟାନ ନ ଦେବାକୁ କହିଛନ୍ତି। ମାରିଜେନ କହିଛନ୍ତି, "ଆମେ ଗଣିତ କିମ୍ବା କିଏ କାହାକୁ ହରାଉଛି, ସେଥିରେ ଧ୍ୟାନ ଦେଉନାହୁଁ। ଆମ ପାଇଁ ସବୁଠାରୁ ଜରୁରୀ ହେଉଛି ନିଜ ଉପରେ ଏବଂ ନିଜର ଶକ୍ତି ଉପରେ ଧ୍ୟାନ ଦେବା।" ସେ ଆହୁରି କହିଛନ୍ତି, "ଆମେ (ଚୀନ୍ ବିପକ୍ଷରେ) ସୁଯୋଗ ସୃଷ୍ଟି କରିଥିଲୁ। ଏହା ଏକ ସକାରାତ୍ମକ ଦିଗ ଥିଲା। ମୋତେ ଲାଗୁଛି, ରକ୍ଷଣାତ୍ମକ ଭାବେ ଆମେ ବହୁତ ଦୃଢ଼ ଥିଲୁ। ଆମକୁ ଡବଲ୍ ଟର୍ଣ୍ଣଓଭର ଉପରେ କାମ କରିବାକୁ ପଡ଼ିବ। ବଲ୍ ଜିତିବା ଏବଂ ତାହାକୁ ନିଜ ନିୟନ୍ତ୍ରଣରେ ରଖିବା। ଏହି କ୍ଷେତ୍ରରେ ଆମେ ଆହୁରି ଭଲ କରିପାରିବୁ।" ସେ ଯୋଗ କରିଛନ୍ତି, "ଏବେ ଆମେ ଦକ୍ଷିଣ ଆଫ୍ରିକାକୁ ଭେଟିବୁ ଏବଂ ମୁଁ ଝିଅମାନଙ୍କୁ କହିଛି ଯେ କୌଣସି ଭାବେ ଏହି ମ୍ୟାଚ୍କୁ ହାଲୁକା ଭାବେ ନେବା ନାହିଁ। ଦକ୍ଷିଣ ଆଫ୍ରିକା ମଧ୍ୟ ଏକ ଭଲ ଦଳ ତେଣୁ ଆମକୁ ଏହି ମ୍ୟାଚ୍ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ।" "ଭାରତ ପାଇଁ ଚୀନ୍ ବିପକ୍ଷରେ ଯେଉଁ ତୀବ୍ରତା ଓ ଧୈର୍ଯ୍ୟ ଦେଖାଇଥିଲା, ତାହାକୁ ବଜାୟ ରଖିବା ସହ ଆକ୍ରମଣାତ୍ମକ ତୃତୀୟାଂଶରେ ଅଧିକ ସୁଯୋଗକୁ ଗୋଲରେ ପରିଣତ କରିବାକୁ ପଡ଼ିବ। ନଭନୀତ ଓ ଦୀପିକାଙ୍କ ଟୁର୍ଣ୍ଣାମେଣ୍ଟର ଆରମ୍ଭରୁ ଭଲ ଫର୍ମ ଦଳ ପାଇଁ ଏକ ବଡ଼ ଆତ୍ମବିଶ୍ୱାସର ଉତ୍ସ ହେବ। ଏଥିସହ ଚାପ ମଧ୍ୟରେ ଦଳର ଦୃଢ଼ତା ପୁଣିଥରେ ପରୀକ୍ଷା ହେବ। ଅନ୍ୟପକ୍ଷରେ, ପ୍ରଥମ ମ୍ୟାଚ୍ର ପରାଜୟ ପରେ ଦକ୍ଷିଣ ଆଫ୍ରିକା ଜୋରଦାର ପ୍ରତିକ୍ରିୟା ଦେବାକୁ ଚାହିଁବ। ଏହି ଦଳ ପାଇଁ ମଧ୍ୟ ଏବେ ପ୍ରତ୍ୟେକ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଭାରତ ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଆଶା କରିପାରେ। ଚୀନ୍ ବିପକ୍ଷରେ ଦେଖାଇଥିବା ବିଶ୍ୱାସ, ଭୋକ ଓ ଲଢୁଆ ମନୋଭାବରୁ ଭାରତୀୟ ଦଳ ଆତ୍ମବିଶ୍ୱାସ ନେବ। ଏବେ ବିଶ୍ୱକପ୍ର ପ୍ରଥମ ବିଜୟ ଉପରେ ନଜର ରଖି ଭାରତ ସେହି ଭିତ୍ତିକୁ ଆହୁରି ମଜବୁତ କରିବା, ତିନିଟି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହାସଲ କରିବା ଏବଂ ରୋମାଞ୍ଚକ ପୁଲ୍ ଡି'ରେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିବ।

# ଜୁନିଅର ରାଜ୍ୟ କବାଡି ପ୍ରତିଯୋଗିତା ଉଦଯାପିତ

ଭୁବନେଶ୍ୱର, ୧୭।୮ (ସବ୍ୟୁ) : ଚଳିତ ମାସ ଅଗଷ୍ଟ ୧୩ ରୁ ୧୬ ତାରିଖ, ୨୦୨୬ ଯାଏଁ ସ୍ଥାନୀୟ ଟାଇମ୍ସ ସ୍କଲାର୍ସ, ଗୁରୁକୁଳ, ଭୁବନେଶ୍ୱରଠାରେ ଆୟୋଜିତ '୫୨ତମ ଜୁନିଅର ରାଜ୍ୟ କବାଡ଼ି ପ୍ରତିଯୋଗିତା' ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସମାରୋହରେ



ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ବିଜେପିର ଉପସଭାପତି ଶ୍ରୀ ଗୋଲକ ମହାପାତ୍ର, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି, ପବିତ୍ରା ଶତପଥୀ, ମୁକ୍ତା ସାହୁ, ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ଟାଇମ୍ସ ସ୍କଲାର ଗୁରୁକୁଳର ଅଧ୍ୟକ୍ଷ ଡ. ସାରଦା ପ୍ରସାଦ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମହାପାତ୍ର, ଓଡ଼ିଶା କବାଡ଼ି ଆସୋସିଏସନର ଅବୈତନିକ ସଚିବ ଅଜୟ କୁମାର ବେହେରା, ଚିନ୍ମୟ ମହାନ୍ତି, ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବାଳକ ବିଭାଗରେ ବିଜେତା ଖୋର୍ଦ୍ଧା ଦଳକୁ ପୁରସ୍କାର ସହ ୩୦,୦୦୦ ଟଙ୍କା ମୁଦ୍ରା ରାଶି, ଦ୍ୱିତୀୟସ୍ଥାନ ବାଲେଶ୍ୱରକୁ ପୁରସ୍କାର ସହ ୨୦,୦୦୦ଟଙ୍କା ମୁଦ୍ରା ରାଶି, ତୃତୀୟସ୍ଥାନ ଗଞ୍ଜାମକୁ ପୁରସ୍କାର ସହ ୧୦,୦୦୦ ଟଙ୍କା ମୁଦ୍ରା ରାଶି, ଚତୁର୍ଥ ସ୍ଥାନ ସମ୍ବଲପୁରଙ୍କୁ ଟ୍ରଫି ମିଳିଥିଲା । ବାଳିକା ବିଭାଗରେ ବିଜେତା ସମ୍ବଲପୁର ଦଳକୁ ପୁରସ୍କାର ସହ ୩୦,୦୦୦ ଟଙ୍କା ମୁଦ୍ରା ରାଶି, ଦ୍ୱିତୀୟସ୍ଥାନ ପୁରୀ ଦଳକୁ ପୁରସ୍କାର ସହ ୨୦,୦୦୦ ଟଙ୍କା ମୁଦ୍ରା ରାଶି, ତୃତୀୟସ୍ଥାନ ଭୁବନେଶ୍ୱର ଦଳକୁ ପୁରସ୍କାର ସହ ୧୦,୦୦୦ ଟଙ୍କା ମୁଦ୍ରା ରାଶି, ଚତୁର୍ଥ ସ୍ଥାନ ଆର.ଏଲ୍.ସି., ରାଉରକେଲାଙ୍କୁ ଟ୍ରଫି ମିଳିଥିଲା । ଏହି ପ୍ରତିଯୋଗିତାରେ ମୋଟ୍ ୩୦ ଜିଲ୍ଲାରୁ ଖେଳାଳୀମାନେ ଅଂଶଗ୍ରହଣ କରିଥିଲେ ।

# ଫାଓ ଫୁଟବଲ : ପୋଲିସ ଟିମକୁ ସମ୍ବର୍ଦ୍ଧିତ କଲେ ଡିଜିପି

କଟକ, ୧୭।୮ (ସବ୍ୟୁ) : ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଫାଓ ଫୁଟବଲ ଲିଗରେ ଚମ୍ପିଆନ୍ ହୋଇଥିବା ଓଡ଼ିଶା ପୁଲିସ ଫୁଟବଲ ଦଳ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡିଜିପି ଶ୍ରୀ ମିଶ୍ର ଚାମ୍ପିଅନ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଛନ୍ତି। ଡିଜିପି ଶ୍ରୀ ମିଶ୍ର କହିଛନ୍ତି ଯେ, ଓଡ଼ିଶା ପୁଲିସ କ୍ରୀଡ଼ାବିତମାନେ ନିଜର ପ୍ରତିଭା, ଶୃଙ୍ଖଳା ଓ ନିଷ୍ଠା ଦ୍ୱାରା ପୁଲିସ ବାହିନୀର ଗୌରବ ବୃଦ୍ଧି କରୁଛନ୍ତି। ଫାଓ ଫୁଟବଲ ଲିଗ୍ରେ ଏହି ସଫଳତା ଅନ୍ୟ କ୍ରୀଡ଼ାବିତମାନଙ୍କୁ ମଧ୍ୟ ଉଚ୍ଚକୋଟିର କ୍ରିଡ଼ା ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇବ। ଭବିଷ୍ୟତରେ ଓଡ଼ିଶା ପୋଲିସ କ୍ରୀଡ଼ାବିତମାନେ ଆହୁରି ଅନେକ ସଫଳତା ହାସଲ କରି ରାଜ୍ୟ ପୋଲିସ ବାହିନୀ ପାଇଁ ଗୌରବ ଆଣିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୧୬ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ




ଅନୁଷ୍ଠିତ ଫାଓ ଫୁଟବଲ ଲିଗର ଫାଇନାଲ ମ୍ୟାଚରେ ଓଡ଼ିଶା ପୋଲିସ ୫-୧ ଗୋଲ୍ରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରି ଚମ୍ପିଆନ୍ ହୋଇଥିଲା। ଫାଇନାଲ ମ୍ୟାଚରେ ଓଡ଼ିଶା ପୁଲିସ ପକ୍ଷରୁ ପୁରୁଷୋତ୍ତମ କେରକେଟା ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ଲଖାଇ ମୁର୍ମୁ, ରାଇସେନ ଟୁଡୁ ଓ ବିଜୟ ବେହେରା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଦଳର ଏହି ଚମତ୍କାର ପ୍ରଦର୍ଶନ ଓଡ଼ିଶା ପୁଲିସର କ୍ରୀଡ଼ା ଦକ୍ଷତା ଓ ଟିମ୍ ସ୍ପିରିଟ୍ର ଉତ୍କୃଷ୍ଟ ନିଦର୍ଶନ। ଚମ୍ପିଆନ୍ ହେବା ସହ ଓଡ଼ିଶା ପୋଲିସ ଦଳ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ହାସଲ କରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର , ଆଇଜିପି (କାର୍ମିକ) ପ୍ରବୀଣ କୁମାର ଓ କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ପାଇଁ ଓଡିଶା ଦଳ ଘୋଷଣା

ଭୁବନେଶ୍ୱର,୧୭/୮ (ସବ୍ୟୁ) : ସେପ୍ଟେମ୍ବର ମାସ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିଅନସିପ ପାଇଁ ଓଡ଼ିଶା ଦଳ ଘୋଷଣା ହୋଇଛି । ଏହି ଚୟନ ପ୍ରକ୍ରିୟା ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ପଞ୍ଜିକୃତ ଖେଳାଳିମାନେ ହାସଲ କରିଥିବା ରେଙ୍କିଙ୍ଗ ପଏଣ୍ଟ ସହ ଏକ ସିଲେକ୍ସନ ଟ୍ରାଏଲକୁ ନେଇ ଖେଳାଳି ଚୟନ କରାଯାଇଥାଏ । ଇଷ୍ଟ ଜୋନର ୬ ଟି ରାଜ୍ୟ ଓଡିଶା, ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡ ଖେଳାଳିମାନଙ୍କୁ ନେଇ ଏହି ପ୍ରତିଯୋଗିତା ଉଭୟ ଟିମ୍ ଇଭେଣ୍ଟ ଓ ଇଣ୍ଡିଭିଜୁଏଲ ଚମ୍ପିୟାନସିପ୍ ଅନୁଷ୍ଠିତ ହେବ। ଓଡିଶାର ଜୁନିୟର ଦଳରେ ସୌମ୍ୟଜିତ ସାହୁ, ଦିବ୍ୟମ୍ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିସା ଓଝା, ସ୍ୱାତି ନାୟକ, ଅମ୍ବିକା ମିଶ୍ର ଚୟନ ହୋଇଥିବା ବେଳେ ସିନିୟର ଦଳରେ ତହସିବ୍ ଖାନ, ଦିବ୍ୟମ କେଜ୍ରିୱାଲ, ଜୈସ ଅଗ୍ରୱାଲ, ଅଭିଜିତ ମହାରଣା, ତନ୍ମୟ କୁମାର ସାହୁ, ଶୁଭ୍ରକେତନ ମଲ୍ଲିକ, କଲଗା ଜଗଦିଶ, ତ୍ରୁମି ବାକ୍ଟି, ହର୍ଷିତା ରାଉତ, ଆଶ୍ରିୟ ଜି. ବିରୋପ, ନିମିଶା ଓଝା, ସ୍ୱାତି ନାଏକ, ଅମ୍ବିକା ମିଶ୍ର, ସ୍ୱିଟିପ୍ରିୟା ପ୍ରଧାନ ପ୍ରମୁଖ ଖେଳାଳି ସ୍ଥାନ ପାଇଛନ୍ତି। ଦିବ୍ୟମ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିଶା ଓଝା, ଅମ୍ବିକା ମିଶ୍ର ଓ ସ୍ୱାତି




ନାୟକ ଉଭୟ ଜୁନିୟର ଓ ସିନିୟର ଦଳରେ ଖେଳିବା ପାଇଁ ଚୟନ ହୋଇଛନ୍ତି । ଏହି ଚାମ୍ପିଅନସିପରେ ଦଳ ବାଳକ ସିଙ୍ଗିଲ୍ସ, ବାଳିକା ସିଙ୍ଗିଲ୍ସ, ବାଳକ ଡବଲ୍ସ, ବାଳିକା ଡବଲ୍ସ, ମିକ୍ସ ଡବଲ୍ସ ବିଭାଗର ଉଭୟ ସିନିୟର ଏବଂ ଜୁନିୟର କେଟାଗୋରିରେ ପ୍ରତିଯୋଗିତା କରିବ । ଓସ୍ବା ସଂପାଦକ ତଥା ଚୟନ କମିଟି ଆବାହକ ନିଳିନ କୁମାର, ଚୟନ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ପଟ୍ଟନାୟକ ଚୁଡାନ୍ତ ଦଳ ଘୋଷଣା କରିଥିଲେ। ଏହି ଚୟନ କମିଟିରେ ଅନ୍ୟମାନଙ୍କ ମଧ୍ୟରେ ବର୍ଷିୟାନ ବ୍ୟାଡମିଣ୍ଟନ ଖେଳାଳି ତଥା କୋଚ କମଲ ଦାସ, ବିଜୟ କୁମାର ବାଗ, ଜୟପ୍ରକାଶ ସିଂ, ମନୋରଂଜନ ପଣ୍ଡା, ବିବେକ କର, ଶୁଭ୍ରତା କାନୁନଗୋ, ସୋମେନ ଶେଖର ଦାଶ ପ୍ରମୁଖ ସଦସ୍ୟ ଅଛନ୍ତି। ଇଷ୍ଟଜୋନ ଚାମ୍ପିଅନସିପରେ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ଠାରେ ଓଡିଶା ଦଳ ୧୭ ରୁ ୩୦ ପର୍ଯ୍ୟନ୍ତ ଏକ କୋଚିଂ କାର୍ଯ୍ୟକ୍ରମ ଚାଲିବ। ଏହି କ୍ୟାମ୍ପକୁ ଖେଳାଳିମାନଙ୍କୁ ଜାତୀୟ ସ୍ତରର ଜଣାଶୁଣା କୋଚମାନେ ତାଲିମ ପ୍ରଦାନ କରିବେ । ବିଗତ ବର୍ଷମାନଙ୍କର ଇଷ୍ଟଜୋନ ଚାମ୍ପିଅନସିପରେ ଓଡିଶା ଦଳ ଉତ୍ତମ ପ୍ରଦର୍ଶନ କରିଥିବାରୁ ଏ ବର୍ଷ ମଧ୍ୟ ଦଳ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଚୟନ କମିଟି ଆବାହକ ନଳିନ କୁମାର ଜଣାଇଛନ୍ତି ।

# ଜାଡ଼େଜା ଚତୁର୍ଥ ଅଲରାଉଣ୍ଡର

କଲମ୍ବୋ, ୧୭।୮ (ଏଜେନ୍ସି) : ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିନ ଶେଷ ସୁଦ୍ଧା ଶ୍ରୀଲଙ୍କା ୧୭୮ ରନ ପଛରେ ରହିଛି । ଭାରତ ୪୬୨ ରନ କରିଥିବା ବେଳେ ଶ୍ରୀଲଙ୍କା ୨୮୪ ରନ କରିଛି। ସୋମବାର ରବୀନ୍ଦ୍ର ଜାଡ଼େଜା ୩ ୱିକେଟ୍ ନେଇ ୩୫୦ ୱିକେଟ୍ ପୂରଣ କରିଛନ୍ତି। ଏଥିସହ ସେ ୪,୦୦୦ ରନ୍ ଓ ୩୫୦ ୱିକେଟ୍ ନେବାରେ ଚତୁର୍ଥ କ୍ରିକେଟର୍ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ଧନଞ୍ଜୟ ଡି'ସିଲଭା ଓ କେଶରା ନୁୱାନ୍ତା ୱିକେଟ୍ ନେଇ ଏହି ସଫଳତା ପାଇଥିଲେ । ଶେଷରେ ଶତକୀୟ ପାଳି ଖେଳିଥିବା ସୋନାଲ ଦିନୁଶା (୧୦୦) ଙ୍କୁ ଆଉଟ୍ କରି ନିଜ ଟେଷ୍ଟ ୱିକେଟ୍ ସଂଖ୍ୟା ୩୦୧ରେ ପହଞ୍ଚାଇଥିଲେ। ତାଙ୍କ ପୂର୍ବରୁ ଏହି କ୍ଲବରେ ଭାରତର କପିଳ ଦେବ, ଇଂଲଣ୍ଡର ଇଆନ ବୋଥାମ ଓ ନ୍ୟୁଜିଲାଣ୍ଡର ଡାନିଏଲ୍ ଭିଟୋରି ରହିଥିଲେ। ଏହି ୪ ଅଲରାଉଣ୍ଡରଙ୍କ ଭିତରେ ଜାଡ଼େଜା ୧୦୦ରୁ କମ୍ ଟେଷ୍ଟ୍ରେ ଏହି ସଫଳତା ପାଇଛନ୍ତି। କପିଳ ଦେବ ୧୩୪ ଟେଷ୍ଟରୁ ୫୨୪୮ ରନ୍ କରିଥିଲା ବେଳେ ୪୩୪ ୱିକେଟ୍ ନେଇଛନ୍ତି। ତାଙ୍କ ପଛକୁ ବୋଥାମ (୫୨୦୦ ରନ୍, ୩୮୩ ୱିକେଟ୍) ଓ ଭେଟୋରି (୪୫୩୦ ରନ୍, ୩୬୨ ୱିକେଟ୍) ରହିଛନ୍ତି।

# ୨୨ରେ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର ସିଲଭର୍' ମିଟ୍

ଭୁବନେଶ୍ୱର, ୧୭।୮ (ସବ୍ୟୁ): ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଆସନ୍ତା ଅଗଷ୍ଟ ୨୨ ତାରିଖରେ ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମରେ ପ୍ରସିଦ୍ଧ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର ସିଲଭର୍ ମିଟ୍' ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ଆଥଲେଟିକ୍ସ ମହାସଂଘ ଏବଂ ୱାର୍ଲ୍ଡ ଆଥଲେଟିକ୍ସର ମିଳିତ ସହଯୋଗରେ ଏହି ବିଶାଳ ପ୍ରତିଯୋଗିତା ଆୟୋଜିତ ହେଉଛି। ଗତବର୍ଷ ଏହା ବ୍ରୋଞ୍ଜ ସ୍ତରର ହୋଇଥିବା ବେଳେ, ଏଥର ଏହାକୁ ସିଲଭର୍ ସ୍ତରକୁ ଉନ୍ନୀତ କରାଯାଇଛି। ୨୦୨୮ ମସିହାରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ବିଶ୍ୱ ଏବଂ ଏସୀୟ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ଏହା ଏକ ପ୍ରମୁଖ ପ୍ରସ୍ତୁତି ପର୍ଯ୍ୟାୟ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ଦେଶକୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ଦିନିକିଆ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୨୭ ଟି ଦେଶରୁ ମୋଟ ୧୮୮ ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ। ଏଥିମଧ୍ୟରେ ୯୯ ଜଣ ବିଦେଶୀ ଖେଳାଳିଙ୍କ ସହ ୮୮ ଜଣ ଭାରତୀୟ ଆଥଲେଟ୍ ନିଜର ପ୍ରତିଭା ଦେଖାଇବାର ସୁଯୋଗ ପାଇବେ। ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲ ଭଳି ଦେଶରୁ ବଡ଼ ଦଳ ଏହି ମିଟ୍ରେ ଭାଗ ନେଉଛନ୍ତି। ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଭାବେ ୯ଟି ଲେଖାଏଁ, ମୋଟ ୧୮ଟି ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଅନୁଷ୍ଠିତ ହେବ। କୃତି ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ନଗଦ ପୁରସ୍କାର ସହ ଗୁରୁତ୍ୱପୂର୍ଣ୍ଣ ୱାର୍ଲ୍ଡ ର୍‍ୟାଙ୍କିଂ ପଏଣ୍ଟ ମଧ୍ୟ ରହିଛି, ଯେଉଁଥିରେ ପ୍ରଥମ ସ୍ଥାନ ପାଇଁ ୧,୬୦୦ ଡଲାର, ଦ୍ୱିତୀୟ ସ୍ଥାନ ପାଇଁ ୧,୨୦୦ ଡଲାର ଏବଂ ତୃତୀୟ ସ୍ଥାନ ପାଇଁ ୯୦୦ ଡଲାର ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାର ମୁଖ୍ୟ ଆକର୍ଷଣ ପାଲଟିବେ ବିଶ୍ୱ ର୍‍ୟାଙ୍କିଂର ଶ୍ରେଷ୍ଠ ୫୦ ଜଣଙ୍କ ମଧ୍ୟରେ ଥିବା ୩୬ ଜଣ ପ୍ରସିଦ୍ଧ ଆଥଲେଟ୍। ପ୍ୟାରିସ୍ ୨୦୨୪ ଓଲମ୍ପିକ୍ସର ୪୦୦ ମିଟର ବ୍ରୋଞ୍ଜ ପଦକ ବିଜେତା ମୁଜାଲା ସାମୁକୋଙ୍ଗା ଏବଂ ନାଇଜେରିଆର ଶଟପୁଟ୍ ତାରକା ଚୁକୱେବୁକା ଏନେକୱେଚି ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ। ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ସମ୍ବାଦଦାତା ସମ୍ମିଳନୀରେ କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ ସୂଚନା ଦେଇଛନ୍ତି ଯେ, ସାଧାରଣ ଜନତା, ଛାତ୍ରଛାତ୍ରୀ ଓ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ପାଇଁ କଳିଙ୍ଗ ଷ୍ଟାଡିୟମକୁ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ରଖାଯାଇଛି। ସେହିପରି ୱାର୍ଲ୍ଡ ଆଥଲେଟିକ୍ସର ଉପ-ସଭାପତି ଡ. ଆଦିଲେ ସୁମାରିୱାଲା ଓଡ଼ିଶା ସରକାରଙ୍କ ଯୋଗଦାନକୁ ପ୍ରଶଂସା କରିବା ସହ ଏହି ସିଲଭର ମିଟ୍ ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ ବୋଲି ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଅଶୋକ କୁମାର ପଣ୍ଡା, ଏବଂ ଏଏଫଆଇର କୋଷାଧ୍ୟକ୍ଷ ଶ୍ରୀ ବି. ଇ. ଷ୍ଟାନଲି ମଧ୍ୟ ଉପସ୍ଥିତ ଥିଲେ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ଏଫ୍‌ଆଇଏଚ୍ ହକି ପୁରୁଷ ବିଶ୍ୱକପ୍ ୨୦୨୬

# ଜାତୀୟ ଦଳରେ ସ୍ଥାନ ପାଇଲେ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ୮ ଖେଳାଳି

ଭୁବନେଶ୍ୱର, ୧୭।୮ (ସବ୍ୟୁ) : ବର୍ତ୍ତମାନର ହକି ଇଣ୍ଡିଆ ଲିଗ୍ ଚାମ୍ପିଅନ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ୮ ଜଣ ଖେଳାଳି ୨୦୨୬ ଏଫ୍‌ଆଇଏଚ୍ ହକି ପୁରୁଷ ବିଶ୍ୱକପରେ ଭାରତ, ବେଲଜିୟମ୍ ଓ ଅଷ୍ଟ୍ରେଲିଆର ଜାତୀୟ ଦଳ ପକ୍ଷରୁ ଖେଳିବା ପାଇଁ ଚୟନିତ ହୋଇଛନ୍ତି। ବେଲଜିୟମ୍ ଓ ନେଦରଲ୍ୟାଣ୍ଡସରେ ଆସନ୍ତା ଅଗଷ୍ଟ ୧୫ରୁ ୩୦ ପର୍ଯ୍ୟନ୍ତ ଏହି ପ୍ରତିଷ୍ଠିତ ପ୍ରତିଯୋଗିତା ଆୟୋଜିତ ହେବ। ଗତ ଜାନୁଆରୀରେ କଳିଙ୍ଗ ହକି ଷ୍ଟାଡିୟମରେ ଆୟୋଜିତ ଫାଇନାଲରେ ରାଞ୍ଚି ରୟାଲ୍ସକୁ ୩-୨ ଗୋଲରେ ପରାସ୍ତ କରି ଲାନ୍ସର୍ସ ନିଜର ଦ୍ୱିତୀୟ ଏଚ୍‌ଆଇଏଲ ଟାଇଟଲ୍ ଜିତିଥିଲା। ସମଗ୍ର ସିଜନରେ ଦଳ ସର୍ବଶ୍ରେଷ୍ଠ ରକ୍ଷଣଭାଗ ଏବଂ ସର୍ବାଧିକ ପେନାଲ୍ଟି କର୍ଣ୍ଣର ରୂପାନ୍ତରଣ ହାର ରେକର୍ଡ କରିଥିଲା। ଭାରତୀୟ ଦଳରେ ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ବିଜେତା ଡିଫେଣ୍ଡର ସଞ୍ଜୟ




ଏବଂ ଟୋକିଓ ୨୦୨୦ ଅଲିମ୍ପିକ୍ସର ବ୍ରୋଞ୍ଜ ପଦକ ବିଜେତା ଫରୱାର୍ଡ ଦିଲପ୍ରୀତ ସିଂହ ସ୍ଥାନ ପାଇଛନ୍ତି। ସହ-ଆୟୋଜକ ବେଲଜିୟମ୍ ଦଳରେ ଲାନ୍ସର୍ସର ଅଧିନାୟକ ଆର୍ଥର ଭାନ୍ ଡୋରେନ୍ ଏବଂ ଡ୍ରାଗ୍-ଫ୍ଲିକ୍ ବିଶେଷଜ୍ଞ ଆଲେକ୍ସାଣ୍ଡର ହେଣ୍ଡ୍ରିକ୍ସଙ୍କୁ ସ୍ଥାନ ମିଳିଛି। ଉଭୟେ ଟୋକିଓ ୨୦୨୦ ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ଏବଂ ରିଓ ୨୦୧୬ ଅଲିମ୍ପିକ୍ସର ରୌପ୍ୟ ପଦକ ବିଜେତା। ଏହି ଏଚ୍‌ଆଇଏଲ ସିଜନରେ ହେଣ୍ଡ୍ରିକ୍ସ ୧୨ଟି ଗୋଲ କରି ଲାନ୍ସର୍ସର ସର୍ବାଧିକ ଗୋଲଦାତା ଥିଲେ। ଅଷ୍ଟ୍ରେଲିଆ ଦଳରେ ଗୋଲକିପର ଜେଡ୍ ସ୍ନୋଡେନ୍, ମିଡଫିଲ୍ଡର ଲିଆମ୍ ହେଣ୍ଡରସନ୍, ଫରୱାର୍ଡ କ୍ରେଗ୍ ମାରାଇସ୍ ଏବଂ ରିଜର୍ଭ ଖେଳାଳି କୁପର ବର୍ନ୍ସଙ୍କୁ ସାମିଲ କରାଯାଇଛି। ବେଲଜିୟମ୍ ୱାଭେରରେ ପୁଲ୍-ବି, ଅଷ୍ଟ୍ରେଲିଆ ଆମେଲ୍ସଭିନରେ ପୁଲ୍-ସି ଏବଂ ଭାରତ ପୁଲ୍-ଡିରେ ପ୍ରତିଦ୍ୱନ୍ଦ୍ୱିତା କରିବ। କ୍ରସ୍‌ଓଭର କିମ୍ବା ନକ୍‌ଆଉଟ୍ ପର୍ଯ୍ୟାୟରେ ଏହି ତିନି ଦଳ ଏବଂ ସେମାନଙ୍କ ଲାନ୍ସର୍ସ ସହ ଖେଳାଳିଙ୍କ ମଧ୍ୟରେ ମୁକାବିଲା ହେବାର ସମ୍ଭାବନା ରହିଛି। ବେଦାନ୍ତ ଆଲୁମିନିୟମ୍ ମେଟାଲ୍ ଲିମିଟେଡ୍ର ସିଇଓ ରାଜେଶ କୁମାର କହିଛନ୍ତି, "ବିଶ୍ୱ ହକିର ସର୍ବୋଚ୍ଚ ପ୍ରତିଯୋଗିତା ପାଇଁ ଆମର ୮ ଜଣ ଖେଳାଳିଙ୍କ ଚୟନ ସମଗ୍ର ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପରିବାର ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହା ଶ୍ରେଷ୍ଠତା, ଶୃଙ୍ଖଳା ଏବଂ ବିଶ୍ୱସ୍ତରୀୟ ଦକ୍ଷତାର ସମନ୍ୱୟରେ ଏକ ଶକ୍ତିଶାଳୀ ଦଳ ଗଠନ ପ୍ରତି ଆମର ପ୍ରତିବଦ୍ଧତାର ପ୍ରତିଫଳନ। ଆମର ଖେଳାଳିମାନେ ନିଜ ନିଜ ଦେଶକୁ ପ୍ରତିନିଧିତ୍ୱ କରୁଥିବା ଏବଂ ସମ୍ଭବତଃ ପରସ୍ପର ବିରୋଧରେ ଖେଳୁଥିବା ଦେଖିବା ବିଶ୍ୱର ଏବଂ ଓଡ଼ିଶାର ହକିପ୍ରେମୀମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭବ ହେବ।" ୨୦୨୬ ଏଫ୍‌ଆଇଏଚ୍ ହକି ପୁରୁଷ ବିଶ୍ୱକପ୍ ଦୁଇଟି ଭେନ୍ୟୁ—ୱାଭେରର ବେଲଫିଅସ୍ ହକି ଆରେନା ଏବଂ ଆମ୍ଷ୍ଟେଲ୍ଭିନ୍ର ୱାଗେନର ଷ୍ଟାଡିୟମରେ ଆୟୋଜିତ ହେବ। ପ୍ରଥମଥର ପାଇଁ ଏହି ବିଶ୍ୱକପ୍ ଦୁଇଟି ଦେଶ ମିଳିତ ଭାବେ ଆୟୋଜନ କରୁଛନ୍ତି। ୧୬ଟି ଦେଶକୁ ୪ଟି ପୁଲରେ ବିଭକ୍ତ କରାଯାଇ ଟାଇଟଲ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି